


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୯ ଜାନୁଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-୮ ■ Baleshwar ♦ FRIDAY 29 JANUARY 2021
Vol.No. 31 ■ No. 27 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଲାଲା ଲାଜପତ ରାୟଙ୍କୁ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୮।୦୧ (ନି.ପ୍ର): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପଂଜାବ କେଶରୀ ଲାଲା ଲାଜପତ ରାୟଙ୍କୁ ତାଙ୍କର ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଂଜଳି ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଟ୍ୱିଟ କରି କହିଛନ୍ତି ଯେ ସେ ଜଣେ ରାଷ୍ଟ୍ରବାଦୀ ତଥା ସ୍ୱଦେଶୀ ଆନ୍ଦୋଳନର ପ୍ରଖର ପ୍ରବକ୍ତା ଥିଲେ । ତାଙ୍କର ଦେଶ ପାଇଁ ପ୍ରେମ ଓ ବଳିଦାନ ଲୋକ ମାନଙ୍କୁ ପ୍ରେରଣା ଯୋଗାଉଥିବ ।

# ଗାଜିପୁର ସୀମାରେ ଜାରି ହେଲା ଧାରା ୧୪୪

## ଗଣତନ୍ତ୍ର ଦିବସର ହିଂସାକାଣ୍ଡ ପରେ ପ୍ରଥମ ଥର ପାଇଁ ଶକ୍ତ ନୀତି ଆପଣାଇଲା ପୋଲିସ



ନୂଆଦିଲ୍ଲୀ,୨୮।୦୧ (ନି.ପ୍ର): ଚାଷୀ ଆନ୍ଦୋଳନ ଭିତରେ ଗାଜିପୁର ସୀମାରେ ଜାରି ହେଲା ଧାରା ୧୪୪ । ଜାନୁଆରୀ ୨୬ରେ ଟ୍ରାକ୍ଟର ରାଲିରେ ହିଂସାକାଣ୍ଡ ପରେ ଶକ୍ତ ସ୍ୱଭାବ ଦେଖାଇଲା ଦିଲ୍ଲୀ ପୋଲିସ । ଗାଜିପରୁ ସୀମାରେ ଏକାଧିକ ଲୋକ ଏକାଠି ହେବା ଉପରେ ଲାଗିଲା କଟକଣା । ଉତ୍ତରପ୍ରଦେଶ ଓ ଦିଲ୍ଲୀ ସୀମା ଗାଜିପୁରରେ ଚାଷୀ ମାନେ ଆନ୍ଦୋଳନ ଚଳାଇଛନ୍ତି । ପୋଲିସ କିନ୍ତୁ ସେଠାରେ ପ୍ରଶାସନର ଅନୁମତି ନେଇ ଧାରା ୧୪୪ ଲାଗୁ କରିଛି । ଘଟଣା ସ୍ଥଳରେ ଭାରି ପରିମାଣର ଫୋର୍ସ ଓ ପୋଲିସ ମୂତୟନ ହୋଇଛନ୍ତି । ଅନ୍ୟପଟେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି ଟିକାୟତ କହିଛନ୍ତି, ସରକାର ଯଦି ଏହି ଆଇନ୍ ପ୍ରତ୍ୟାହାର ନକରନ୍ତି ତେବେ ସେ ଆତ୍ମହତ୍ୟା କରିବେ । ଚାଷୀମାନଙ୍କୁ ମାରିବାକୁ ପ୍ରୟାସ କରାଯାଉଛି । ଚାଷୀ ଭାଇମାନଙ୍କ ପ୍ରତି ଅତ୍ୟାଚାର ହେଉଛି ବୋଲି ରାକେଶ ଟିକାୟତ ଗୁରୁବାର ଗଣମାଧ୍ୟମକୁ କହିଛନ୍ତି । ସୂଚନାଯୋଗ୍ୟ ଯେ, ଜାନୁଆରୀ ୨୬ରେ ଚାଷୀମାନେ ଦିଲ୍ଲୀ ଭିତରେ ପଶି ହିଂସାକାଣ୍ଡ ଭିଆଇଥିଲେ । କେବଳ ସେତିକି ନୁହେଁ ଲାଲକିଲ୍ଲା ଭିତରେ ପଶି ସେଠାରେ ନିଜର ପତାକା ଉଡାଇଥିଲେ । ଏଥିରେ ଅନେକ ପୋଲିସ ଆହାତ ହେବା ସହିତ ଅନେକ ସମ୍ପତ୍ତି ନଷ୍ଟ ହୋଇଥିଲା । ଏହାପରେ ପ୍ରଶାସନ ଚାଷୀ ଆନ୍ଦୋଳନକୁ ନେଇ ଶକ୍ତ ନୀତି ଆପଣେଇଛି ।

# ଆର୍‌ଡି ଛାତ୍ରୀ ଝରାଫୁଲ ମୃତ୍ୟୁ ମାମଲାରେ ରାକେଶ ଅଟକ



ଭୁବନେଶ୍ୱର,୨୮।୦୧ (ନି.ପ୍ର): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଛାତ୍ରୀ ଝରାଫୁଲ ନାୟକଙ୍କ ମୃତ୍ୟୁ ମାମଲାରେ ଭୁବନେଶ୍ୱର କମିଶନରେଟ ପୁଲିସ ହାତରେ ଅଭିଯୁକ୍ତ ରାକେଶ ସ୍ୱାଇଁ। ପୁଲିସ ତାଙ୍କୁ ଏୟାରଫିଲ୍ଡ ଥାନା ଅଞ୍ଚଳରୁ ଅଟକ ରଖିଛି। ସିସିଟିଭିରେ ଥିବା ପଛ ସ୍କୁଟି ଆରୋହୀ ରାକେଶ ବୋଲି ପୁଲିସ ଜାଣିବାକୁ ପାଇଛି। ଅଧିକ ତଦନ୍ତ ପାଇଁ ରାକେଶଙ୍କୁ ରିମାଣ୍ଡରେ ନେବ ଯାଜପୁର ପୁଲିସ। ବର୍ତ୍ତମାନ ଯାଜପୁର ପୁଲିସ ଝରାଫୁଲ ମୃତ୍ୟୁ ମାମଲାର ତଦନ୍ତ କରୁଛି। ବୁଧବାର ସକାଳେ ଝରାଫୁଲଙ୍କ ମୃତଦେହ ଯାଜପୁର କୁଆଖିଆ ନିକଟ ରାସ୍ତା ପାର୍ଶ୍ୱରୁ ମିଳିଥିଲା। ଦୁଇ ଜଣ ଯୁବକ ଏକ ସ୍କୁଟିରେ ତାଙ୍କୁ ନେଇ ସେଠାରେ ଫିଙ୍ଗି ଦେଇଥିବା ସିସିଟିଭିରେ କଏଦ ହୋଇଥିଲା। ଝରାଫୁଲଙ୍କ ମୃତ୍ୟୁର ୨୪ ଘଣ୍ଟା ଝିଅ ଲଭ୍ ଏଫ୍ଆଇଆର କଥା କହିଥିଲେ ତାଙ୍କ ବାପା ରମାକାନ୍ତ ନାୟକ। ଭୁବନେଶ୍ୱରର ରାକେଶ ସ୍ୱାଇଁ ନାମକ ଜଣେ ଯୁବକଙ୍କ ସହ ତାଙ୍କ ଝିଅର ପ୍ରେମ ସମ୍ପର୍କ ଥିବା ସେ ପ୍ରକାଶ କରିଥିଲେ। ଏକଥା ଜାଣିବା ପରେ ସେ ଝିଅକୁ ତାଗିଦ କରିଥିଲେ। ଅନ୍ୟପକ୍ଷରେ ଝରାଫୁଲର ମୃତ୍ୟୁ ପଛରେ ରାକେଶର କିଛି ଭୂମିକା ଥାଇପାରେ ବୋଲି ସେ ସନ୍ଦେହ କରୁଛନ୍ତି।

## ଆହୁରି ୩ ଦିନ ଘନ କୁହୁଡି

ଭୁବନେଶ୍ୱର,୨୮।୦୧ (ନି.ପ୍ର): ରାଜ୍ୟରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଘନ କୁହୁଡି ଦେଖାଯାଇପାରେ। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ରିଲିଫ୍ କମିଶନର ସମସ୍ତ ଜିଲ୍ଲାପାଳ ଓ ଏସପି ମାନଙ୍କୁ ଚିଠି ଲେଖି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ଅର୍ଥାତ୍ ୨୯ ତାରିଖ ସକାଳ ଠାରୁ ୩୦ ତାରିଖ ସକାଳ ପର୍ଯ୍ୟନ୍ତ ଝାରସୁଗୁଡା, ସୁନ୍ଦରଗଡ, ଅନୁଗୁଳ, କେନ୍ଦୁଝର, ମୟୁରଭଂଜ ଓ ବାଲେଶ୍ୱର ଜିଲ୍ଲାର କିଛି ସ୍ଥାନରେ ଘନ କୁହୁଡି ଦେଖାଦେବାର ସମ୍ଭାବନା ରହିଛି। ସେହିପରି ୩୦ ତାରିଖ ରାତି ଠାରୁ ୩୧ ତାରିଖ ସକାଳ ମଧ୍ୟରେ ବାଲେଶ୍ୱର , ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ ଓ ନୟାଗଡ ଜିଲ୍ଲାରେ ଏବଂ ୩୧ ତାରିଖ ରାତି ଓ ଫେବୃଆରୀ ୧ ତାରିଖ ସକାଳେ କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଭଦ୍ରକ, ନୟାଗଡ, ଖୋର୍ଦ୍ଧା, ପୁରୀ, ବୌଦ୍ଧ ଓ କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘନ କୁହୁଡି ଦେଖାଦେବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

# ‘ସ୍କିଲିଂ ଦ ଗ୍ଲୋବାଲ୍ ଓ୍ୱାର୍କଫୋର୍ସ’ ଉପରେ ମତ ରଖିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ,୨୮।୦୧ (ନି.ପ୍ର): ବିଶ୍ୱବ୍ୟାପୀ ଦୃଶ୍ୟପଟ୍ଟକୁ ନଜରରେ ରଖି ମୋଦି ସରକାର ନୀତି ଏବଂ କ୍ରିୟାନ୍ୱୟନ ସ୍ତରରେ ସୁଯୋଗର ଲାଭ ଉଠାଇ ରିସ୍କିଲିଂ ଏବଂ ଅପ୍ସ୍କିଲିଂ ଇକୋ ସିଷ୍ଟମକୁ ସୁଦୃଢ଼ କରି ଅଧିକରୁ ଅଧିକ ମାନବସମ୍ବଳ ସୃଷ୍ଟି କରିବା ଉପରେ ପ୍ରାଧାନ୍ୟ ଦେଉଛନ୍ତି । ଗୁରୁବାର ଓ୍ୱାର୍ଲଡ୍ ଇକୋନୋମିକ୍ ଫୋରମ ପକ୍ଷରୁ ଆୟୋଜିତ ‘ଡାଭୋସ ଏଜେଣ୍ଡା’ର ଆଲୋଚନା ଚକ୍ର କାର୍ଯ୍ୟକ୍ରମରେ ଭିଡ଼ିଓ କନଫରେନ୍ସିଂରେ ସାମିଲ୍ ହୋଇ ଏପରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ‘ସ୍କିଲିଂ ଦ ଗ୍ଲୋବାଲ୍ ଓ୍ୱାର୍କଫୋର୍ସ’ ଶୀର୍ଷକ ଉପରେ ଆୟୋଜିତ ଏହି ଆଲୋଚନା ଚକ୍ରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଶରେ ଥିବା ଉଚ୍ଚାଭିଳାଷୀ, ଜ୍ଞାନୀ, ଦକ୍ଷ ଏବଂ ରୋଜଗାରକ୍ଷମ ମାନବ ସମ୍ବଳ ଉପରେ ଆଲୋକପାତ କରିଛନ୍ତି ।

▶▶ପୃଷ୍ଠା ୭

## ଶ୍ରୀରାମ ମନ୍ଦିର ନିର୍ମାଣ ପାଇଁ ନିଜ ପକେଟ୍ ମନି ଦେଲା ୧୨ ବର୍ଷର ଶିଶୁ

ଭୁବନେଶ୍ୱର,୨୮।୦୧ (ନି.ପ୍ର): ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମିରେ ଏକ ଭବ୍ୟ ବିଶ୍ୱ ସ୍ତରୀୟ ମନ୍ଦିର ନିର୍ମାଣ ନିମନ୍ତେ ନିଧି ସମର୍ପଣ ଏବଂ ସଂପର୍କ ଅଭିଯାନ ସାରା ଭାରତରେ ଚାଲୁଅଛି। ଏହି କ୍ରମରେ ଭୁବନେଶ୍ୱରରେଚାଲିଥିବା ଅଭିଯାନରେ ଭୁବନେଶ୍ୱରର ପଂଜାବୀ କଲୋନୀରେ ରହୁଥିବା ୧୨ ବର୍ଷୀୟ ହେମନ୍ତ ଜ୍ୟୋତି ମହାପାତ୍ର ତାର ପକେଟ ମନିରୁ ୩୦୦୦ ଟଙ୍କା ଦେଇଛନ୍ତି ମନ୍ଦିର ନିର୍ମାଣ ପାଇଁ ।

▶▶ପୃଷ୍ଠା ୭

# ସନ୍ଧ୍ୟା ସାଢ଼େ ୫ଟା ସୁଦ୍ଧା ଅଫିସ୍ ଛାଡ଼ !



ଭୁବନେଶ୍ୱର,୨୮।୦୧ (ନି.ପ୍ର): ଭୁବନେଶ୍ୱର ନିର୍ମାଣ ସୌଧ ଭିତରେ ଥିବା ଇଞ୍ଜିନିୟର-ଇନ୍-ଚିଫଙ୍କ ଅଫିସ୍ ମହିଳା ଅଧିକାରୀ ଓ କର୍ମଚାରୀଙ୍କୁ ସନ୍ଧ୍ୟା ସାଢ଼େ ୫ଟା ସୁଦ୍ଧା ଅଫିସ୍ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଫିସରେ କାର୍ଯ୍ୟରତ ମହିଳା କର୍ମଚାରୀଙ୍କ ସୁରକ୍ଷା ପାଇଁ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏଭଳି ନିର୍ଦ୍ଦେଶ ଦିଆଯାଇଥିବା ବିଭାଗୀୟ ସୁପରିଟେଣ୍ଡିଂ ଇଞ୍ଜିନିୟର କହିଛନ୍ତି। ଗତକାଲି ହୋଇଥବବା ଏହି ନିର୍ଦ୍ଦେଶାନାମାକୁ ନେଇ ଏବେ ଉଠିବାରେ ଲାଗିଛି ପ୍ରଶ୍ନ। ବିଶେଷକରି ମହିଳା ସ୍ୱେଚ୍ଛାସେବୀ ଏଭଳି ନିର୍ଦ୍ଦେଶକୁ ତୀବ୍ର ସମାଲୋଚନା କରିଛନ୍ତି। ମହିଳା ସ୍ୱେଚ୍ଛାସେବୀଙ୍କ ମତରେ ଏବେ ବି ମହିଳାଙ୍କ ପ୍ରତି ଅନେକଙ୍କ ମାନସିକତାରେ ପରିବର୍ତ୍ତନ ଆସି ନାହିଁ। ଆଜି ବି ମହିଳାଙ୍କୁ ଦ୍ୱିତୀୟ ଶ୍ରେଣୀ ନାଗରିକ ଭାବେ ଦେଖା ଯାଉଛି, ଏଭଳି ନିର୍ଦ୍ଦେଶନାମା ତାର ପ୍ରତିଫଳନ ବୋଲି ସ୍ୱେଚ୍ଛାସେବୀ ମତ ରଖିଛନ୍ତି।

▶▶ପୃଷ୍ଠା ୭

## ପ୍ରତାପ କେଶରୀ ଦେବ ପିପିଲି ବିଧାନସଭା ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ



ଭୁବନେଶ୍ୱର,୨୮।୦୧ (ନି.ପ୍ର): ବିଧାୟକ ପ୍ରତାପ କେଶରୀ ଦେବଙ୍କୁ ପିପିଲି ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆ ଯାଇଛି । ତାଙ୍କର ଏହି ନିଯୁକ୍ତି ତତ୍କାଳ ପ୍ରଭାବରୁ ଲାଗୁ ହେବ ବୋଲି ବିଜେଡିର ସାଧାରଣ ସମ୍ପାଦକ ( ମିଡିଆ ମାମଲା) ମାନଓ ମଙ୍ଗରାଜ ଏକ ଅଫିସ ଆଦେଶ ଜରିଆରେ ସୂଚନା ଦେଇଛନ୍ତି ।

## ସୂଚନାଧିକାର କର୍ମୀ ରଞ୍ଜନ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ସମାରୋହ

ଭୁବନେଶ୍ୱର,୨୮।୦୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ବିଶିଷ୍ଟ ସୂଚନାଧିକାର କର୍ମୀ ତଥା ଦଳିତ ନେତା ରଞ୍ଜନ କୁମାର ଦାସଙ୍କ ପ୍ରଥମ ଶ୍ରାଦ୍ଧାବାର୍ଷିକ ନିଜ ଗ୍ରାମ ମାଣିକପୁରଠାରେ ଆୟୋଜନ କରାଯିବ ବୋଲି ଓଡ଼ିଶା ସୂଚନା ଅଧିକାର ଅଭିଯାନ ତରଫରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି। ▶▶ପୃଷ୍ଠା ୭

## ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ବର୍ଜନ

# ବିରୋଧୀଙ୍କୁ ସମର୍ଥନ ଦେବନି ବିଜେଡି



ଭୁବନେଶ୍ୱର,୨୮।୦୧ (ନି.ପ୍ର): କେନ୍ଦ୍ର ସରକାରଙ୍କ କୃଷି ଆଇନକୁ ପ୍ରତ୍ୟାହାର ଦାବି ଓ ଦିଲ୍ଲୀରେ ଚାଷୀଙ୍କ ଟ୍ରାକ୍ଟର ର୍ୟାଲିରେ ହିଂସାକାଣ୍ଡ ପ୍ରତିବାଦରେ ଆସନ୍ତାକାଲି ସଂସଦର ବଜେଟ୍ ଅଧିବେଶନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଭିଭାଷଣକୁ କଂଗ୍ରେସ ସମେତ ୧୬ଟି ବିରୋଧୀ ଦଳ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛି। ତେବେ ବିରୋଧୀଙ୍କ ଏହି ବର୍ଜନରେ ବିଜେଡି ସାମିଲ ହେବ ନାହିଁ ବୋଲି ଜଣାପଡ଼ିଛି। ଦଳର ରାଜ୍ୟସଭା ସାଂସଦ ତଥା ମୁଖପାତ୍ର ସସ୍ମିତ ପାତ୍ର ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଆସନ୍ତାକାଲିଠୁ ସଂସଦର ବଜେଟ୍ ଅଧିବେଶନ ଆରମ୍ଭ ହେଉଛି। ରାଷ୍ଟ୍ରପତିଙ୍କ ଅଭିଭାଷଣବେଳେ ବିଜେଡି ସାଂସଦମାନେ ଉପସ୍ଥିତ ରହିବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ମିଳିଥିବା ସୂଚନା ଅନୁସାରେ, ଦଳର ଏଭଳି ଆଭିମୁଖ୍ୟକୁ ନେଇ ବିଜେଡି ସାଂସଦମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। କୃଷି ଆଇନକୁ ବିଜେଡି ବିରୋଧ କରୁଥିଲେ ମଧ୍ୟ ସିଧାସଳଖ କେନ୍ଦ୍ରର ଏନଡିଏ ସରକାର ବିରୁଦ୍ଧରେ ପ୍ରତିବାଦର ସ୍ୱର ଉଠାଇବାକୁ ସତସାହାସ କରିପାରୁନି। ଯେଉଁଥିପାଇଁ ସଂସଦ ଅଧିବେଶନ ପୂର୍ବରୁ ବସିଥିବା ଦଳର ଉଭୟ ଲୋକସଭା ଓ ରାଜ୍ୟସଭା ସାଂସଦଙ୍କ ବୈଠକରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କୃଷି ଆଇନ ସମ୍ପର୍କରେ ମୁହଁ ଖୋଲି ନଥିଲେ। କେବଳ ଚାଷୀଙ୍କ ସ୍ୱାର୍ଥ ପାଇଁ ଦଳ କାମ କରୁଛି ଓ

▶▶ପୃଷ୍ଠା ୭

# ପିପିଲି ଉପନିର୍ବାଚନ : ଦଳର ନିଷ୍ପତ୍ତିକୁ ସମର୍ଥନ ଦେବୁ : ରୁଦ୍ର

## ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତି ସ୍ୱାଗତଯୋଗ୍ୟ : ପ୍ରତିଭା ମହାରଥୀ



ଭୁବନେଶ୍ୱର,୨୮।୦୧ (ନି.ପ୍ର): ଦଳ ଯାହାକୁ ଚାହିଁବ ଆମେ ସମର୍ଥନ କରିବୁ। ଦଳର ନିଷ୍ପତିକୁ ସମର୍ଥନ ଦେବୁ ବୋଲି କହିଛନ୍ତି ପୂର୍ବତନ ପିପିଲି ବିଧାୟକ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ପୁଅ ରୁଦ୍ର ମହାରଥୀ । ଅପରପକ୍ଷରେ ତାଙ୍କର ମଧ୍ୟ ନିର୍ବାଚନ ଅଭିଜ୍ଞତା ରହିଥିବା ସେ କହିଛନ୍ତି । ସ୍ୱର୍ଗତ ମହାରଥୀଙ୍କ ପତ୍ନୀ ପ୍ରତିଭା ମହାରଥୀ କହିଛନ୍ତି, ଏ ବିଷୟରେ ଆମର କିଛି କହିବାର ନାହିଁ । ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ, ଯାହା ମୁଖ୍ୟମନ୍ତ୍ରୀ ନିଷ୍ପତି ନେବେ। ହେଲେ ଏହା ପୂର୍ବରୁ ସୁଯୋଗ ମିଳିଲେ ମୁଁ ଖୁସି ହେବି ବୋଲି କହିଥିଲେ ପ୍ରତିଭା ମହାରଥୀ। ଗୁରୁବାର ଦିନ ପ୍ରତାପ ଦେବଙ୍କୁ ପିପିଲି ପର୍ଯ୍ୟବେକ୍ଷକ ଦାୟିତ୍ୱ ମିଳିବା ପରେ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ପୁଅ ରୁଦ୍ର ପ୍ରତାପ ମହାରଥୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ବାପାଙ୍କ ସହ ୨ଟି ନିର୍ବାଚନ ବୁଲିଛି, ଅଭିଜ୍ଞତା ଅଛି। ତେଣୁ ମୁଁ ଜନ୍ମରୁ ରେଡି। ସେ କହିଛନ୍ତି, ପାର୍ଟି ଯାହାକୁ ପ୍ରାର୍ଥୀ କରିବ, ଆମ ପରିବାର ତାକୁ ସମର୍ଥନ କରିବ। ବାପାଙ୍କର ବହୁ ସ୍ୱପ୍ନ ଥିଲା। ସେ ସବୁବେଳେ ଲୋକଙ୍କ କାମ ପାଇଁ ତତ୍ପର ରହୁଥିଲେ।

▶▶ପୃଷ୍ଠା ୭

# ଦୁଷ୍କର୍ମ ଉଦ୍ୟମରୁ ଶିଶୁକନ୍ୟାର ଗଳା କାଟିଲେ



ବ୍ରହ୍ମପୁର,୨୮।୦୧ (ନି.ପ୍ର): ଗୋଳନ୍ଥରାର ସୋରଳ ଓଡ଼ିଆ କଲୋନୀରେ ବାହାରେ ଖେଳୁଥିବା ବେଳେ ୮ ବର୍ଷର ଶିଶୁକନ୍ୟାର ଗଳାକାଟିବା ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଛି। ଏହି ଘଟଣାକୁ ନେଇ ରୋଚକ ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସପି। ଏସପି କହିଛନ୍ତି, ଆମେ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଲୁ ଯେ ଦୁର୍ବୃତ୍ତ ନାବାଳିକାକୁ ଦୁଷ୍କର୍ମ କରିବାକୁ ଚେଷ୍ଟା କରୁଥିଲା। ଦୁର୍ବୃତ୍ତ ଏକ ଆଇସୋଲେଟ୍ ଘରେ ନାବାଳିକାକୁ ଦୁଷ୍କର୍ମ କରିବାକୁ ଚାହୁଁଥିଲା। ପାରିପାର୍ଶ୍ୱିକ ସ୍ଥିତି ଓ ଲୋକଙ୍କ ବୟାନରୁ ଦୁଷ୍କର୍ମ ଉଦ୍ୟମ ସୂଚନା ଅଛି। ଏସପି ଆହୁରି କହିଛନ୍ତି, ଦୁଷ୍କର୍ମ ପାଇଁ ଝିଅକୁ ପ୍ରଲୋଭିତ କରି ନେଇଥିବା ସୂଚନା ମିଳୁଛି। ଏପର୍ଯ୍ୟନ୍ତ ନାବାଳିକାର ମେଡିକାଲ୍ ରିପୋର୍ଟ ଆସିନାହିଁ।

▶▶ପୃଷ୍ଠା ୭

# ୨ୟ ଅଜୟ ଉତ୍ସବ ୨୦୨୧ ପୁରସ୍କାର ଘୋଷଣା

ଭୁବନେଶ୍ୱର,୨୮।୧ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ଫେବୃଆରୀ ୧୬ ତାରିଖ ପବିତ୍ର ସରସ୍ୱତୀ ପୂଜା ଦିନ '୨ୟ ଅଜୟ ଉତ୍ସବ ୨୦୨୧' ମହାସମାରୋହରେ ପାଳିତ ହେବ । ସାହିତ୍ୟ ମନୋରଂଜନର ଏହି କାର୍ଯ୍ୟକ୍ରମରେ ବହୁ ପ୍ରତିଷ୍ଠିତ ସାହିତ୍ୟିକ, ସଂଗୀତଜ୍ଞ ଓ ବୁଦ୍ଧିଜୀବୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ୨ୟ ଅଜୟ ଉତ୍ସବ ୨୦୨୧ ସାହିତ୍ୟ ସମ୍ମାନ ଗାଳ୍ପିକ ଗୌତମବୁଦ୍ଧ ଦାସ ଓ ୨ୟ ଅଜୟ ଉତ୍ସବ ୨୦୨୧ ନବୀନ ସମ୍ମାନ ରୀତାଞ୍ଜଳି ମହାରଣା ପାଇବେ ବୋଲି ଅଜୟ ଅଧ୍ୟକ୍ଷା ସାବିତ୍ରୀ ସାହୁ, ସଭାପତି ଅଶୋକ ପୁହାଣ ଓ ସଂପାଦକ ଅକ୍ଷୟ ସ୍ୱାଇଁ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି ।

# ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ପି.ସି. ନେବା ଘଟଣା : ୨ୟ ଦିନରେ ଗଣଧାରଣା

ନୀଳଗିର,୨୮।୧ (ନି.ପ୍ର): ନୀଳଗିରି ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଅନିଲ କୁମାର ପଣ୍ଡା ଠିକାଦାରଙ୍କୁ ଲାଂଚ ମାଗିବା ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଏହାକୁ ନେଇ ବିଭିନ୍ନ ଗଣମାଧମରେ ସମ୍ବାଦ କରିବେଷଣ ପରେ ନୀଳଗିରି ଅଂଚଳର ଯୁବକ ରାଜିବ ଦାସବାବୁ ଓ ଠିକାଦାର ବିନୋଦ ମହାନ୍ତି ଇଂ ଶ୍ରୀ ପଣ୍ଡାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ , ପିଡି ଓ ଉପଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। କାର୍ଯ୍ୟାନୁଷ୍ଠାନ ନହେବାରୁ ଗରିବ ଜନସାଧାରଣଙ୍କୁ ନ୍ୟାୟ ଯୋଗାଇ ଦେବା ଉଦ୍ଦେଶ୍ୟରେ ଯୁବ ନେତା ରାଜିବ ଦାସବାବୁଙ୍କ ନେତୃତ୍ୱରେ ବୁଧବାର ଠାରୁ ବ୍ଲକ ଆଗରେ ଅନିର୍ଦ୍ଦିଷ୍ଟ କାଳପାଇଁ ଅହରାତ୍ର ଗଣଧାରଣାରେ ବସିଛନ୍ତି । ଯଦି ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ଆସନ୍ତା ଦିନରେ ନୀଳଗିରି ବନ୍ଦ ଡାକରା ଦିଆଯିବ ବୋଲି ଆନ୍ଦୋଳନକାରୀ ମାନେ ସୂଚନା ଦେଇଛନ୍ତି । ଏପଟେ ୨ ଦିନ ଧରି ବ୍ଲକ ଗେଟ୍ ସମ୍ମୁଖରେ ଗଣଧାରଣାରେ ଶତାଧିକ ଲୋକେ ବସିଥିବା ବେଳେ ନୀଳଗିରି ବିଡିଓ ଅନିତା ନାୟକ ଗେଟ୍ ବାହାରକୁ ଆସିବା ପାଇଁ ବାଟ ନ ଥିବାରୁ ହଟହଟା ହୋଇଥିଲେ ।ଯେତେବେଳେ ବିଡିଓ ବାଟ ଛାଡନ୍ତୁବୋଲି କହୁଥିଲେ ସେତେବେଳେ ଆନ୍ଦୋଳନକାରୀ ଆପଣ ଆମ୍ଭର ଆପତି ନ ଶୁଣିଲା ପର୍ଯ୍ୟନ୍ତ ଆମ୍ଭେ ରାସ୍ତା ଛାଡ଼ିବୁ ନାହିଁ ବୋଲି ରୋକଠୋକ ଜବାବ ଦେଇଥିଲେ । ଫଳରେ ବିଡିଓ ବାଧ ହୋଇ ବ୍ଲକର ଗଳାବାଟ ଦେଇ ବାହାରକୁ ଯାଇଥିଲେ । ତୁରନ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ଅନିଲ କୁମାର ପଣ୍ଡାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳଙ୍କୁ ଆନ୍ଦୋଳନକାରୀ ମାନେ ନିବେଦନ କରିଛନ୍ତି।

# ମହୁଲପାଲି ଲ୍ୟାମ୍ପସ୍ ଏମଡି ନିଲମ୍ବିତ

ସୁନ୍ଦରଗଡ଼,୨୮।୧ (ନି.ପ୍ର): ମହୁଲପାଲି ଲ୍ୟାମ୍ପସ୍ ଏମଡି ବିକାଶ ଅମାତଙ୍କୁ ନିଲମ୍ବନ କରାଯାଇଛି । ଧାନ କିଣାନେଇ ଟୋକନ୍ ଦୁର୍ନୀତି ଅଭିଯୋଗରେ ତାଙ୍କୁ ନିଲମ୍ବନ କରାଯାଇଛି । ଏନେଇ ଅଭିଯୋଗ ଆସିବା ପରେ ସୁନ୍ଦରଗଡ଼ ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ଟାଙ୍ଗରପାଲି ତହସିଲଦାର ଘଟଣାର ତଦନ୍ତ କରି ଜିଲ୍ଲାପାଳଙ୍କୁ ଏହାର ରିପୋର୍ଟ ଦେଇଥିଲେ । ଏହି ରିପୋର୍ଟ ଆଧାରରେ ଜିଲ୍ଲାପାଳ ମହୁଲପାଲି ଲ୍ୟାମ୍ପସ୍ ଏମଡି ବିକାଶଙ୍କୁ ନିଲମ୍ବନ କରିଛନ୍ତି ।

# ମନୋରମା ସ୍ମୃତି ସଂସଦର ୭ମ ବାର୍ଷିକ ଉତ୍ସବ

## ଯଶସ୍ୱୀକବି ନିତ୍ୟାନନ୍ଦ ନାୟକଙ୍କୁ ଲାଲ୍‌ମୋହନ ନାୟକ ସ୍ମୃତିସମ୍ମାନ



ଭଦ୍ରକ,୨୮।୧ (ନି.ପ୍ର): ଓଡ଼ିଆଙ୍କ ହୃଦୟର ଭାଷା ଥାଏ ମା'ର ନାନାବାୟା ଗୀତରେ। ଏହାର ଶିଶୁ ମନସ୍ତାତ୍ତ୍ୱିକ ଦିଗର ଅତ୍ୟନ୍ତ ପ୍ରଭାବଶାଳୀ। କ୍ରମବର୍ଦ୍ଧିଷ୍ଣୁ ଶିଶୁଟିଏ ତା' ପ୍ରିୟପରିଚିତ ପୃଥିବୀକୁ ମା'ର ଏହି ଗୀତ ମାଧ୍ୟମରେ ପ୍ରତ୍ୟକ୍ଷ କରେ। ଯୁଗ ଯେତେ ଆଗେଇଲେ ବି ମା'ଟିଏ ଶିଶୁକୁ ପ୍ରବୋଧନା ଦେଲାବେଳେ ତା' ତୁଣ୍ଡରୁ ଆପେଆପେ ଝରିଆସେ ଅସୁମାରି ନାନାବାୟା ଗୀତ। ଏହି ଗୀତ ଭିତରେ ଥାଏ ମା'-ମାଟି ଓ ମଣିଷର ଅନ୍ତରର ଭାଷା ଓ ଏହି ଭାଷାର ପ୍ରାଣପ୍ରାଚୁର୍ଯ୍ୟରୁ ସମ୍ଭାବନାମୟ ଶୈଶବ ନିର୍ମାଣ ହୁଏ ବୋଲି ମନୋରମା ସ୍ମୃତିସଂସଦର ୭ମ ବାର୍ଷିକ ଉତ୍ସବ ଓ ଶିକ୍ଷାବିତ୍ 'ଲାଲ୍‌ମୋହନ ନାୟକ ସ୍ମୃତିସମ୍ମାନ' ପ୍ରଦାନ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଭାଷା ଗବେଷକ ପ୍ରଫେସର ଡକ୍ଟର ନଟବର ଶତପଥୀ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ସଂସଦର ଟ୍ରଷ୍ଟି ସମ୍ପାଦକ ଅଜୟ ନାୟକଙ୍କ ଆବାହକତ୍ୱରେ ଓ ସଂସଦର ସଭାପତି କଥାକାର ଡକ୍ଟର ରାଧାବିନୋଦ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମନୋରମା ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଥିଲା। 'ମାଆର ନାନାବାୟା ଗୀତ ଓ ତା'ର ମହତ୍ତ୍ୱ' ଶୀର୍ଷକରେ ମୁଖ୍ୟ ଅତିଥି ଡକ୍ଟର ଶତପଥୀ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଆମ ସମୟର ଖ୍ୟାତନାମା ଗାଳ୍ପିକ ସଦାନନ୍ଦ ତ୍ରିପାଠୀ ଯୋଗଦେଇ 'ଅନୁଭବ ଓ କାହାଣୀରେ ମାଆ' ଶୀର୍ଷକରେ ବକ୍ତବ୍ୟ ଦେବାକୁ ଯାଇ ଅନେକ ସୂକ୍ଷ୍ମ ଓ ସ୍ୱର୍ଶକାତର ପ୍ରସଙ୍ଗର ଅବତାରଣା କରିଥିଲେ। ବରେଣ୍ୟ ବକ୍ତା ଭାବେ ବିଶିଷ୍ଟ ଆଧାତ୍ମିକ ପ୍ରବକ୍ତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ 'ମାଆର ମମତା ଓ ଆମର ଦାୟବଦ୍ଧତା' ଶୀର୍ଷକରେ ବକ୍ତବ୍ୟ ଦେବାକୁ ଯାଇ ମାତୃତ୍ୱର ସଂସ୍କାରିତ ପ୍ରତିଛବି ଓ ପାରିବାରିକ ସଂସ୍କାରରୁ ଉତ୍ତମ ନାଗରିକ ନିର୍ମାଣ ହୁଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଭଦ୍ରକ ମାଟିରେ ଜନ୍ମିତ ଯଶସ୍ୱୀ କବି ନିତ୍ୟାନନ୍ଦ ନାୟକଙ୍କୁ ଚଳିତବର୍ଷ ପାଇଁ ଶିକ୍ଷାବିତ୍ ଲାଲ୍‌ମୋହନ ନାୟକ ସ୍ମୃତିସମ୍ମାନ ପ୍ରଦାନ କରାଯାଇଥିଲା। ଅଧିବକ୍ତା ଗଦାଧର ବଳ ମାନପତ୍ର ପାଠ କରିଥିଲେ। ସଦସ୍ୟ ବାବୁଲାଲ୍ ଦାସ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଅଧାପକ ବିଶ୍ୱରଞ୍ଜନ ଦାସ ସ୍ୱାଗତ ଭାଷଣ ଓ ଅଧାପକ ଡ. ଅଭୟ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। କଣ୍ଠଶିଳ୍ପୀ ରୁଦ୍ରମାଧବ ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ଓ ମାତୃବନ୍ଦନା ଗାନ କରାଯାଇଥିଲା। ସୁଧାକର ରାଉତ, ଅଶୋକ ଦ୍ୱିବେଦ୍ୱୀ, ଶାନ୍ତନୁ ରାଉତ, ଲଲାଟେନ୍ଦୁ ମହାନ୍ତି, ଶ୍ରୀହର୍ଷ ସ୍ୱାଇଁ, ଆଡ୍‌ଭୋକେଟ ପର୍ଶୁରାମ ଦ୍ୱିବେଦୀ, ସାମ୍ବାଦିକ ପରମାନନ୍ଦ ଦାସ, ରୂପକ ବିହାରୀ ରାୟ, କବି ପ୍ରଦୀପ୍ତ ମହାନ୍ତି, କୈଳାସ ବେହେରା, ଗୌରାଙ୍ଗ ବାରିକ, ଦୁର୍ଗା ଦାସ, ଅମରେନ୍ଦ୍ର ବିଶ୍ୱାଳ, ସତ୍ୟ ସୁନ୍ଦର ମହାନ୍ତି ପ୍ରମୁଖ ଜିଲ୍ଲାର ବହୁ ବିଶିଷ୍ଟ ସାହିତ୍ୟ-ସଂସ୍କୃତି ସଓେ ଧନ୍ୟବାଦ ଜ୍ଞାପନ କରିଥିଲେ।

# କୋଇଲା ବୋଝେଇ ଟ୍ରକ୍ ଜଳିଗଲା

ରାୟଗଡ଼ା,୨୮।୧ (ନି.ପ୍ର): ରାୟଗଡ଼ା ଜିଲ୍ଲା ଶେଷଖାଲ ଥାନା ଅନ୍ତର୍ଗତ ପ୍ରତାପପୁର ନିକଟରେ ଏକ କୋଇଲା ବୋଝେଇ ଟ୍ରକ୍ ଜଳିଯାଇଛି । ଟ୍ରକରେ ନିଆଁ ଲାଗିବା ଦେଖି ଡ୍ରାଇଭର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲା । ରାୟଗଡ଼ା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିଲେ । ତେବେ ନିଆଁ ଲାଗିବାର କାରଣ ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ । ଟ୍ରକ୍ ଟି ବିଶାଖାପାଟଣାରୁ କୋଇଲା ନେଇ ରାୟଗଡ଼ା ଅଭିମୁଖେ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ଅଗ୍ନିକାଣ୍ଡ ପାଇଁ କିଛି ସମୟ ପାଇଁ ସମ୍ପୃକ୍ତ ରୁଟ୍ ରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା । ଶେଷଖାଲ ଥାନା ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ରହି ଛାନଭିନ୍ ଜାରୀ ରଖିଛି ।

# ବାରିପଦା ମୋହରିର୍ ସଂଘ ପକ୍ଷରୁ ୭୨ତମ ସାଧାରଣତନ୍ତ୍ର ଦିବସ ପାଳିତ

ବାରିପଦା,୨୮।୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ମୋହରିର୍ ସଂଘ ବାରିପଦା ଆନୁକୂଲ୍ୟରେ ସଂଘର ସଭାପତି ଶରତ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ୭୨ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା-ସବରେଜିଷ୍ଟାର୍ ମିହିର ରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତକା ଉତୋଳନ କରିଥିଲେ ଓ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଶାନ୍ତି, ମୈତ୍ରୀ ଓ ସଂହତିର ବାର୍ତା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉଦୟ ନାୟକ, ଧନିରାମ ସୋରେନ, ଲକ୍ଷ୍ମୀଧର ମହାନ୍ତି ପ୍ରମୁଖ ଗଣତନ୍ତ୍ର ମୂଲ୍ୟବୋଧ ବିଷୟରେ ଆଲୋଚନା କରିଥିଲେ । ସଂଘର ସମ୍ପାଦକ ସଂଗ୍ରାମ ଶତପଥୀ ସୂଚନା ଦେଇଥିବା ବେଳେ ଉପସଭାପତି ଚର୍ତୁଭୂଜ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ କୋଷାଧ୍ୟକ୍ଷ ଯତୀନ ଚନ୍ଦ୍ର ଗିରି, କାର୍ଯ୍ୟକାରିଣୀ ସଦସ୍ୟ ପିତାମ୍ବର ମଲ୍ଲିକ, ବିରଂଚି ଷଡ଼ଙ୍ଗୀ, ବୀରେନ୍ଦ୍ର ଭଞ୍ଜ, ଅନନ୍ତ ଚରଣ ଦାସ, ବିଜୟାନନ୍ଦ ଦେ, ତ୍ରିଲୋଚନ କମିଳା, ଶୈଳେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ

ରାଉରକେଲା,୨୮।୧ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା ସମେତ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ସର୍ବ ବୃହତ ଜାତୀୟ ପତାକା ସହରର ଟେଲିଫୋନ ଭବନ ପଡିଆରେ ଉତୋଳନ କରାଯାଇଛି । ଜିଲ୍ଲା ମୁଖ୍ୟାଳୟରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ୭୨ତମ ଗଣତନ୍ତ୍ର ଦିବସ ପାଳନ ଅବସରରେ ଜାତୀୟ ପତାକା ଉତୋଳନ କରି ଦେଶର ସ୍ୱାଧୀନତା ଲାଗି ପ୍ରାଣ ବଳି ଦେଇଥିବା ଓ ଦେଶର ସୁରକ୍ଷା ଦାୟିତ୍ୱରେ ଥିବା ପ୍ରତି ସୁରକ୍ଷା କର୍ମୀଙ୍କୁ ପ୍ରଣାମ କରିବା ସହ ଏଭଳି ବ୍ୟକ୍ତି ମାନଙ୍କ ବଳିଦାନକୁ ଦେଶବାସୀ ସବୁ ବେଳେ ମନେ ରଖିବା ଉଚିତ ବୋଲି ପରାମର୍ଶ ଦେଇଥିଲେ । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରଗଡ ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣ, ଏସପି ସାଗରୀକା ନାଥଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ସେହିଭଳି ରାଉରକେଲା ପ୍ୟାରେଡ ପଡିଆରେ ଉତରାଂଚଳ ରାଜସ୍ୱ କମିଶନର ଶ୍ରୀଯୁକ୍ତ ନିରଞ୍ଜନ ସାହୁ ଜାତୀୟ ପତାକା ଉତୋଳନ କରି ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ତାଙ୍କ ସହ ରାଉରକେଲାର ଉଚ୍ଚ ପଦାଧୀକାରୀ ମାନେ ଉପସ୍ଥିତ ଥିଲେ । ଅନୁରୂପ ଭାବେ ରାଉରକେଲା ଇସ୍ପାତ କାରଖାନା ତରଫରୁ ଗଣତନ୍ତ୍ର ଦିବସ ପାଳନ କରାଯାଇ ସମ୍ମିଳିତ ପ୍ୟାରେଡ ପଡିଆ ପରିବର୍ତେ ଟେଲିଫୋନ ଭବନ ପଡିଆରେ ଏକ ବୃହତ ଜାତୀୟ ପତାକା ଉତୋଳନ କରାଯାଇଛି । କାରଖାନାର ସିଇଓ ଏହାକୁ ଉଦଘାଟନ କରିଥିବା ବେଳେ ଅନ୍ୟାନ୍ୟ ପଦାଧୀକାରୀ ମାନେ ଏହି ଅବସରରେ ସେଠାରେ ଉପସ୍ଥିତ ଥିଲେ । ଏହି ଜାତୀୟପତାକାକୁ ଦେଖିବା ଲାଗି ସେଠାରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଏହା ବ୍ୟତୀତ ବଣେଇ, ରାଜଗାଙ୍ଗପୁର, ବୀରମିତ୍ରପୁର ଆଦି ଅଂଚଳରେ ମଧ ଗଣତନ୍ତ୍ର ଦିବସ ଆନନ୍ଦ ଉଲ୍ଲାସର ସହକାରେ ପାଳିତ ହୋଇଛି ।

# ମଦ ଭାଟି, ଜୁଆ ଆଡ୍ଡା ବନ୍ଦ ନେଇ ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଜୟପୁର,୨୮।୧ (ନି.ପ୍ର): କୋରାପୁଟ ଜିଲା ବି. ସିଂପୁର ଥାନା ଅନ୍ତର୍ଗତ ନୂଆଗୁଡା ଗ୍ରାମବାସୀ ଆଜି ଜୟପୁର ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ଜିଲାପାଳଙ୍କ ଉଦ୍ଦେଷ୍ୟରେ କେ ଦାବୀ ପତ୍ର ପ୍ରଦାନ କରିଛନ୍ତି । ବରିଷ୍ଠ ଆଇନଜୀବି ମଦନ ମହୋନ ନାୟକଙ୍କ ନେତୃତ୍ୱରେ ଦାବୀ ପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ ଦାବୀ ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ନୂଆଗୁଡା ଗ୍ରାମରେ ୨ ଜଣ ବ୍ୟକ୍ତି ମଦଭାଟି, ଜୁଆ ଆଡ୍ଡା ଏବଂ କୁକୁଡା ଗାଲି ଚାଲୁ ରଖିଛନ୍ତି । ଫଳରେ ନୂଆଗୁଡା ଓ ପାତ୍ରପୁଟ ଗ୍ରାମର ଅଧିକାଂଶ ଲୋକ ମଦ ପିଉଛନ୍ତି । ଏବଂ କୁକୁଡା ଗାଲି ଓ ଜୁଆ ଖେଳରେ ଲିପ୍ତ ରହୁଛନ୍ତି । ସବୁବେଳେ ପାରିବାରିକ ଅଶାନ୍ତି ଏବଂ ଶାରିରୀକ ମାନସିକ ଅଶାନ୍ତି ଲାଗି ରହୁଛି । ଗ୍ରାମରେ ସବୁ ବେଳେ ମାରପିଟ ଏବଂ ଗୋଷ୍ଠିକନ୍ଦଳ ଘଟୁଛି । ମଦ ପିଇ ଅନେକ ଅନୈତିକ କାର୍ଯ୍ୟରେ ଲୋକେ ଲିପ୍ତ ରହୁଛନ୍ତି । ବର୍ତମାନ ସୁଦ୍ଧା ମଦ ପିଇ ଅନେକ ଯୁବକ ମୃତ୍ୟୁ ବରଣ କଲେଣି । ଗ୍ରାମବାସୀ ଏହାର ପ୍ରତିବାଦ କଲେ ଆକ୍ରମଣ କରୁଛନ୍ତି । ଗ୍ରାମବାସୀ ମାନେ ଏକ ପ୍ରକାର ଭୟର ବାତାବରଣରେ ଅଛନ୍ତି । ଯୁବ ଗୋଷ୍ଠି ମଦ ପିଇ ପଥଭ୍ରଷ୍ଟ ହେଉଛନ୍ତି । ତେଣୁ ପ୍ରଶାସନ ତୁରନ୍ତ ମଦଭାଟି, ଜୁଆଆଡ୍ଡା, ଏବଂ କୁକୁଡା ଗାଲି ବନ୍ଦ କରିବାକୁ ଡମ୍ବରୁ ମୁଦୁଲି, ପବିତ୍ର ବିଷୋଇ, କିଶୋର ବିଷୋଇ ସମତେ ନୂଆଗୁଡା ଓ ପାତ୍ରପୁଟ ବାସିନ୍ଦା ଦାବୀ କରିଛନ୍ତି ।

# ବୃକ୍ଷରୋପଣ କରିଥିବା ଗାଁ ସାଥୀଙ୍କୁ ମିଳୁନି ପ୍ରାପ୍ୟ: ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା

କେନ୍ଦ୍ରାପଡ଼ା,୨୮।୧ (ନି.ପ୍ର): କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସିଂହଗାଁ ପଂଚାୟତର ରାଉଳଡିହା ଗ୍ରାମରେ ବୃକ୍ଷ ରୋପଣ କରିଥିବା ଗାଁ ସାଥୀ ଓ ୩୫ଜଣ ସଦସ୍ୟଙ୍କୁ ପ୍ରାପ୍ୟ ମିଳୁନାହିଁ । ଦୀର୍ଘଦିନ ହେଲା ପ୍ରାପ୍ୟ ପାଇବା ପାଇଁ ବ୍ଲକକୁ ଦୌଡି ଦୌଡି ନିରାଶ ହୋଇଥିବା ଏହି ଗାଁ ସାଥୀମାନେ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଥିଲେ । ଦାବି ମୁତାବକ ପଟ୍ଟମୁଣ୍ଡାଇ ବ୍ଲକର ଏହି ପଂଚାୟତ ଅନ୍ତର୍ଗତ ୩୫ଜଣ ଦରିଦ୍ର ଗ୍ରାମବାସୀ ଗାଁ ସାଥୀ ତିଳୋତମା ସାମଲଙ୍କ ନେତୃତ୍ୱରେ ବଡସାନ ରାଉଳିଆ ଗ୍ରାମରେ ଥିବା ଚତରାଖାଲ ର ଅଧାଧିକ ଅଂଚଳ ୨୦୨୦ ନଭେମ୍ବର ୨୩ ତାରିଖ ଟାରୁ ୨୦୨୦ ଡିସେମ୍ବର ୨୫ ମଧ୍ୟରେ କାମକରି ବୃକ୍ଷ ରୋପଣ କରିଥିଲେ । ଏମାନଙ୍କୁ ମାସାଧିକ କାଳ କାମରେ ଲଗାଇ ବ୍ଲକ ପ୍ରଶାସନ ସେମାନଙ୍କ ପ୍ରାପ୍ୟ ଦେଇ ନଥିବାରୁ ଗାଁ ସାଥୀ ତିଳୋତମା ସାମଲ, ବିଜେପି ନେତା ସୁନାକର ବେହେରାଙ୍କ ନେତୃତ୍ୱରେ ସତ୍ୟଭାମା ସାମଲ, ଉମାରାଣୀ ସାମଲ, ଅଜୟ ସାମଲ, ଦେବ ପ୍ରସାଦ ସୁତାର , ସବିତା ସୁତାର, ବାସନ୍ତି ସାମଲ , ନିରଞ୍ଜନ ସାମଲ, ପ୍ରମୋଦ କୁମାର ସାମଲ ପ୍ରମୁଖ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ ।

# କନ୍ଧମାଳର ଟାଡିସରୁବାଈ ହେଲେ ଜିଲ୍ଲାର ପ୍ରଥମ ପଦ୍ମଶ୍ରୀ

କନ୍ଧମାଳ,୨୮।୧ (ନି.ପ୍ର): କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ଅନ୍ତର୍ଗତ ଚାରିପଡା ନିବାସୀ ଅନ୍ୟନ୍ୟ ପ୍ରତିଭା ଓ ପରିଚିତ ନାମ ତଥା ଅଧ୍ୟାତ୍ମିକ କବୟତ୍ରୀ ପୂର୍ଣ୍ଣମାସୀ ଜାନୀ (ଟାଡ଼ିସରୁ ବାଇ) ହୋଇଛନ୍ତି ଜିଲ୍ଲାର ପ୍ରଥମ ପଦ୍ମଶ୍ରୀ ଉପାଧି ଧାରୀ । ଏ ଖବର ଜଣାପଡ଼ିବା ପରେ ସମଗ୍ର କନ୍ଧମାଳ ଜିଲା ସମେତ ରାଜ୍ୟରେ ଥିବା ତାଙ୍କର ଭକ୍ତ ଏବଂ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି । ଖଜୁରୀପଡା ବ୍ଲକ ଅନ୍ତର୍ଗତ ଚାରିପଡା ନିବାସୀ ପୂର୍ଣ୍ଣମାସୀ ଟାଡିସରୁ ବାଇ ଭାବେ ସର୍ବତ୍ର ପରିଚିତ ତଥା କନ୍ଧମାଳ ଜିଲାର ଅଧ୍ୟାତ୍ମିକ ଜଗତର ଏକ ସୁ ପରିଚିତ ନାମ । ବିଦ୍ୟାଳୟ ଯାଇ ନ ଥିବା ତଥା ଭାଷା ସାହିତ୍ୟର ଅ ରୁ କ୍ଷ ଜାଣିନଥିବା ଟାଡିସରୁ ବାଇଙ୍କ କଣ୍ଠ ନିସୃତ ଅନର୍ଗଳ ଅସଂଖ୍ୟ ଭକ୍ତି ସଂଗୀତ କେବଳ କନ୍ଧମାଳ ଜିଲା ନୁହେଁ, ବରଂ ଓଡିଶା ସାରା ସମସ୍ତଙ୍କୁ ଚମତ୍କୃତ କରି ଆସିଛି । କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ଦଳପଡାଠାରେ ନୀଳକଣ୍ଠ ଜାନୀ ଓ ରାଣିମତାଙ୍କ ଔରସରୁ ୧୯୪୪ ମସିହାରେ ଜନ୍ମଗ୍ରହଣ କରିଥିଲେ ପୂର୍ଣ୍ଣମାସୀ । ଖୁବ କମ ବୟସରେ ସେ ବିବାହ କରିଥିଲେ ଚାରିପଡାର ଆରାଧନା ଜାନିଙ୍କୁ । କିନ୍ତୁ ସେମାନଙ୍କ ଗର୍ଭରୁ ଜନ୍ମିତ ୬ଟି ସନ୍ତାନ କ୍ରମାଗତ ଭାବେ ଖୁବ କମ ବୟସରୁ ମୃତ୍ୟୁବରଣ କରିଥିଲେ । ଏହି ଘଟଣା ଉଭୟଙ୍କୁ ଗଭୀର ଦୁଃଖ ଦେବା ସହ ଧୀରେ ଧୀରେ ଆଧ୍ୟାତ୍ମିକତା ଆଡକୁ ଟାଣି ନେଇଥିଲା । କୁହାଯାଏ ୧୯୬୯ ମସିହାରେ କିଛି ମୁନୀ ଋଷି ସଶରୀରେ ଆବିର୍ଭାବ ହୋଇ ତାଙ୍କୁ ନିକଟସ୍ଥ ଟାଡିସରୁ ନାମକ ପର୍ବତକୁ ନେଇଯାଇ ତାଙ୍କୁ ସିଦ୍ଧି ପ୍ରଦାନ କରିଥିଲେ । ଏହାପରେ ସେ ଘର ଛାଡି ଟାଡିସରୁ ପର୍ବତରେ ତପସ୍ୟାରତ ହୋଇଥିଲେ । ଏହା ପରଠାରୁ ଆରମ୍ଭ ହୋଇଥିଲା ପୂର୍ଣ୍ଣମାସୀ ଜାନିଙ୍କ ଆଧ୍ୟାତ୍ମିକ ଜୀବନ । ଟାଡିସରୁ ପର୍ବତରେ ସିଦ୍ଧିପ୍ରାପ୍ତ ହୋଇଥିବାରୁ ସେ ପରିଚିତ ହେଲେ ଟାଡିସରୁବାଇ ଭାବରେ । ସଂପୂର୍ଣ୍ଣ ନିରକ୍ଷର ଏବଂ ଠିକରେ ଓଡିଆ ଜାଣି ନ ଥିବା ଟାଡିସରୁ ବାଇ ଯେତେବେଳେ ଧ୍ୟାନସ୍ଥ ହୁଅନ୍ତି ତାଙ୍କ ସୁଲଳିତ କଣ୍ଠରୁ ଅନର୍ଗଳ ଭାବେ ଝରିପଡେ ଭାବପୂର୍ଣ୍ଣ ଭକ୍ତିସଂଗୀତ । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଲା ତାଙ୍କର କୋଣସି ଗୀତ ସେ ଦ୍ୱିତୀୟ ଥର ଗାଇ ନାହାନ୍ତି । ଶାଳପତ୍ର ଖଲି ସିଲେଇ କରି ଜଣେ ସାଧାରଣ ଆଦିବାସି ମହିଳାଙ୍କ ଜୀବନ ନିର୍ବାହ କରୁଥିବା ପୂର୍ଣ୍ଣମାସୀଙ୍କ କଣ୍ଠରୁ ଏଯାବତ ୧ ଲକ୍ଷରୁ ଅଧିକ ସଙ୍ଗୀତ ନିସୃତ ହୋଇ ସାରିଛି । ପ୍ରଥମେ ପ୍ରଥମେ ଏସବୁ ଲେଖି ରଖିବା ପାଇଁ କେହି ନ ଥିଲେ । ତେବେ ୧୯୯୦ ମସିହାରୁ କିଛି ସାହିତ୍ୟ ଓ ଆଧ୍ୟାତ୍ମିକତା ଅନୁଗାମି ଟାଡିସରୁ ବାଇଙ୍କ ସଙ୍ଗୀତର ରେକର୍ଡ କରିବା ସହ ଏହାକୁ ଲେଖି ରଖିବାର ପ୍ରୟାସ ଆରମ୍ଭ କରିଥିଲେ । ବାବାଙ୍କର ଅନ୍ୟତମ ଅନୁଗାମୀ ଶିକ୍ଷକ ଦୁର୍ଯ୍ୟୋଧନ ପ୍ରଧାନଙ୍କ ଦ୍ୱାରା ସଂକଳିତ ପୁସ୍ତକ ଏବେ ପାଣ୍ଡୁଲିପି ଅବସ୍ଥାରେ ରହିଛି । ତେବେ ଡଃ ସୁରେନ୍ଦ୍ରନାଥ ମହାନ୍ତିଙ୍କ ଦ୍ୱାରା ଟାଡିସରୁ ବାଇଙ୍କ ଜିବନ ଓ ଦର୍ଶନ ଉପରେ ଦୁଇଟି ପୁସ୍ତକ ଏଯାବତ ପ୍ରକାଶିତ ହୋଇଛି । ସେହିଭଳି ସାହିତ୍ୟିକ ନୃସିଂହାନନ୍ଦ ମହାପାତ୍ର ଲେଖିଚନ୍ତି ତାଙ୍କ ଜିବନୀ । ଡଃ ପ୍ରେମାନନ୍ଦ ମହାପାତ୍ର ମଧ୍ୟ ପୂର୍ଣ୍ଣମାସୀଙ୍କ ଜୀବନୀ ଓ କବିତା ଉପରେ ଏକ ସଂକଳନ ପ୍ରକାଶ କରିଛନ୍ତି। ଟାଡିସରୁ ବାବା ଭାବରେ କନ୍ଧମାଳ ଜିଲାରେ ପରିଚିତ ପୁର୍ଣ୍ଣମାସିଙ୍କ ସମସ୍ତ ଗୀତ ଭକ୍ତିରସାମୃତ ଓ ଦୈବୀ ଶକ୍ତି ପ୍ରେରିତ । ଏଭଳି ଜଣେ ଅନନ୍ୟା ମହିଳାଙ୍କୁ ସ୍ୱୀକୃତି ସ୍ୱରୂପ ପଦ୍ମଶ୍ରୀ ଉପାଧିରେ ଭୂଷିତ କରାଯାଇଥିବାରୁ ଜିଲାର ସବୁ ବର୍ଗର ଲୋକେ ସ୍ୱାଗତ ଜଣାଇଛନ୍ତ

# ଡାକ୍ତରଙ୍କ ଅବହେଳାରୁ ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା : ଆସିଲାନି ମହା ପ୍ରୟାଣ ଗାଡି: କାନ୍ଧରେ ବୋହି ନେଲେ ଶବ

କେନ୍ଦ୍ରାପଡ଼ା,୨୮।୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ପ୍ରଶାସନିକ ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି । ପ୍ରାୟ ଅଧିକାଂଶ ସମୟ ଡାକ୍ତରଙ୍କ ଅବହେଳାରୁ ବାଦ ବିବାଦରେ ରହି ଏହି ଡାକ୍ତରଖାନା ଉପରେ ଲୋକମାନଙ୍କ ଭରସା ତୁଟିବାରେ ଲାଗିଛି । କେତେବେଳେ ଡାକ୍ତରଙ୍କ ଅବହେଳାରେ ରୋଗୀର ମୃତ୍ୟୁ ତ କେତେବେଳେ ରୋଗୀକୁ ନଦେଖି ଡାକ୍ତର ଘରୋଇ ନର୍ସିଂହୋମରେ ଚିକିତ୍ସାରେ ବ୍ୟସ୍ତଥିବା ଅଭିଯୋଗ ହୋଇ ଆସୁଛି । ଏହିଭଳି ଏକ ଅଘଟଣ ସୋମବାର ରାତିରେ ଘଟିଥିବା ଜଣାପଡିଛି । ସୂଚନା ଅନୁଯାୟୀ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଅନୂଆପଡା ଗ୍ରାମର ସୁନାମଣି ରାଉତଙ୍କ ପତ୍ନୀ ସୁଲୋଚନା ରାଉତ ରବିବାର ସନ୍ଧ୍ୟା ୭ଟାରେ ସାମାନ୍ୟ ଅସୁସ୍ଥ ହୋଇ ଚିକିତ୍ସା ପାଇଁ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତି ହୋଇଥିଲେ । ରାତି ୧୦ଟା ପରେ ତାଙ୍କ ଦେହ ଅଧିକ ଖରାପ ହେବାରୁ ତାଙ୍କ ସଂପର୍କୀୟ ଡିୟୁଟିରେ ଥିବା ଡାକ୍ତରଙ୍କୁ ଦେଖିବା ପାଇଁ ଡାକିଥିଲେ । ପ୍ରାୟ ୩-୪ ଥର ଡାକ୍ତରଙ୍କୁ ଡାକିଥିଲେ ମଧ ଡିୟୁଟିରେ ଥାବ ଡାକ୍ତର ତାଙ୍କ କଥା ନ ଶୁଣିବାରୁ ସୁଲକୋଚନା ଙ୍କ ଝିଅ ନେହୁରା ହୋଇ ଡାକ୍ତରଙ୍କୁ ଡାକି ଥିଲେ ମଧ ଡାକ୍ତର ସେଠାକୁ ଯାଇନଥିଲେ । ଉପସ୍ଥିତ ଥିବା ଡାକ୍ତର ଜଣକ ସେଠାରେ ଥିବା ନର୍ସଙ୍କୁ ଅକ୍ସିଜେନ ଲଗାଇବାକୁ କହି ରୋଗୀଙ୍କ ସଂପର୍କୀୟଙ୍କୁ ବିଦା କରି ଦେଇଥିଲେ । ତାଙ୍କ ଝିଅ ଏବଂ ନାତି ସୁଲୋଚନାଙ୍କ ନିକଟକୁ ଆସିଲା ବେଳକୁ ସୁଲୋଚନା ସେତେବେଳକୁ ମୃତ୍ୟୁବରଣ କରି ସାରିଥିଲେ । ଏହି ଘଟଣାକୁ ନେଇ ସୁଲୋଚନାଙ୍କ ସଂପର୍କୀୟ ଡାକ୍ତରଖାନା ପରିସର ରାସ୍ତାରେ ତାଙ୍କ ଶବକୁ ରଖି ଦୋଷି ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଧାରଣାରେ ବସି ରହିଥିଲେ । ଖବର ପାଇ ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଅନ୍ୟ ଡାକ୍ତରମାନେ ତାଙ୍କୁ ବହୁତ ବୁଝାସୁଝା କରିଥିଲେ ମଧ ସେମାନେ ଧାରଣାରୁ ଉଠି ନଥିଲେ । ଏହି ପରିବାର ଅତ୍ୟନ୍ତ ଗରିବ ଥିବାରୁ ଶବ ନେବା ପାଇଁ ମହା ପ୍ରୟାଣ ଗାଡି ୮୦୦ ଟଙ୍କା ଦାବି କରିଥିଲା । ପରେ ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଁଚି ପରିସ୍ଥିତିକୁ ଆୟତ କରିଥିଲେ । ଏହି ପରିବାର ର ଆର୍ଥିକ ଅବସ୍ଥା ଖରାପ ଥିବାରୁ ଏମାନେ ଶବକୁ ନିଜେ କାନ୍ଧେଇ ନେଇଥିଲେ । ଏହି ଘଟଣାକୁ ଦେଖି ସାଧାରଣରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇବା ସହିତ ବହୁ ବୁଦ୍ଧିଜୀବି ମେଡିକାଲ ପ୍ରଶାସନର ତିବ୍ର ନିନ୍ଦା କରି ସଂପୃକ୍ତ ଡାକ୍ତରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ।

# ପୂର୍ବତନ ସରପଂଚଙ୍କୁ ତାଗିଦ୍ କଲେ କେନ୍ଦ୍ରମନ୍ତ୍ରୀ ପ୍ରତାପ



ନୀଳଗିରି,୨୮।୧ (ନି.ପ୍ର): ଜନୈକ ପୂର୍ବତନ ସରପଂଚ ଛତ୍ରପୁର ଗ୍ରାମ୍ୟ ବ୍ୟାଙ୍କର କର୍ମଚାରୀଙ୍କୁ ହାତବାରିଷି କରି ହିତାଧିକାରୀଙ୍କ ନାମରେ ବୋରୱେଲ,ଭତା ଓ ଲୋନ ନାମରେ ଲକ୍ଷ ଲକ୍ଷ ଟଙ୍କା ହଡପ କରିଥିବା ନେଇ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ନୀଳଗିରି ବ୍ଲକ ପିଠାହତା ପଂଚାୟତର ପୂର୍ବତନ ସରପଂଚ ଅନ୍ତର୍ଯ୍ୟାମୀ ବୁଗୁଡ଼ାଇ ବଣସୀମା ଅଂଚଳରେ ନୀରିହ ଆଦିବାସୀମାନଙ୍କ ନାମରେ ବୋରୱେଲ,ଭତା ଓ ଲୋନ କରାଇ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିବା ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଏପରିକି ପୂର୍ବତନ ସରପଂଚ ଭିନ୍ନକ୍ଷମ ଯୁବତୀଙ୍କୁ ଭତା କରିଦେବା ଆଳରେ ସମସ୍ତ ଦସ୍ତାବିଜ କରି ୨୦ ହଜାର ଟଙ୍କା ଲୋନ୍ କରି ଆତ୍ମସାତ କରିଥିବାର ଅଭିଯୋଗ ହୋଇଛି । ଶତାଧିକ ଲୋକଙ୍କ ନାମରେ ଏପରି ଜାଲିଆତି କରି ଲୋନ୍ ଉଠାଇ ନେଇ ହିତାଧିକାରୀ ମାନେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କ ଠାରେ ଅଭିଯୋଗ କରିଛନ୍ତି । ପୂର୍ବତନ ସରପଂଚ କେସିପୁର , ଛତ୍ରପୁର ଅଂଚଳର ଭତା କରିଦେବା ଆଳରେ ସମସ୍ତ ହିତାଧିକାରୀଙ୍କ ଠାରୁ ଟଂଚକତା କରି ବ୍ୟାଙ୍କର ଟଙ୍କା ଉଠାଣ ଫର୍ମରେ ଟିପଚିହ୍ନ ଓ ଦସ୍ତଖତ କରି ଲୁଟ କରିଥିବାର ଜଣାପଡ଼ିଛି । ଛତ୍ରପୁର ଗ୍ରାମ୍ୟବ୍ୟାଙ୍କରୁ ଯେତେବେଳେ ଟଙ୍କା ପରିଶୋଧ ପାଇଁ ନୋଟିସ ଆସିଲା ସେତେବେଳେ ସମସ୍ତ ହିତାଧିକାରୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି । ହିତାଧିକାରୀ କହିବା କଥା ଆମ୍ଭେମାନେ ତ ବ୍ୟାଙ୍କରୁ ଲୋନ୍ ବିଷୟରେ ଖୋଳତାଳ କଲା ପରେ କେସିପୁର ପଂଚାୟତର ପୂର୍ବତନ ସରପଂଚ ଅନ୍ତର୍ଯ୍ୟାମୀ ବୁଗୁଡ଼ାଇ ଏପରି କରିଥିବାର ଜାଣିବାକୁ ପାଇଥିଲେ । ଘଟଣା ଶୁଣିଲା ପରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଜାମୁନା ଛକରେ ଏକ ବିଲରେ ଅଭିଯୋଗକାରୀମାନଙ୍କୁ ଡକାଇ ସମସ୍ତ ଅଭିଯୋଗ ଶୁଣିଲା ପରେ ସଂଗେ ସଂଗେ ପୂର୍ବତନ ସରପଂଚ ଅନ୍ତର୍ଯ୍ୟାମୀ ବୁଗୁଡ଼ାଇଙ୍କୁ ଡକାଇଥିଲେ । ତୁରନ୍ତ ଘଟଣାର ସମାଧାନ ପାଇଁ ପୂର୍ବତନ ସରପଂଚଙ୍କୁ ତାଗିଦ କରିଥିବା ଜଣାପଡିଛି । ଏ ବାବଦରେ ପୂର୍ବତନ ସରପଂଚଙ୍କୁ ପଚାରିବାରୁ ବ୍ୟାଙ୍କ କ'ଣ କରିଛି, ମ୍ୟାନେଜର ଙ୍କୁ ପଚ୍ଚରନ୍ତୁ । ମୁଁ ପୂବତନ ସରପଂଚ ଭାବରେ ସାହାଯ୍ୟ କରିଛି । ଟଙ୍କା ହଡ଼ପ ଘଟଣାକୁ ଅସ୍ୱୀକାର କରିବା ସହିତ ଘଟଣାର ତଦନ୍ତ କରାଯାଉ ବୋଲି ପାଲଟା ଅଭିଯୋଗ କରିଛନ୍ତି ।




## ସଂସ୍କୃତିପ୍ରେମୀ ବିଜୁବାବୁ ଓ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର

**ଦିଲ୍ଲୀପ ହାଲି**

ଜଣେ ଦୃଢ଼ମନା ରାଜନୀତିଜ୍ଞ ଓ ଦକ୍ଷ ପ୍ରଶାସକ ଭାବରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଯଥେଷ୍ଟ ସୁଖ୍ୟାତି ରହିଥିଲା । ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ଗ୍ରହଣ କରିବା କ୍ଷେତ୍ରରେ ସେ କାହାରି ନିନ୍ଦା ପ୍ରଶଂସାକୁ ଭ୍ରୂକ୍ଷେପ ନକରି ନିଜସ୍ୱ ମତକୁ ହିଁ ଜାହିର କରୁଥିଲେ, ଯାହା ସମାଜର ଗରିବ ଓ ଅବହେଳିତ ଲୋକମାନଙ୍କର ସ୍ୱାର୍ଥରକ୍ଷା ପାଇଁ ଉଦ୍ଦିଷ୍ଟ ଥିଲା । ତେବେ ଜୀବନର ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ସକ୍ରିୟ ରାଜନୀତିରେ ଜଡ଼ିତ ଥିଲେ ମଧ୍ୟ ତାଙ୍କ ଅନ୍ତରର ଭିତରେ ସଂସ୍କୃତିପ୍ରାଣତା ଯେ ଲୁଚି ରହିଥିଲା, ସେ ସମ୍ପର୍କରେ ହୁଏତ ଅନେକଙ୍କର ଧାରଣା ନଥାଏ । ଓଡ଼ିଶାର କଳା ଓ ସଂସ୍କୃତିକୁ ସେ ଖୁବ୍ ଆଦର କରୁଥିଲେ ଏବଂ ରାଜନୀତିରୁ ସାମାନ୍ୟ ସମୟ ପାଇବା କ୍ଷଣି କଳା ଓ ସଂସ୍କୃତି କ୍ଷେତ୍ରରେ ନିଜକୁ ନିୟୋଜିତ କରୁଥିଲେ । ୧୯୯୦ ରୁ ୧୯୯୫ ମସିହା ପର୍ଯ୍ୟନ୍ତ ଦ୍ୱିତୀୟ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ସମୟରେ ସଂସ୍କୃତି ପ୍ରତି ବିଜୁ ବାବୁଙ୍କର ରହିଥିବା ମମତା ଓ ଆଗ୍ରହ ସମ୍ପର୍କରେ ଏକାଧିକ ଦୃଷ୍ଟାନ୍ତ ରହିଛି । ସେତେବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଆ ଚଳଚ୍ଚିତ୍ର ନିମନ୍ତେ ପ୍ରଦାନ କରାଯାଉଥିବା ପୁରସ୍କାର ପ୍ରତିବର୍ଷ ନିୟମିତ ଭାବରେ ଦିଆଯାଉନଥିଲା । ପ୍ରତି ତିନି ଚାରିବର୍ଷରେ ଥରେ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହେଉଥିଲା, ଯାହାକି ସେହି ସମୟରେ ବିଶେଷ ଗୁରୁତ୍ୱ ବହନ କରୁନଥିଲା । କେବଳ ବେସରକାରୀସ୍ତରରେ ଓଡ଼ିଶା ସିନେକ୍ରିଟିକ୍ ଆସୋସିଏସନ ପ୍ରତିବର୍ଷ ନିୟମିତ ଭାବରେ ସିନେକ୍ରିଟିକ ପୁରସ୍କାର ପ୍ରଦାନ କରୁଥିଲା ଏବଂ ଏଥିପାଇଁ ବିଶାଳ ସାଂସ୍କୃତିକ ଉତ୍ସବ ଆୟୋଜିତ ହେଉଥିଲା । ପ୍ରତିବର୍ଷର ଉତ୍ସବରେ ପୁରୁଣା ଯୁଗର ଲୋକପ୍ରିୟ ଅଭିନେତା ଅଭିନେତ୍ରୀ ଓ ନିର୍ଦ୍ଦେଶକଙ୍କଠାରୁ ଆରମ୍ଭ କରି ନବାଗତ କଳାକାରଙ୍କ ପର୍ଯ୍ୟନ୍ତ ବିପୁଳ ସଂଖ୍ୟାରେ ଉପସ୍ଥିତ ରହି ଏହି ଉତ୍ସବକୁ ମନଭରି ଉପଭୋଗ କରୁଥିଲେ । ଘଣ୍ଟା ଘଣ୍ଟା ଧରି ଆୟୋଜିତ ହେଉଥିବା ଏହି ଉତ୍ସବରେ ହଜାର ହଜାର ଦର୍ଶକବନ୍ଧୁ ଉପସ୍ଥିତ ରହି ପୁରାତନ ଓ ନୂତନ କଳାକାରମାନଙ୍କୁ ବେଶ୍ ଉତ୍ସାହିତ କରୁଥିଲେ । ବିଜୁବାବୁ ତାଙ୍କର ପାଞ୍ଚବର୍ଷର ମୁଖ୍ୟମନ୍ତ୍ରୀତ୍ୱ ମଧ୍ୟରେ ୪ଥର ଏଭଳି ଉତ୍ସବରେ ଯୋଗ ଦେଇ ଏହାର ମର୍ଯ୍ୟାଦା ବଢ଼ାଇ ଦେଉଥିଲେ । ସବୁଠାରୁ ବଡ଼ ବିଶେଷତ୍ୱ ଥିଲା ଯେ, ମୁଖ୍ୟମନ୍ତ୍ରୀଙ୍କୁ ଏଥିପାଇଁ ସାକ୍ଷାତ କରି ସ୍ୱତନ୍ତ୍ର ନିମନ୍ତ୍ରଣ ପତ୍ର ଦେବାର ଆବଶ୍ୟକତା ପଡୁନଥିଲା । କେବଳ ଟେଲିଫୋନ୍‌ରେ ସିନେକ୍ରିଟିକ୍ ଚଳଚ୍ଚିତ୍ର ଉତ୍ସବ ଆୟୋଜିତ ହେଉଥିବା ଖବର ଶୁଣିବା ମାତ୍ରେ ସେ ତାଙ୍କ ଦପ୍ତରର ପ୍ରମୁଖ ସଚିବ ଓ ବ୍ୟକ୍ତିଗତ ସଚିବଙ୍କୁ ଗସ୍ତ କାର୍ଯ୍ୟକ୍ରମରେ ତାହାକୁ ସ୍ଥାନ ଦେବା ଲାଗି ନିର୍ଦ୍ଦେଶ ଦେଉଥିଲେ । ବିଜୁ ବାବୁ ପ୍ରତିଥରର ଉତ୍ସବରେ ଯୋଗଦେବା ବେଳେ ରବୀନ୍ଦ୍ର ମଣ୍ଡପରେ ବିପୁଳ ଜନ ସମାଗମକୁ ଲକ୍ଷ୍ୟ କରି ଆମେ ଲୋକମାନଙ୍କଠାରୁ ଟିକେଟ୍ କରି ଏଭଳି ଉତ୍ସବ କରିଛୁ କି ବୋଲି ପଚାରି ବୁଝୁଥିଲେ । ଆମେ କାହାରିଠାରୁ ପଇସାଟିଏ ନନେଇ ନିଜ ହାତରୁ ଖର୍ଚ୍ଚ କରି ଏହାର ଆୟୋଜନ କରିଛୁ ବୋଲଇ ଜାଣିବା ପରେ ସେ ଖୁବ୍ ଖୁସି ହେଉଥିଲେ ଏବଂ କର୍ମକର୍ତ୍ତାଙ୍କୁ ବାହାବ ଦେଉଥିଲେ । ସେ ଚାହୁଁଥିଲେ କାହାରିଠାରୁ ପଇସା ଆଦାୟ କରି ଏଭଳି ଜାକଜମକପୂର୍ଣ୍ଣ ଆୟୋଜନ କରାନଯାଉ । ସେଥିପାଇଁ ରବୀନ୍ଦ୍ର ମଣ୍ଡପର ପ୍ରେକ୍ଷାଳୟ ଦ୍ୱାରା ପାଖରେ ପହଞ୍ଚିବା ମାତ୍ରେ କବାଟ ସବୁକୁ ଖୋଲିଦେବାକୁ କହୁଥିଲେ । ଏବଂ ବାହାରେ ରୁଣ୍ଡ ହୋଇଥିବା ବହୁ ଲୋକଙ୍କୁ ସାଙ୍ଗରେ ଧରି ଭିତରେ ପ୍ରବେଶ କରୁଥିଲେ ।

୧୯୯୧ ମସିହା ମଇ ମାସରେ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେଉଥାଏ । ମୁଖ୍ୟମନ୍ତ୍ରୀ ବିଜୁବାବୁ କଳାହାଣ୍ଡି ଜିଲ୍ଲାରେ ଜନତା ଦଳର ନିର୍ବାଚନ ପ୍ରଚାରରେ ବ୍ୟସ୍ତ ଥାଆନ୍ତି । ଆମେ ସେହି ସମୟରେ ବଲିଉଡର ପ୍ରଖ୍ୟାତ ଅଭିନେତ୍ରୀ ମୀନାକ୍ଷି ଶେଷାଦ୍ରିଙ୍କୁ ମୁମ୍ବାଇରୁ ନିମନ୍ତ୍ରଣ କରି ଆଣି ଏକ ବିଶାଳ ସିନେକ୍ରିଟିକ୍ ଉତ୍ସବରେ ଆୟୋଜନ କରିଥିଲୁ । ବିଜୁ ବାବୁଙ୍କୁ ଟେଲିଫୋନ୍‌ରେ ଏ ସମ୍ପର୍କରେ ଜଣାଇବା କ୍ଷଣି ସେ ସୁଦୂର କଳାହାଣ୍ଡିରୁ ଏଥିରେ ଯୋଗ ଦେବା ନିମନ୍ତେ ସମ୍ମତି ଜଣାଇଥିଲେ । ତାଙ୍କର ସଚିବାଳୟ ଦପ୍ତରକୁ ଏ ସମ୍ପର୍କରେ ଜଣାଇ କାର୍ଯ୍ୟକ୍ରମକୁ ଚୂଡ଼ାନ୍ତ କରିଥିଲେ । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମଇ ୩୧ ତାରିଖ ସନ୍ଧ୍ୟାରେ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟ ଦର୍ଶକ, ଶ୍ରୋତା, କଳାକାର ଓ ଟେକ୍ନିସିଆନମାନଙ୍କ ଉପସ୍ଥିତିରେ ଭରପୂର ହୋଇଥିବା ବେଳେ ବିଜୁବାବୁ ନିର୍ଦ୍ଧାରିତ ସମୟର ପାଞ୍ଚ ମିନିଟ୍ ପୂର୍ବରୁ ଅର୍ଥାତ୍ ସନ୍ଧ୍ୟା ୫.୫୫ ମିନିଟ୍‌ରେ ଉତ୍ସବସ୍ଥଳରେ ପହଞ୍ଚି ସିଧା ମଞ୍ଚ ଉପରକୁ ଚାଲିଗଲେ । (କ୍ରମଶଃ)


+ସମ୍ପାଦକ, ଓଡ଼ିଆ ସିନେକ୍ରିଟିକ୍ ଆସୋସିଏସନ୍
ବଡ଼ଗଡ଼, ଭୁବନେଶ୍ୱର-୧୮


## ପୁଣି ହିରୋ ହେବେ ହରି: ନୂଆ ସିନେମାରେ ନୂଆ ଚରିତ୍ରରେ ଆସିବେ ନଜର



ଦୀର୍ଘ ୮ ବର୍ଷ ପରେ ପୁଣି ହିରୋ ଭୂମିକାରେ ଆସୁଛନ୍ତି ପରଦାରେ ହାସ୍ୟରସ ବାଣ୍ଟୁଥିବା ଲୋକପ୍ରିୟ କମେଡି ଷ୍ଟାର ହରିହର ମହାପାତ୍ର । ଏବେ ଦ୍ୱିତୀୟ ଥର ପାଇଁ ସେ ହିରୋ ହେବାକୁ ଯାଉଛନ୍ତି । ନୂଆ ସିନେମା ସହ ନୂଆ ଚରିତ୍ରରେ ଦର୍ଶକଙ୍କ ନିକଟକୁ ଫେରୁଛନ୍ତି । ୨୦୧୩ରେ ମୁକ୍ତିଲାଭ କରିଥିବା ଓଡ଼ିଆ ସିନେମା 'ରୁମ୍‌କୁ ଝୁମାନା' । ସିନେମାରେ ପରିକଳ୍ପନା ସାଙ୍ଗକୁ ସେ ଥିଲେ ସିନେମାର ମୁଖ୍ୟ ନାୟକ । ପ୍ରଥମ ଥର ନାୟକ ବନି ଦର୍ଶକଙ୍କ ସାମ୍ନାକୁ ଆସିଥିଲେ । କାହାଣୀ ଥିଲା ସମ୍ପୂର୍ଣ୍ଣ ଭିନ୍ନ । ଯାହା ଓଡ଼ିଆ ସିନେମାରେ ଚାଲିଆସିଥିବା ଚିରାଚରିତ ପ୍ରଥାକୁ ଭାଙ୍ଗିଥିଲା । ହରିଙ୍କ ଅଭିନୟ ବି ଚମତ୍କାର ଥିଲା । ଏବେ ସେହିଭଳି ଏକ କାହାଣୀକୁ ରୂପ ଦେବାକୁ ଯାଉଛନ୍ତି ହରି । ଯାହାର କାହାଣୀ, ସଂଳାପ ରଚନା ସହ ଚିତ୍ରନାଟ୍ୟ ପ୍ରସ୍ତୁତ କରିଛନ୍ତି ସେ ନିଜେ । ଦ୍ୱିତୀୟ ଥର ପାଇଁ ସିନେମାରେ ନାୟକ ବନିଛନ୍ତି । ଆଉ ତାଙ୍କ ନାୟିକା ସାଜିଛନ୍ତି ଓଲିଉଡ ସୁନ୍ଦରୀ ତଥା 'ସୁନ୍ଦରଗଡ଼ର ସଲମାନ୍ ଖାନ୍' ଫେମ୍ ଦିବ୍ୟା । ଅନ୍ୟାନ୍ୟ ଚରିତ୍ରରେ ବବି ମିଶ୍ର, ପିଙ୍କି ପ୍ରଧାନ, ସାତ୍ତ୍ୱିକୀ ମିଶ୍ର, ହାଡୁ ଓ ଲିନା ପ୍ରମୁଖ ଅଭିନୟ କରୁଛନ୍ତି । ବର୍ତ୍ତମାନ ବାରିପଦାରେ ସିନେମା ସୁଟିଂ ଚାଲିଛି । ଏହାର ନିର୍ଦ୍ଦେଶନା ଦେଉଛନ୍ତି ଚଣ୍ଡୀ ପରିଜା । ସଙ୍ଗୀତ ଦେଇଛନ୍ତି ଅଭିଜିତ୍ ମଜୁମ୍‌ଦାର୍ । ପ୍ରଯୋଜନା ଭାର ସମ୍ଭାଳିଛନ୍ତି ସୀତାରାମ ଅଗ୍ରୱାଲ୍ ।

## ମାଇନସ୍ ୯ ଡିଗ୍ରୀ ତାପମାତ୍ରାରେ ସୁଟିଂ କଲେ ଗୁରୁ ରନ୍ଧାୱା: ନାକରୁ ବାହାରିଲା ରକ୍ତ



ଆପଣ ଫିଲ୍ମ ବା କୌଣସି ଆଲବମ୍ ଦେଖି ମଜାନିଅନ୍ତି କିନ୍ତୁ ଏହାକୁ ପ୍ରସ୍ତୁତ କରିବା ପାଇଁ କେତେ ପରିଶ୍ରମ କରିବାକୁ ପଡେ ହୁଏତ ଜାଣିନଥିବେ । ଆକ୍ଟର୍ସଙ୍କ ଡାଏଟରୁ ନେଇ ଟ୍ରାଭେଲିଂ ପର୍ଯ୍ୟନ୍ତ ସମସ୍ତ କଥାକୁ ଧ୍ୟାନରେ ରଖିବାକୁ ପଡେ । କେବେ ମୁଣ୍ଡଫଟା ଖରା ତ ଆଉ କେତେ ବେଳେ ଜାଡରେ ସୁଟିଂ କରାଯାଏ । ନିକଟରେ ସିଙ୍ଗର ଗୁରୁ ରନ୍ଧାୱା ମଧ୍ୟ ନିଜ ଅପକମିଂ ପ୍ରୋଜେକ୍ଟ ପାଇଁ କଶ୍ମୀରରେ ସୁଟିଂ କରୁଥିଲେ, ଯେଉଁଠି ଥଣ୍ଡା କାରଣରୁ ତାଙ୍କ ନାକରୁ ରକ୍ତ ବାହାରିବାକୁ ଲାଗିଲା । ଗୁରୁ ରନ୍ଧାୱା ଏହି ଫଟୋ ସୋସିଆଲ ମିଡିଆରେ ସେୟାର କରିଛନ୍ତି । ଏଥିରେ ସେ କଶ୍ମୀରର ମାଇନସ୍ ଡିଗ୍ରୀ ବରଫ ମଧ୍ୟରେ ନଜର ଆସୁଛନ୍ତି । ସେ ଫର୍ମାଲ୍ ଡ୍ରେସ୍ ପିନ୍ଧିଛନ୍ତି ଏବଂ ତାଙ୍କ ନାକରୁ ରକ୍ତ ବାହାରୁଛି ।

ଗୁରୁ ରନ୍ଧାୱା ଏହି ଫଟୋ ସୋସିଆଲ ମିଡିଆରେ ସେୟାର କରିଛନ୍ତି । ଏଥିରେ ସେ ଲେଖିଛନ୍ତି ମାଇନସ୍ ୯ ଡିଗ୍ରୀରେ ସେଲସିୟସରେ ସୁଟ୍ କରିବା ବହୁତ ମୁସ୍କିଲ୍ କିନ୍ତୁ ପରିଶ୍ରମ ହିଁ ଆଗକୁ ବଢିବାର ଏକମାତ୍ର ଉପାୟ । ଆମେ କଶ୍ମୀରରେ ସୁଟ୍ କଲୁ । ଖୁବ୍ ଶୀଘ୍ର ଆସୁଛି ଟି-ସିରିଜର ଅଫିସିଆଲରେ.. ।

ଟ୍ୱିଟରରେ ମଧ୍ୟ ଗୁରୁ ରନ୍ଧାୱା ନିଜ ଏହି ଫଟୋ ସେୟାର କରିଛନ୍ତି । ୟୁଜର୍ସ ତାଙ୍କ ଫଟୋ ଦେଖି ଚିନ୍ତା ପ୍ରକଟ କରିଛନ୍ତି । କିଛି ତାଙ୍କୁ ନିଜର ଯତ୍ନ ନେବା ପାଇଁ ମଧ୍ୟ କହିଛନ୍ତି । ନିକଟରେ ଗୁରୁ ଅଭିନେତ୍ରୀ ମୃଣାଳ ଠାକୁରଙ୍କ ସହିତ କଶ୍ମୀରରୁ ନିଜ ଫଟୋ ଓ ଭିଡିଓ ସେୟାର କରିଥିଲେ । ମୃଣାଳ ମଧ୍ୟ ଗୁରୁ ରନ୍ଧାୱାଙ୍କ ସହ ଫଟୋ ଓ ଭିଡିଓ ସେୟାର କରିଛନ୍ତି । ଉଭୟ ବରଫରେ ମସ୍ତି କରୁଥିବା ନଜର ଆସୁଛନ୍ତି ।

**କୋଭିଡ କଟକଣାରେ କୋହଳ ଓ ସିନେମାହଲ ଖୋଲିବାନେଇ ସରକାରୀ ନିର୍ଦ୍ଦେଶନାମାରେ ଓଲିଉଡ ପୁଣିଥରେ ଚଳଚଂଚଳ ହୋଇଉଠିଛି । ଲକ୍‌ଡାଉନ୍ ସଟ୍‌ଡାଉନ ମଧ୍ୟରେ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଥିଲା । ଛୋଟ ପରଦା ପାଇଁ ଧାରାବାହିକ ଓ ସାଟେଲାଇଟ୍ ଚିତ୍ର ନିର୍ମାଣ ଯାହା ଚାଲୁ ରହିଥିଲା । ତଥାପି କିଛି ନିର୍ମାତା ଚଳଚ୍ଚିତ୍ର ନିର୍ମାଣ କରିଚାଲିଥିଲେ । ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୦ଟିରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ର ମୁକ୍ତି ଅପେକ୍ଷାରେ ଅଛି । କମ୍ ବଜେଟରେ ନୂଆ ଅଭିନେତା ଅଭିନେତ୍ରୀଙ୍କୁ ନେଇ ରୋଚକ କାହାଣୀ ଉପରେ ଚଳଚ୍ଚିତ୍ର ନିର୍ମାଣକୁ ଏବେ ଗୁରୁତ୍ୱପୂର୍ଣ୍ଣ ପ୍ରଦାନ କରାଯାଉଛି ।**

## ବଲିଉଡ୍ ଭଳି ଅନ୍‌ଲାଇନ୍ ଆପ୍‌ରେ ଓଲିଉଡ୍ ଫିଲ୍ମ 'ରୋମିଓ ରାଜା'


PLEXIGO
YOUR FILMY ENTERTAINMENT APP





ଓଲିଉଡ୍ ଜଗତରେ ଇତିହାସ ରଚିଛି ଅମ୍ଳାନ ଓ ଚମ୍ପନାଙ୍କ ଅଭିନିତ ଚଳଚ୍ଚିତ୍ର 'ରୋମିଓ ରାଜା' ପ୍ରଥମଥର ପାଇଁ ଏହି ଚଳଚ୍ଚିତ୍ର ୟୁ.ଏଫ୍.ଓ ପ୍ଲାଟଫର୍ମରେ ଅଲ୍ ୱାଲଡ୍ ରିଲିଜ୍ ହୋଇଥିବା ବେଳେ ରାଜ୍ୟର ମୋଟ ୩୦ ପ୍ରେକ୍ଷାଳୟରେ ଏହା ରିଲିଜ୍ ହୋଇଛି । ବଲିଉଡ୍ ଓ ହଲିଉଡ୍ ଚଳଚ୍ଚିତ୍ରଭଳି ଏହି ଫିଲ୍ମ ଅନ୍‌ଲାଇନ୍ ଆପ୍‌ରେ ସ୍ଥାନ ପାଇଛି । ଯେଉଁ ଆପ୍ ଜରିଆରେ ପ୍ରତିଦିନ ହଜାର ହଜାର ଦର୍ଶକ ଏହି ଚଳଚ୍ଚିତ୍ରକୁ ଦେଖିବାପାଇଁ ସୁଯୋଗ ପାଇଛନ୍ତି । ସ୍ମାର୍ଟ ଟିଭି କିମ୍ବା ଫୋନ୍ ଯୋଗେ ଏହାକୁ ଦେଖିହେଉଥିବାରୁ ଅନ୍‌ଲାଇନ୍ ଏହି ଟିକଟର ମୂଲ୍ୟ ରହିଛି ୭୯ ଟଙ୍କା । ଦର୍ଶକ ସିଧାସଳଖ ପ୍ଲେକ୍ସିଗୋ ଆପ୍ ଡାଉଲୋଡ୍ କରି ସେ ନିଜର ପରିଚୟ ପ୍ରଦାନକରି ଟିକେଟ୍ କାଟିପାରିବେ । ଫଳରେ ଦର୍ଶକଙ୍କୁ ୨୪ ଘଣ୍ଟା ପାଇଁ ଉକ୍ତ ଚଳଚ୍ଚିତ୍ର ଦେଖିବାକୁ ସୁଯୋଗ ମିଳିବ । ଏହାକୁ ଦର୍ଶକ ଆଗ ପଛ ଓ ପଜ୍ ମଧ୍ୟ କରି ଦେଖିପାରିବେ । ଏହା ବିଶ୍ୱର ଯେକୌଣସି ଇଣ୍ଟରନେଟ୍ ଉପଲବ୍ଧଥିବା ସ୍ଥାନରେ ରହି ଦେଖିହେବ । ପ୍ରଥମଥର ଏପରି ମୋଡ଼ରେ ଓଡ଼ିଆ ଫିଲ୍ମ ରିଲିଜ୍ ହୋଇଥିବାରୁ ବାହାର ରାଜ୍ୟ ସହିତ ଦେଶ ବିଦେଶରେ ରହୁଥିବା ଓଡ଼ିଆ ସିନେମା ପ୍ରେମୀମାନେ ଏହାର ଭରପୁର ଆନନ୍ଦ ଉଠାଇ ନିର୍ଦ୍ଦେଶକ ରାକେସ ସାମଲ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ଚଳଚ୍ଚିତ୍ର ଏକ ପ୍ରକାର ରୋମାଞ୍ଚକ ଓ ମନୋରଞ୍ଜନ ଭିତ୍ତିକ ହୋଇଥିବାରୁ ଏହାକୁ ଦର୍ଶକମାନଙ୍କର ଭରପୁର ପ୍ରଶଂସା ମିଳୁଛି ।

## ମୁକ୍ତି ଅପେକ୍ଷାରେ 'ଦିଲ୍‌ରେ ଅଛି ତୋରି ନାଁ'

ଆର୍ ଆର୍ ଇଭେଣ୍ଟସର ରମେଶ ବାରିକଙ୍କ ପ୍ରଯୋଜନାରେ ନିର୍ମିତ ହୋଇଛି ନୂଆ ଚଳଚ୍ଚିତ୍ର "ଦିଲ୍‌ରେ ଅଛି ତୋରି ନାଁ" । ଡ. ରଜନୀ ରଂଜନଙ୍କ କାହାଣୀ ଓ ସଂଳାପରେ ନିର୍ଦ୍ଦେଶନା ଦେଇଛନ୍ତି ତ୍ରିପତି ସାହୁ, ନିର୍ମଳ ନାୟକଙ୍କ ଗୀତ ଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ୍ ମଜୁମ୍‌ଦାର, ଫଟୋଗ୍ରାଫି ଧୃବାନନ୍ଦ ପଣ୍ଡା । ଏହି ଚଳଚ୍ଚିତ୍ରରେ ନାୟକ ସଂବିତ୍‌ଙ୍କ ବିପକ୍ଷରେ ଅଛନ୍ତି ଦୁଇଜଣ ନାୟିକା ପ୍ରିୟଙ୍କା ପାଣିଗ୍ରାହୀ ଓ ଅନୁରାଧା ପାଣିଗ୍ରାହୀ (ନବାଗତ), ଅନ୍ୟାନ୍ୟ କଳାକାରଙ୍କ ମଧ୍ୟରେ ଅଛନ୍ତି ପ୍ରଦ୍ୟୁମ୍ନ ଲେଙ୍କା, ନମିତା ଦାସ, ଜୀବନ ପଣ୍ଡା, ଗୁଡୁ, ଜୟପ୍ରକାଶ, ତପିମିଶ୍ର, ନନ୍‌ସେନ୍ସ ମଣି ଇତ୍ୟାଦି ବହୁ ଅଭିଜ୍ଞ କଳାକାର । କାହାଣୀଟି ଏକ ତ୍ରିକୋଣୀୟ ପ୍ରେମ ପଟ୍ଟଭୂମି ଉପରେ ରଚିତ ।


ନାୟିକା-ଅନୁରାଧା


ସମ୍ବିତଙ୍କ ସହ ନାୟିକା ପ୍ରିୟଙ୍କା

## ନୂଆ ଚଳଚ୍ଚିତ୍ର "କହିବିନି ତତେ ଆଇ ଲଭ୍ ୟୁ"




ନୂଆ ଓଡ଼ିଆ ଚଳଚ୍ଚିତ୍ର 'କହିବିନି ତତେ ଆଇ ଲଭ୍ ୟୁ'ର ସୁଟିଂ ଆଗେଇ ଚାଲିଛି । ତିତ୍‌ଲି ପ୍ରଡକ୍‌ସନ୍ସ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଏହି ଚଳଚ୍ଚିତ୍ରର ପ୍ରଯୋଜକ ପ୍ରୀତିସ ମହାନ୍ତି ଥିଲାବେଳେ ନିର୍ଦ୍ଦେଶନା ଭାର ତୁଲାଇଛନ୍ତି । ଲୋକପ୍ରିୟ କୋରିଓଗ୍ରାଫିର ଦୁଇଭାଇ ଲୁବୁନ୍, ଟୁବୁନ୍ । ମୁଖ୍ୟ ଭୂମିକାରେ ଲୁବୁନ୍, ସୋନା ଦ୍ୱିବେଦୀ, ଗୁଡୁ, ଅର୍ପିତା, ସରୋଜ ଦାସ, ପୃଷ୍ଟା ପଣ୍ଡା, ଡିସ୍କୋରେଡି । ବାପୁ ଗୋସ୍ୱାମୀ ସଂଳାପ ରଚନା କରିଥିଲା ବେଳେ ସଂଗୀତରେ ସଜାଇଛନ୍ତି ବୈଦ୍ୟନାଥ ଦାସ, ଗୀତ ରଚନା ବାପୁ ଗୋସ୍ୱାମୀ ଓ ନିର୍ମଳ ନାୟକ, ଗୀତ ଗୁଡ଼ିକରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅର୍ପିତା ଚୌଧୁରୀ ଓ ଦୀପ୍ତିରେଖା ପାଢ଼ୀ ।

## ସୁସ୍ମିତାଙ୍କ କଣ୍ଠରେ 'ଶୀତ ଫେରିଲା'



ଭୁବନେଶ୍ୱର: ଶୀତ ଫେରିଛି ଗୀତରେ । ହଁ, କିଛି ଦିନର ଉଷ୍ଣତା ପରେ ପୁଣି ଫେରିଛି ଶୀତ ଆଉ ଶୀତକୁ ଗୀତରେ ଗୀତରେ ଯେମିତି ଖୁବ୍ ସୁନ୍ଦର ଭାବେ ଉପଭୋଗ କରିବେ ଶ୍ରୋତା, ସେଥିପାଇଁ ପ୍ରୟାସ କରିଛନ୍ତି ସୁନାମଧନ୍ୟ କଣ୍ଠଶିଳ୍ପୀ ସୁସ୍ମିତା ଦାସ । ସୁସ୍ମିତାଙ୍କ ସହିତ ଗୀତ ଗାଇବା ସହ କମ୍ପୋଜ କରିଛନ୍ତି ଇଣ୍ଡିଆନ ଆଇଡଲ ଫେମ୍ ଯୁବକଣ୍ଠଶିଳ୍ପୀ ବିଶ୍ୱଜିତ ମହାପାତ୍ର । ଅରୋମିରା ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ଏହି ଗୀତ ଲେଖିଛନ୍ତି ଜଣାଶୁଣା ଗୀତିକାର ସଂଗ୍ରାମ ମହାନ୍ତି । ସଂଗୀତରେ ସଜାଇଛନ୍ତି ଯୁବ ସଂଗୀତ ନିର୍ଦ୍ଦେଶକ କ୍ରିଷ୍ଟୋ ମାଥ୍ୟୁଜ୍, ଦେବାଶିଷ କର, ବ୍ଲେସନ ନାଏକ, ରାମକୃଷ୍ଣ ବୈଠାରୁ ଓ ସାଉଣ୍ଡ ଇଞ୍ଜିନିୟର ସୋମେଶ ଶତପଥୀ ।

## 'ତାଣ୍ଡବ' କଳାକାରଙ୍କୁ ମିଳିଲାନି ଆଶ୍ୱସ୍ତି: ଗିରଫଦାରିକୁ ଏଡାଇବା ପାଇଁ ଆଗୁଆ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ



ବିବାଦୀୟ ହୋଇଥିବା ୱେବ୍ ?ସିରିଜ୍ ? ତାଣ୍ଡବର ନିର୍ଦ୍ଦେଶକ, ପ୍ରଯୋଜକ, କାହାଣୀ ଲେଖକ ଓ ଅନ୍ୟ କିଛି କଳାକାରଙ୍କୁ ବୁଧବାର ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିନାହିଁ । ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇଥିବା ଅଭିଯୋଗରେ ସେମାନଙ୍କ ବିରୋଧରେ ଅନେକ ରାଜ୍ୟରେ ମାମଲା ଦାୟର କରାଯାଇଛି । ତେଣୁ ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ ଗିରଫଦାରିକୁ ଏଡାଇବା ପାଇଁ ଆଗୁଆ ଜାମିନ ଚାହିଁଥିଲେ ।

ହେଲେ ସୁପ୍ରିମକୋର୍ଟ କହିଛନ୍ତି ଯେ ଅଭିବ୍ୟକ୍ତିର ସ୍ୱାଧୀନତା ପାଇଁ ସମ୍ବିଧାନରେ ଦିଆଯାଇଥିବା ଅଧିକାର ପୂର୍ଣ୍ଣ ଅଧିକାର ନୁହେଁ । ଅର୍ଥାତ୍ ? ଏହାର ବ୍ୟବହାର କରି ଆପଣମାନେ ଅନ୍ୟ ଏକ ସମୁଦାୟର ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇପାରିବେ ନାହିଁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ପରିତାପର ବିଷୟ...

ଯାହା ଘଟିବାର ନଥିଲା ତାହା ଘଟିଲା । ମଙ୍ଗଳବାର ଦିନ ପବିତ୍ର ସାଧାରଣତନ୍ତ୍ର ଦିବସରେ ଯେତେବେଳେ ରାଜଧାନୀ ଦିଲ୍ଲୀ ଉତ୍ସବମୁଖର ହୋଇ ଉଠିଥିଲା, ଆନ୍ଦୋଳନରତ କୃଷକମାନେ ଟ୍ରାକ୍ଟର ରାଲିରେ ବାହାରି ହଠାତ୍ ହିଂସାତ୍ମକ ପନ୍ଥା ଆପଣାଇଥିଲେ । ପ୍ରାୟ ଦୁଇଶହରୁ ଅଧିକ ପୁଲିସକର୍ମୀ ଆହତ ହୋଇଛନ୍ତି । ଗଣତନ୍ତ୍ର ଦିବସରେ ଏଭଳି ଅଗଣତାନ୍ତ୍ରିକ ଘଟଣା ସାରା ଦେଶକୁ ବିସ୍ମିତ କରିଛି । କେବଳ ବିସ୍ମିତ ନୁହେଁ, ଏହା ମଧ୍ୟ ଦେଶର ମର୍ଯ୍ୟାଦା ଓ ଗରିମାକୁ ମଧ୍ୟ କ୍ଷୁର୍ଣ୍ଣ କରିଛି । ଦିଲ୍ଲୀର ରାଜପଥରେ ସାଧାରଣତନ୍ତ୍ର ଦିବସ ଅନୁଷ୍ଠିତ ହେବାର ମାତ୍ର କେଇ ଘଣ୍ଟା ଭିତରେ ଲାଲକିଲ୍ଲାଠାରେ ହଜାର ହଜାର କୃଷକଙ୍କ ଉପସ୍ଥିତି ପରିସ୍ଥିତିକୁ ଅଣଆୟତ୍ତ କରିପକାଇଥିଲା । ଆଇନଶୃଙ୍ଖଳା ବଜାୟ ରଖିବା ସକାଶେ ସେଠାରେ ମୁତୟନ ଥିବା ସୁରକ୍ଷା କର୍ମୀଙ୍କ ଉପରକୁ ଆକ୍ରମଣ କରିବା ଯେତିକି ଗର୍ହିତ କାର୍ଯ୍ୟ, ତା'ଠାରୁ ଅଧିକ ଗର୍ହିତ ଲାଲକିଲ୍ଲାର ମଞ୍ଚ ଉପରେ କୃଷକ ଆନ୍ଦୋଳନର ପତାକା ଉତ୍ତୋଳନ କରିବା । ପୁଲିସକର୍ମୀଙ୍କ ଉପରକୁ ଟ୍ରାକ୍ଟର ମଡାଇ ଆଣିବା, ବାରିକେଡ ଭାଙ୍ଗି ନିଷେଧ ସ୍ଥଳ ମଧ୍ୟକୁ ପ୍ରବେଶ କରିବା, କିମ୍ବା ସୁରକ୍ଷାକର୍ମୀଙ୍କ ଉପରେ ଆକ୍ରମଣ କରିବା ନିଶ୍ଚିତ ଭାବେ ଆଇନ ଦୃଷ୍ଟିରୁ ଅପରାଧିକ କାର୍ଯ୍ୟ । ଏହା କୃଷକ ଆନ୍ଦୋଳନର ନେତୃବର୍ଗ ଓ ସେମାନଙ୍କର ଆଭିମୁଖ୍ୟକୁ ସ୍ପଷ୍ଟ କରିଛି । ଏହା ସତ୍ୟଯେ କୃଷି ଆଇନ ତିନୋଟିକୁ ସଂପୂର୍ଣ୍ଣ ଉଚ୍ଛେଦ କରିବା ଦାବିରେ ପ୍ରାୟ ୪୧ଟି କୃଷକ ସଂଗଠନର ନେତୃବର୍ଗ ନଭେମ୍ବର ୨୮ ତାରିଖଠାରୁ ଦିଲ୍ଲୀର ବିଭିନ୍ନ ପ୍ରବେଶପଥ ନିକଟରେ ସେମାନଙ୍କର ଆନ୍ଦୋଳନ ପ୍ରତିବାଦ ଜାରି ରଖିଛନ୍ତି । ଏବେସୁଦ୍ଧା ସରକାର ଓ କୃଷକ ସଂଗଠନର ନେତାମାନଙ୍କ ମଧ୍ୟରେ ଏଗାର ଥର ଆଲୋଚନା ହୋଇଥିଲେ ସୁଦ୍ଧା ସେଥିରୁ କୌଣସି ସମାଧାନ ପନ୍ଥା ବାହାରି ପାରିନାହିଁ । ଏପରିକି ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି ଓ ସର୍ବୋଚ୍ଚ ନ୍ୟାୟାଳୟ ଏଥିରେ ହସ୍ତକ୍ଷେପ କରି ସାମୟିକ ଭାବେ କୃଷି ଆଇନ ପ୍ରବର୍ତ୍ତନକୁ ସ୍ଥଗିତ ରଖିଛନ୍ତି । ପ୍ରସଙ୍ଗ ଏହି ସ୍ତରରେ ଥିବାବେଳେ ଦିଲ୍ଲୀରେ ଗଣତନ୍ତ୍ର ଦିବସ ପାଳନ ଦିନ ହିଁ ସମାନ୍ତରାଳ ଭାବେ ଟ୍ରାକ୍ଟର ରାଲି କରିବା ନିମନ୍ତେ ଆନ୍ଦୋଳନରତ କୃଷକମାନେ ଜିଦ୍ ଧରିଥିଲେ । ଦିଲ୍ଲୀ ପୁଲିସ୍ ସେମାନଙ୍କୁ ଏହି ସର୍ତ୍ତରେ ଅନୁମତି ଦେଇଥିଲା ଯେ ଗଣତନ୍ତ୍ର ଦିବସ ଉତ୍ସବ ସରିବା ପରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ହିଁ ସେମାନେ ଶାନ୍ତିଶୃଙ୍ଖଳାର ସହ ଏହି ସମାବେଶ କରିବେ । ଏଥିପାଇଁ କୃଷକ ନେତାମାନେ ଦିଲ୍ଲୀ ପୁଲିସ ଅବା ସରକାରଙ୍କୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । କିନ୍ତୁ ସେମାନଙ୍କ ଉଚ୍ଚାରଣ ଏବଂ ଆଚରଣ ମଧ୍ୟରେ ବିରାଟ ପାର୍ଥକ୍ୟ ଦେଖାଗଲା । ଦୁଇଶହରୁ ଅଧିକ ସୁରକ୍ଷା କର୍ମୀ ଆହତ ହେବା କିଛି ଛୋଟ ଘଟଣା ନୁହେଁ । ପୁଲିସ ଚାହିଁଥିଲେ ଅଧିକ ଶକ୍ତି ପ୍ରୟୋଗ କରି ଆନ୍ଦୋଳନରତ କୃଷକମାନଙ୍କୁ ସମଦଶା ଭୋଗାଇ ପାରିଥାନ୍ତା । କିନ୍ତୁ ଦିଲ୍ଲୀ ପୁଲିସ ଧୈର୍ଯ୍ୟ ରଖିଥିଲା । ଏହି ଘଟଣା ପାଇଁ କୃଷକ ଆନ୍ଦୋଳନର ନେତୃବର୍ଗଙ୍କ ମନରେ ଅନୁଶୋଚନ ଥିବା ଭଳି ଲାଗୁନାହିଁ । ତେବେ ଦୁଇଟି ଚାଷୀ ସଂଗଠନ ଆନ୍ଦୋଳନରୁ ଓହରି ଯାଇଛନ୍ତି । ଏକ ଛୋଟ ଫାଟ ଚାଷୀ ଆନ୍ଦୋଳନରେ ସୃଷ୍ଟି ହୋଇସାରିଛି । ଆନ୍ଦୋଳନକାରୀ କୃଷକମାନେ ଏଭଳି ଘଟଣା ସକାଶେ ନିଜକୁ ଦାୟୀ ନକରି ଏହା ଅନ୍ୟ କୌଣସି ଗୋଷ୍ଠୀଙ୍କ କାର୍ଯ୍ୟ ବୋଲି କହିବାକୁ ପଛାଇନାହାନ୍ତି । କୃଷକ ଆନ୍ଦୋଳନକୁ ଅନ୍ୟ ରାଜନୈତିକ ଦଳର ସମର୍ଥନ ସର୍ବଜନବିଦିତ । ସେମାନେ ମଧ୍ୟ କୃଷକମାନଙ୍କ ଏଭଳି କାର୍ଯ୍ୟକୁ ଯେଉଁ ଶବ୍ଦରେ ନିନ୍ଦା କରିବା କଥା ତାହା ସେମାନଙ୍କ ତୁଣ୍ଡରୁ ସ୍ଫୁରୁନାହିଁ । ଅପର ପକ୍ଷରେ ଆନ୍ଦୋଳନରତ କୃଷକମାନଙ୍କ ଏତାଦୃଶ କାର୍ଯ୍ୟ ଭାରତର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରୁଥିବାରୁ ମନରେ ପୁଣି ଥରେ ପ୍ରଶ୍ନ ଉଠେ, ସେମାନଙ୍କର ଏହି କାର୍ଯ୍ୟ କାହା ଦ୍ୱାରା ପ୍ରେରିତ ? ଏପରି କରି ଦେଶର ମର୍ଯ୍ୟାଦାରେ କାଳିମା ବୋଳିଲେ ସେମାନଙ୍କର କି ଉଦ୍ଦେଶ୍ୟ ସାଧିତ ହୋଇପାରିବ ? କୌଣସି ବାହ୍ୟ ତତ୍ତ୍ୱଙ୍କ ପ୍ରଚ୍ଛନ୍ନ ଇଙ୍ଗିତ ଏହା ପଛରେ କାର୍ଯ୍ୟ କରୁନାହିଁ ତ ? ମାତ୍ର କିଛି ସପ୍ତାହ ପୂର୍ବେ ଏହିଭଳି ଏକ ଘଟଣା ଆମେରିକାରେ ଘଟିଥିଲା, ଯେତେବେଳେ ସେ ଦେଶର ସଂସଦ ଭବନ ଭିତରକୁ କିଛି ଉଶୃଙ୍ଖଳ ଲୋକ ପଶି ହିଂସାକାଣ୍ଡ ଭିଆଇଥିଲେ । ଆମ ଦେଶରେ ମଧ୍ୟ ସେହିଭଳି ଏକ ଘଟଣା ଘଟିଛି ପବିତ୍ର ଗଣତନ୍ତ୍ର ଦିବସରେ । କିନ୍ତୁ ଏହା ଯେ ଗଣତନ୍ତ୍ରର ମଳଦୁଆକୁ ଦୋହଲାଇ ପାରିବ ନାହିଁ ତାହ ସୁନିଶ୍ଚିତ ।

## ଭାରତର ଟିକା କୂଟନୀତି

ପୃଥିବୀ ସାରା କୋରୋନା ରୋଗର ସଂକ୍ରମଣ ସମସ୍ତଙ୍କୁ ଚିନ୍ତିତ କରିଛି । ଇଉରୋପର ଅନେକଗୁଡିଏ ଦେଶରେ ଏହା ଦ୍ୱିତୀୟ କିମ୍ବା ତୃତୀୟଥର ପାଇଁ ମଧ ଫେରିଛି । ଆମେରିକାରେ ଦୈନିକ ଚ୍ଚରିହଜାରରୁ ଅଧିକ ଲୋକ ମୃତ୍ୟୁମୁଖରେ ପଡିବାରେ ଲାଗିଛନ୍ତି । ବ୍ରିଟେନରେ କର୍ଫ୍ୟୁ ଜାରି କରିବାକୁ ହୋଇଛି । ହଂକଂରେ ଲକ୍‌ଡାଉନ୍ ଚ୍ଚଳିଛି । ସଂକ୍ରମଣର ତାଣ୍ଡବ ଛୋଟ ବଡ ଅନେକ ଦେଶରେ ଜାରି ରହିଛି । ବ୍ରାଜିଲରେ ସ୍ଥିତି ଅସମ୍ଭାଳ ହୋଇପଡିଛି । ଲୋକମାନେ ବାଧ୍ୟ ହୋଇ ରାଷ୍ଟ୍ରପତି ବୋଲ୍‌ସେନାରୋଙ୍କ ସରକାର ବିରୋଧରେ ରାଜରାସ୍ତାକୁ ଓହ୍ଲାଇଛନ୍ତି,ଯେଉଁଥିପାଇଁ ତାଙ୍କୁ ଭାରତରୁ ଟିକାନେବାକୁ ସ୍ୱତନ୍ତ୍ର ବିମାନ ପଠାଇବାକୁ ପଡିଛି ।

ସୌମେନ୍ଦ୍ର ଜେନା
ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩

(ପୂର୍ବ ପ୍ରକାଶିତ ଉତ୍ତାରୁ) ଏକଥା ସତ ଯେ ପୂର୍ବରୁ ବିଶ୍ୱମଞ୍ଚରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟିକା ଉତ୍ପାଦନ ପରେ ଏହା ଯେପରି ବିଶ୍ୱକୁ ଯୋଗାଣ ହେବ ସେ ନେଇ ଘୋଷଣା କରିଥିଲେ । କେବଳ ସେତିକି ନୁହେଁ ସୁଲଭ ମୂଲ୍ୟରେ ବିଶ୍ୱବାସୀଙ୍କ ନିକଟରେ ଟିକାକୁ ପହଞ୍ଚାଇବା ଲାଗି ଭାରତ ସରକାର ଉଦ୍ୟମ କରିବେ ବୋଲି କହିଥିଲେ । ତଦନୁସାରେ ୧୬ଜାନୁଆରୀଠାରୁ ଭାରତରେ ଟିକାକରଣ ଆରମ୍ଭ ହେବା ପରେ ପରେ ୧୯ ଜାନୁଆରୀ ଠାରୁ ପଡୋଶୀ ଓ ସହଯୋଗୀ ରାଷ୍ଟ୍ରଗୁଡିକୁ ଭାରତ ସରକାର ମାଗଣାରେ ଟିକା ଯୋଗାଣ ଆରମ୍ଭ କରିଛନ୍ତି, ଯାହା ଅନ୍ୟ କୌଣସି ରାଷ୍ଟ୍ର ଏ ପର୍ଯ୍ୟନ୍ତ କରିନାହାନ୍ତି । ନିଜ ଦେଶରେ ୩୦ କୋଟି ଲୋକଙ୍କୁ ଟିକା ଦେବାଲାଗି ଭାରତ ସରକାର ଲକ୍ଷ୍ୟ ରଖି ପୃଥିବୀର ଅନ୍ୟାନ୍ୟ ରାଷ୍ଟ୍ରଗୁଡିକ ପାଇଁ ଟିକା ଯୋଗାଣ ଉପରେ ଜୋର ଦେଇଛନ୍ତି । ତଦନୁଯାୟୀ ମାତ୍ର ତିନିଦିନ ମଧ୍ୟରେ ଭୁଟାନକୁ ୧ଲକ୍ଷ, ବଙ୍ଗଳାଦେଶକୁ ୨୦ଲକ୍ଷ, ନେପାଳକୁ ୧୦ଲକ୍ଷ, ମାଳଦ୍ୱୀପକୁ ୧ ଲକ୍ଷ, ସେଚେଲସକୁ ୫୦ହଜାର, ମରିସସକୁ ୧ଲକ୍ଷ, ମ୍ୟାନମାରକୁ ୧୫ଲକ୍ଷ, ବ୍ରାଜିଲକୁ ୨୦ଲକ୍ଷ, ମୋରୋକୋକୁ ୨୦ଲକ୍ଷ ଟିକା ଯୋଗାଣ ହୋଇଛି । ଏକଥା ସତ ଯେ ପଡୋଶୀ ରାଷ୍ଟ୍ରଗୁଡିକ ସମେତ ୧୫୦ଟି ଦେଶକୁ କୋରୋନା ଚିକିତ୍ସା ସାମଗ୍ରୀ ସଂକ୍ରମଣ କାଳରେ ଗତବର୍ଷ ଭାରତ ଯୋଗାଇ ଦେଇଥିଲା । ସେଥିରେ ମାସ୍କ, ପିପିଇକିଟ୍, ଟେଷ୍ଟିଂ କିଟ୍, ଭେଣ୍ଟିଲାଇଜର, ଗ୍ଲୋବସ୍, ସାନିଟାଇଜର ଆଦି ରହିଥିଲା । ଏସବୁର ପ୍ରସ୍ତୁତି ଦେଶରେ ପୂର୍ବରୁ ଅଧିକ ହେଉ ନଥିଲେ ମଧ ସରକାର ଯୁଦ୍ଧକାଳୀନଭିତ୍ତିରେ ଏସବୁର ଉତ୍ପାଦନ କରି ବିଦେଶୀ ରାଷ୍ଟ୍ରଗୁଡିକୁ ଯୋଗାଇ ଦେଇଥିଲେ । ଫଳରେ ଅଳ୍ପଦିନ ମଧ୍ୟରେ ଭାରତ କୋରୋନା ଚିକିତ୍ସା ସାମଗ୍ରୀ ଉତ୍ପାଦନରେ ଦ୍ୱିତୀୟ ସ୍ଥାନ ଅଧିକାର କଲା । ସେତେବେଳେ ହାଇଡ୍ରୋକ୍ସିକ୍ଲୋରୋକୁଇନ, ରେମଡେସିଭର, ପାରାସିଟାମୋଲ ବଟିକା ବହୁଦେଶକୁ ଯୋଗାଇ ଦିଆଯାଇଥିଲା ।

ଟିକା ଉତ୍ପାଦନକାରୀ ରାଷ୍ଟ୍ରଗୁଡିକ ବର୍ତ୍ତମାନସୁଦ୍ଧା ନିଜ ଦେଶ ଭିତରେ ଟିକାକରଣ କାର୍ଯ୍ୟରେ ସୀମିତ ରହିଥିଲା ବେଳେ ଭାରତ ଟିକା କୂଟନୀତି ମାଧ୍ୟମରେ ବିଶ୍ୱକୁ ଟିକାଯୋଗାଣ ଆରମ୍ଭ କରିଛି । ବିଦେଶକୁ ଭାରତ ସରକାରଙ୍କ ସଂସ୍ଥା ଏଚ୍‌ଏଲ୍‌ଏଲ୍ ଲାଇଫ୍ କେୟାର ଲିମିଟେଡ୍ ମାଧ୍ୟମରେ ଟିକାଯୋଗାଇ ଦିଆଯାଉଛି । ଭାରତରେ ଟିକା ୨୦୦ରୁ ୩୦୦ଟଙ୍କା ମଧ୍ୟରେ ସରକାର ଦେଉଥିଲା ବେଳେ ଅନ୍ୟ ରାଷ୍ଟ୍ରକୁ ଏକ ହଜାର ଟଙ୍କାରେ ବିକ୍ରି କରୁଥିବା ଜଣାପଡିଛି । ଏହି ମୂଲ୍ୟ ଅନ୍ୟ ଦେଶର ଟିକାର ଦର ତୁଳନାରେ ବହୁତ କମ୍ । ଜାନୁଆରୀ ମାସ ୧୯ ଓ ୨୦ ତାରିଖରେ କୋରୋନା ଟିକାର ବ୍ୟବହାର ନେଇ ୧୩ଟି ଦେଶର ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଶାସନିକ ପ୍ରଶିକ୍ଷଣ ଭାରତ ପକ୍ଷରୁ ପ୍ରଦାନ କରାଯାଇଥିଲା । ସେହିସବୁ ଦେଶ ହେଲେ ବଙ୍ଗଳାଦେଶ, ଭୁଟାନ, ମାଳଦ୍ୱୀପ, ମଙ୍ଗୋଲିଆ, ମ୍ୟାନମାର, ନେପାଳ, ବାହାରିନ୍, ବ୍ରାଜିଲ୍, ମରିସସ୍, ମୋରୋକୋ, ଓମାନ, ସେଚେଲେସ ଓ ଶ୍ରୀଲଙ୍କା । ଏଥିରେ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ, ୟୁନିସେଫ୍, ଜାତୀୟ ଓ ପ୍ରାଦେଶିକ ସରକାରୀ ଅଧିକାରୀମାନେ ଯୋଗଦେଇଥିଲେ ।

ଭାରତର ସହଯୋଗୀ ରାଷ୍ଟ୍ର ମଙ୍ଗୋଲିଆ, ଓମାନ୍, ସାଉଦିଆରବ, ବାହାରିନ୍, ଦକ୍ଷିଣ ଆଫ୍ରିକା, ଡୋମିନିକା ଆଦି ଦେଶଗୁଡିକୁ ଟିକା ଯୋଗାଇ ଦିଆଯିବ ବୋଲି ଜଣାପଡିଛି । କୋରୋନା ଟିକା ପାଇବା ପାଇଁ ପଡୋଶୀ ରାଷ୍ଟ୍ର ବଙ୍ଗଳାଦେଶ ଓ ନେପାଳ ଚୀନ ସହ ପୂର୍ବରୁ ଆଲୋଚନା କରି ସିନୋଭାକ ଟିକାର ପ୍ରୟୋଗ ଓ ପରିଣାମ ସଂକ୍ରାନ୍ତୀୟ ତଥ୍ୟ ପାଇବାକୁ ଚ୍ଚହିଁଥିଲେ । ହେଲେ ଚୀନ କର୍ତ୍ତୃପକ୍ଷ ଟିକା ପ୍ରସ୍ତୁତି ପାଇଁ ଆଗୁଆ ଖର୍ଚ୍ଚ ନେବାକୁ ଚ୍ଚହିଁଥିଲେ । ଚୀନ କର୍ତ୍ତୃପକ୍ଷ କୌଣସି ପ୍ରକାର ତଥ୍ୟ ନଦେବା ଯୋଗୁ ସେମାନେ ଭାରତ ସରକାରଙ୍କ ସହ ଯୋଗାଯୋଗ କରିଥିଲେ । ଭାରତ ସରକାରଙ୍କ ପକ୍ଷରୁ ସମସ୍ତ ତଥ୍ୟ ଲାଭ କରିବା ଲାଗି ଭିନ୍ନ ଭିନ୍ନ ୫୦ ଟି ଦେଶର ରାଷ୍ଟ୍ରଦୂତମାନଙ୍କୁ ସ୍ୱତନ୍ତ୍ର ବିମାନ ଯୋଗେ ଟିକା ପ୍ରସ୍ତୁତ ହେଉଥିବା କାରଖାନା ପରିଦର୍ଶନର ବ୍ୟବସ୍ଥା କରାଯାଇଥିଲା । ରାଷ୍ଟ୍ରଦୂତମାନେ ଦୁଇଟି ଟିକା ମଧ୍ୟରୁ ଯେଉଁ ଟିକାକୁ ବାଛିବେ ସେହି ଅନୁଷ୍ଠାନ ସହ ତଥ୍ୟ ଓ ବ୍ୟବହାରଗତ ମାର୍ଗଦର୍ଶନ ଦେବା ପାଇଁ ସୁବିଧା କରାଯାଇଥିଲା । ଯାହାଫଳରେ ପାଖାପାଖି ୯୨ଟି ଦେଶ ଭାରତର ଟିକା ନେବା ପାଇଁ ଇତି ମଧ୍ୟରେ ଆଗ୍ରହ ପ୍ରକାଶ କରିଛନ୍ତି । ଭାରତ ସରକାର ଟିକାର ସୁରକ୍ଷିତ ପରିବହନ, ଶୀତଳୀକରଣ ଭଣ୍ଡାର ବ୍ୟବସ୍ଥା ଏବଂ ଉଚିତ ଉପଯୋଗ ନେଇ ପ୍ରଥମେ ପ୍ରଶିକ୍ଷଣ ଦେବାପରେ ଟିକାର ଯୋଗାଣ ସମ୍ଭବ ବୋଲି କହିଛନ୍ତି । ବିଶ୍ୱ ବଜାରରେ ଭାରତର ଟିକା ତୁଳନାରେ ଅନ୍ୟ ଟିକାଗୁଡିକର ମୂଲ୍ୟ ଚ୍ଚରିରୁ ପାଞ୍ଚ ଗୁଣ ଅଧିକ ରହୁଥିବା ଯୋଗୁ ଭାରତୀୟ ଟିକାର ଚ୍ଚହିଦା ସର୍ବାଧିକ ରହିଛି ।

ଟିକାକୁ ବୌଦ୍ଧିକ ସଂପଦ ଆଇନ ପରିସର ବାହାରେ ରଖି ବ୍ୟାପକ ଉତ୍ପାଦନ ଓ ସୁଲଭ ଯୋଗାଣ ଉପରେ ପୂର୍ବରୁ ନରେନ୍ଦ୍ର ମୋଦି ବିଶ୍ୱ ମଞ୍ଚରେ କଥା ଉଠାଇଥିଲେ । ଶ୍ରୀ ମୋଦିଙ୍କୁ ବ୍ରିଟେନ ଓ ଆମେରିକା ବିରୋଧ କରି ଟିକାକୁ ଶସ୍ତା ନକରିବା ନେଇ ଯୁକ୍ତି ବାଢିଥିଲେ । ହେଲେ ଶ୍ରୀ ମୋଦି ଏବେ ନିଜଆଡୁ ଅନେକ ଦେଶକୁ ଲକ୍ଷଲକ୍ଷ ସଂଖ୍ୟାରେ ମାଗଣାଟିକା ଯୋଗାଇ ଦେଇ ବିଶ୍ୱର ନେତୃବୃନ୍ଦଙ୍କୁ ଚକିତ କରିଦେଇଛନ୍ତି । (କ୍ରମଶଃ)

## ଭାରତମାତା କି ଜୟ



ଇଂ. ବିଦ୍ୟାଧର ପଣ୍ଡା

ଆନ୍ଦୋଳନ କଲାବେଳେ 'ଭାରତମାତା କି ଜୟ' ଏବଂ 'ବନ୍ଦେ ମାତରଂ' ହେଲା ବିରୋଧୀ ବିଦ୍ରୋହୀମାନଙ୍କର ଦୁଇଟି ସାଧାରଣ ସ୍ଲୋଗାନ୍। କିନ୍ତୁ ଗତ ନିର୍ବାଚନରେ ନୂଆକରି ଗୋଟିଏ ଜାତୀୟ ଦଳରୁ ଅନ୍ୟଦଳକୁ ଡେଇଁ ବିଧାୟକ ହୋଇଥିବା ପ୍ରକାଶବାବୁଙ୍କ ପାଟିରେ ଏସବୁ ନାରେବାଜି ଆଦୌ ପଶୁନି। ନୟାଗଡର ପରି ମାମଲା ପଛକୁ ମାହାଙ୍ଗାର ବରାଳବନ୍ଧୁ ବୃଦ୍ଧଦ୍ୱୟଙ୍କ ହତ୍ୟାଘଟଣା ସରକାରୀଦଳର ନେତାମାନଙ୍କୁ ଏବେ ବହୁତ ମହଙ୍ଗା ପଡିଛି। ବଡକଥା ହେଲା ଦୁଇଟିଯାକ ମାମଲାରେ ଦୁଇଜଣ ପ୍ରମୁଖ ମନ୍ତ୍ରୀଙ୍କର ସଂପୃକ୍ତି ଅଛିବୋଲି କୁହାଯାଉଥିବାରୁ ଏହା ରାଜ୍ୟର ରାଜନୈତିକ ମହଲକୁ ସରଗରମ କରି ଥାନାଘେରାଓ କୁଶ ପୁତ୍ତଳିକା ଦାହ ପରି ଅନେକ କାର୍ଯ୍ୟକ୍ରମ ଏବେ ନେତାମାନେ ନିଜହାତକୁ ନେବାର ଦେଖାଯାଉଛି। କାଁଭାଁ କଂଗ୍ରେସନେତା ବି ମଝିରେମଝିରେ ନିଦରୁ ଉଠି ବିଳିବିଳେଇଲା ବେଳକୁ ଏଥର ବିଜେପି ନିୟମିତ ଆନ୍ଦୋଳନ ଜାରି ରଖି ସରକାରଙ୍କ ଉପରେ ପ ପ୍ରୟୋଗ କରିବାରେ ଅନେକାଂଶରେ ସଫଳ ହେଉଛି। ହେଲେ ଆଜିକାଲି ଖୁପିଆ କ୍ୟାମେରା ଏବଂ ସାମ୍ବାଦିକ ମାନଙ୍କ ଚିଲ୍ଲଆଖି ପ୍ରକାଶବାବୁଙ୍କ କଥା ପଦାରେ ପକେଇଦେଲା। ଆନ୍ଦୋଳନରେ ସ୍ଲୋଗାନ୍ ଦେବାବେଳେ ସବୁ ସ୍ଲୋଗାନ୍‌କୁ ପ୍ରକାଶବାବୁ ଗଳାଫଟାଇ ଚିତ୍କାର କରୁଥିବା ବେଳେ 'ଭାରତମାତା କି ଜୟ' ବେଳକୁ ଓଠ ଫି ରହିଯାଉଥାନ୍ତି। ଏକଥା ଜଣେ ସାମ୍ବାଦିକଙ୍କୁ ହଜମ ନହେବାରୁ ସିଧାସଳଖ ପ୍ରଶ୍ନ କଲେ। ପ୍ରକାଶବାବୁ ସତକଥା ପରିପ୍ରକାଶ କରି କହିଲେ ଯେ ସେ କଂଗ୍ରେସରେ ପଚିଶବର୍ଷ ଅତିକ୍ରିୟାଶୀଳ କାର୍ଯ୍ୟକର୍ତ୍ତା ଭାବରେ କାମ କରୁଥିଲେ। ଏହି ଗତ ନିର୍ବାଚନ ପୂର୍ବରୁ ତାଙ୍କର ଶିକ୍ଷିତା ପତ୍ନୀ ତା'ଙ୍କୁ କହିଲେ କଂଗ୍ରେସଦଳରେ ଭବିଷ୍ୟତ ଅନ୍ଧାର। ତେଣୁ ଠିକ୍ ନିର୍ବାଚନ ମାସେ ପୂର୍ବରୁ ପ୍ରକାଶବାବୁ ପଦ୍ମପାଦ ଶରଣରେ ଆସି ବିଧାୟକ ହେଲେ ସିନା କିନ୍ତୁ 'ଭାରତ ମାତା କି ଜୟ' କହିହେଉନି। ମୂଳରୁ ଅଭ୍ୟାସ ନାହିଁ ଏବଂ ଓଲଟା ଏହାପ୍ରତି ମନରେ ଘୃଣାଭାବ ରହିଛି। ଜଣେ କହିଲା କେତେକ ରାଜନୈତିକ ଦଳ ଏହି ସ୍ଲୋଗାନ୍ ତୁଣ୍ଡରେ ଧରିବେନି ବୋଲି ନିୟମ କରିଛନ୍ତି। ସେମାନଙ୍କର ଦଳପତି ମାନଙ୍କର ଧାରଣା ଯେ ଭାରତମାତା କେବଳ ଗେରୁଆଧାରୀ ଲୋକମାନଙ୍କର ପୈତୃକ ସମ୍ପତି, ସେଥିରେ ତାଙ୍କର ଭାଗ ନାହିଁ। ଯଦିଓ ସବୁଦଳର ଲୋକେ ସେହି ମାଆକୋଳରେ ହସିଖେଳି ତା'ରି ପାଣିପବନରେ ଗୋଟିଏ ଆକାଶ ତଳେ ବଢୁଛନ୍ତି ତଥାପି ଭାରତମାତା କି ଜୟ କହିଲା ବେଳକୁ କୁଣ୍ଠାବୋଧ କାହିଁକି କରୁଛନ୍ତି କିଛି ବୁଝିହେଉନି।

ଅନ୍ୟକିଛି ଦିଗକୁ ତର୍ଜମାକଲେ ଜଣାଯାଏ ହିନ୍ଦୁତ୍ୱରେ ବାଧକସୂତ୍ର ଅନେକ ଅଛି। ପ୍ରାଚୀନକାଳରୁ ହିନ୍ଦୁମାନେ ବିଶ୍ୱାସ କରି ଆସୁଛନ୍ତି – "ଅତିଥି ଦେବୋଭବ।" ଏହି ସୂତ୍ରାନୁସାରେ ସାତଦରିଆ ସେପାରିରୁ ଆସୁଥିବା ଜଳଦସ୍ୟୁମାନେ ଆମଦେଶରେ ପହଁଚିବାପରେ ଆମର ସରଳ ନିଷ୍କପଟ ଲୋକମାନେ ତାଙ୍କର ଭବ୍ୟ ସ୍ୱାଗତକରି ବହୁତ ସ୍ନେହଁଶ୍ରଦ୍ଧାର ସହ ଅତିଥିସତ୍କାର କଲେ ଯାହାଫଳରେ ସେମାନେ ଏ'ଜାଗାଛାଡି ଆଉ ଯିବାକୁ ହିଁଲେନି। ଶହଶହ ବର୍ଷ ଧରି ଗୋଟିଏ ପରେ ଗୋଟିଏ ବିଧର୍ମୀ ଶାସକମାନଙ୍କ ପାଖରେ ହିନ୍ଦୁମାନେ ଗୋଲାମହୋଇ ରହିବାକୁ ହେଲା। ନିଜର ଅସ୍ମିତା ଏବଂ ଏକତା ଅଖଣ୍ଡ ରଖିବା ପ୍ରଚେଷ୍ଟାରେ ଅଗଣିତ ଲୋକ ଯୁବାବସ୍ଥାରେ ପ୍ରାଣବଳି ଦେଲେ। ଏବେ ବି ଏହି ସୂତ୍ର ଆମରକ୍ତରେ ସେହି ପୁରାତନ ଗଣ୍ଠି ନିୟମପରି ଅକ୍ଷୁର୍ଣ୍ଣ ଅଛି। କିନ୍ତୁ ସୂକ୍ଷ୍ମତାର ସହ ବିରବିମର୍ଷ କଲେ ଜଣାଯାଏ ଏହି ସବୁ କେତେକ ଅଡୁଆ ସୂତ୍ର ଯୋଗୁଁ ହିନ୍ଦୁତ୍ୱର ଉତ୍‌ଥାନ ଅପେକ୍ଷା ପତନ ବେଶୀ ହେଲା ପରି ମନେହେବ। ସେହିପରି ଆଉ ଏକ ବିଶ୍ୱାସ – "ବସୁଧୈବ କୁଟୁମ୍ବକମ୍।" ପୁରା ବସୁଧାଯାକ ହେଲେ ଆମର କୁଟୁମ୍ବ। ତା'ଭିତରେ ପାକିସ୍ତାନ ଓ ଚୈନା ବି ଆସୁଛି। କାହିଁକି ଆସିବେନି! ସେମାନେ କ'ଣ ବସୁଧା ବାହାରେ କି! ତେଣୁ ଆମେ ସବୁ ଏକାଗୋତ୍ର ଭାଇଭାଇ। ଯଦି ଆମ ଉପରେ କିଏ ଅତ୍ୟାର କଲା କ୍ଷମା କରିଦିଅ। କାରଣ ନିଜ କୁଟୁମ୍ବର ଲୋକ ତ, ନିଜଲୋକ ଅନିଷ୍ଟ କଲେ କଲା। ଗାନ୍ଧୀ ବି ସେଇଆ କହିଥିଲେ ଯେ କିଏ ଯଦି ତୁମକୁ ଗୋଟିଏ ପୁଡା ମାଇଲା ଆର ଗାଲଟା ଦେଖେଇଦେବ। ଆଜିକାଲିର ଆଧୁନିକ ଯୁଗକୁ ଏସବୁ ଉଦାରବାଦୀ ସୂତ୍ର କିଛିକାମକୁ ନୁହେଁ। ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏବେ ହୃଦ୍‌ବୋଧ କଲେଣି ଯେ ହିନ୍ଦୁତ୍ୱର ଉନ୍ନତିରେ ହିଁ ଆମଦେଶର ଉନ୍ନତି। କିନ୍ତୁ ଯେଉଁ ସବୁ ଉଦାରବାଦୀ ସୂତ୍ର ଗୁଡିକୁ ଆମେ ଆମ ମୁନିଋଷିମାନଙ୍କ ଠାରୁ ହଜାରହଜାର ବର୍ଷତଳୁ ପାଳି ପ୍ରତିଟି ଜୀବକୋଷରେ ବିଶ୍ୱାସ ଭରି ଆସିଛେ ତା'କୁ ଭୁଲିବା କ'ଣ ଏତେ ସହଜ!

ଛଅ ସାତବର୍ଷ ତଳେ କିଏ ହିନ୍ଦୁ ସପକ୍ଷରେ କିଛି ବି କହିଲେ ସାଙ୍ଗେସାଙ୍ଗେ ସାମ୍ପ୍ରଦାୟୀକତାର ଫଳକ ତା ମଥାରେ ଟଙ୍ଗେଇ ରାଜନୀତି ଆରମ୍ଭ କରାଯାଉଥିଲା। ଏହା କେବଳ ହିନ୍ଦୁଧର୍ମ ପାଇଁ ଲାଗୁଥିଲା। ଅନ୍ୟଧର୍ମ ସପକ୍ଷରେ କହିଲେ ବୁଦ୍ଧିଜୀବୀମାନେ ତାଙ୍କୁ ଧର୍ମ ନିରପେକ୍ଷ ବୋଲି କହି ଅଜସ୍ର ସମ୍ମାନରେ ପୋତି ପକାଉଥିଲେ। ହେଲେ ଏବେ ଅନ୍ୟଧର୍ମର ଲୋକ ମଧ ଏସବୁ ଜାଣିଲେଣି ଏବଂ ସେମାନଙ୍କୁ ଭଲରେ ବୁଝିଗଲେଣି। ଏବେ ଦେଶର ସାମ୍ପ୍ରତିକ ପରିସ୍ଥିତି ଦେଖି ଲାଗୁଛି ଯେଉଁମାନେ ଲଘୁ ସମ୍ପ୍ରଦାୟର ମସିହା ସାଜି ସେମାନଙ୍କ ଭୋଟପାଇ ନିଜେ ଅମୋଦପ୍ରମୋଦରେ ବୁଡି ରହୁଥିଲେ ଏବଂ କେବଳ ନିର୍ବାଚନ ସମୟରେ ସ୍ଥାନିୟ ଜାତିଆଣ ଓ ଧର୍ମ ବର୍ଣ୍ଣପରି ସଂକୀର୍ଣ୍ଣତାପୂର୍ଣ୍ଣ ଭାବର ପ୍ରଚପ୍ରସାର କରି ପୁଣିଥରେ ପାଂଚବର୍ଷ ପାଇଁ ଗାଦି ହାତଉଥିଲେ ସେମାନଙ୍କର ଡାଲି ଆଉ ଏବେ ଆଗକୁ ସିଝିବନି। ତେଣୁ ପ୍ରତ୍ୟେକ ହିନ୍ଦୁ ସଂଗଠନର ଏବେ ଦାୟିତ୍ୱ ବଢିଯାଇଛି। ଏମିତିରେ ଦେଖିବାକୁ ଗଲେ ଅନେକ ହିନ୍ଦୁ ସଂଗଠନ ଦେଶରେ ଅଛି, କିନ୍ତୁ ତନ୍ମଧ୍ୟରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରମୁଖ ଏବଂ ବୃହତ୍ତମ। ଏମିତି ଦିନେ ଏକ ବୈଠକରେ ବସିବାର ସୁଯୋଗ ପାଇଥିବା ବେଳେ କେହି ଜଣେ ଆଗନ୍ତୁକ ଜଣେ ପୁରୁଖା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶ୍ନ କଲେ, 'ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାମ କ'ଣ?' କିଛି ସମୟ ଚୁପ୍ ରହିବାପରେ ବିନମ୍ରତା ପୂର୍ବକ ଖୁବ୍ ସରଳଭାଷାରେ ସେ କାର୍ଯ୍ୟକର୍ତ୍ତା ଜଣକ କହିଲେ, 'ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସେମିତି ବିଶେଷ କିଛି କରେନି, କିନ୍ତୁ ଜଣେ ସ୍ୱୟଂସେବକ କୌଣସି ରାଷ୍ଟ୍ରହିତ କାମକୁ କେତେବେଳେ ଛାଡେନି। ଜଣେ ସ୍ୱୟଂସେବକ ପାଇଁ ରାଷ୍ଟ୍ରଧର୍ମ ସର୍ବୋପରି।'

ଅନ୍ୟଧର୍ମରେ ଯେପରି ଧର୍ମାଳୟଗୁଡିକରେ ସାଙ୍ଗଠନିକ କାର୍ଯ୍ୟକ୍ରମ ଦେଖାଯାଏ ସେମିତି ହିନ୍ଦୁଧର୍ମର ଦେବାଳୟ ମାନଙ୍କରେ ଦୃଷ୍ଟିଗୋଚର ହୁଏ ନାହିଁ। ସେଥିପାଇଁ ସାଂଗଠନିକ ଦୃଷ୍ଟିକୋଣରୁ ହିନ୍ଦୁମାନେ ଟିକେ ଦୁର୍ବଳ ରହୁଛନ୍ତି। ସଂଗଠନଦ୍ୱାରା ସମାଜରେ ଆତ୍ମବିଶ୍ୱାସ ଜାଗ୍ରତ ହୁଏ। ସମାଜ ବଳଶାଳୀ ହୁଏ। ସ୍ୱଚ୍ଛନ୍ଦରେ ସ୍ୱାଧୀନ ଜୀବନଯାତ୍ରାର ସ୍ୱପ୍ନ ଦେଖିବାରେ ଗୋଟିଏ ସଂଗଠିତ ସମାଜ ଅଧିକ ସମର୍ଥ ହୁଏ। ହିନ୍ଦୁତ୍ୱରେ ସୁଖର ସଜ୍ଞା ଭିନ୍ନ। ହିନ୍ଦୁ ଆଦୌ ଭୋଗବାଦୀ ନୁହେଁ, ବରଂ ଯୋଗବାଦୀ। ବିଷୟ ସୁଖଠାରୁ ଆଧାତ୍ମବାଦରେ ଅଧିକ ଗୁରୁତ୍ୱ ଦିଆଯାଏ। ହିନ୍ଦୁ ଶାସ୍ତ୍ରାନୁସାରେ ବ୍ରାହ୍ମମୁହୂର୍ତ୍ତରେ ଶଯ୍ୟାତ୍ୟାଗ, ଧ୍ୟାନ ଧାରଣା ପ୍ରାଣାୟାମ ପ୍ରାର୍ଥନା ଆଦି କର୍ମ କରିବା ବିଧେୟ। କିନ୍ତୁ ଜଡବାଦୀ ପର୍ଶ୍ଚିମୀଦେଶର କିଛି ନାଗରିକ ସାରାରାତି କାମ ଏବଂ ସୁରାପାନପରେ ବ୍ରାହ୍ମ ମୁହୂର୍ତ୍ତରେ ଶୋଇବାକୁ ଯାଇ ପରସ୍ପରକୁ ଶୁଭ ରାତ୍ରୀ କହିଲା ବେଳକୁ ହିନ୍ଦୁଧର୍ମର ଅନେକ ଲୋକ ନିତ୍ୟକର୍ମ ସାରି ପରସ୍ପରକୁ ଶୁଭ ସକାଳ ବୋଲି କୁହନ୍ତି। ଅନେକ ଧର୍ମରେ ଅନେକ ବିଶେଷତ୍ୱ ରହିଛି। କିନ୍ତୁ ସମସ୍ତେ ନିଜନିଜ ଧର୍ମକୁ ନେଇ ଗର୍ବ କରିବା ଉଚିତ୍। ସେଥିରେ କିଛି ଅସୁବିଧା ନାହିଁ। ସେଥିପାଇଁ ତ ଶାସ୍ତ୍ର କୁହେ, 'ସ୍ୱଧର୍ମେ ନିଧନଂ ଶ୍ରେୟଃ, ପରଧର୍ମଂ ଭୟାବହମ୍।' ଏ ତତ୍ୱ ତ ସମସ୍ତଙ୍କ ପାଇଁ। ତେବେ ଏତେ ଧର୍ମାନ୍ତରିକରଣ ପ୍ରସଙ୍ଗ କଥା କାହିଁକି ଉଠୁଛି? ଲଭ୍ ଜିହାଦ୍ ପାଇଁ ଅନେକ ରାଜ୍ୟ ସରକାରଙ୍କ ଏତେ ମୁଣ୍ଡ ବିନ୍ଧୁଛି ଯେ ବିଧାନସଭାରେ ଆଇନି ପ୍ରଣୟନ କରିବାକୁ ମନ୍ତ୍ରୀ ପରିଷଦ ବାଧ୍ୟ ହେଉଛି। ଆମଦେଶରେ ହିନ୍ଦୁ ସଂଖ୍ୟାଧିକ ହେଲେ ମଧ ହିନ୍ଦୁତ୍ୱ ପ୍ରତି ବିପଦ ଦେଖାଯାଉଛି। ଏହା ଏକ ସମ୍ବେଦନଶୀଳ ଜାତୀୟ ପ୍ରସଙ୍ଗ ଏବଂ ଦୁର୍ଭାଗ୍ୟର ବିଷୟ ମଧ। ତେବେ ଆମ ଭାରତବର୍ଷରେ ରାଜନେତା ମାନେ ଦଳ ମତ ନିର୍ବିଶେଷରେ 'ଭାରତମାତା କି ଜୟ' କହିବା ଉଚିତ୍ ବୋଲି ମୋର ନିଜିମତ। ଅଖଣ୍ଡ ଭାରତ ତ ସମସ୍ତଙ୍କର ମାଆ, ତେଣୁ ତା'ଉପରେ ସମସ୍ତଙ୍କର ସମାନ ଅଧିକାର। ତେଣୁ ଲଜ୍ଜୁ ସମସ୍ତେ ମୁକ୍ତକଣ୍ଠରେ କହିବା 'ଭାରତ ମାତା କି ଜୟ।'

+ ଜାଗମରା, ଖଣ୍ଡଗିରି,
ଭୁବନେଶ୍ୱର-୧୯
ମୋ-୯୪୩୯୧୨୮୦୫୦




### ଶୀତରେ ଶୀତରେ...

ଶ୍ରୀ ସତ୍ୟବ୍ରତ ସାହୁ

ଦିଗ ବଦଳିଗଲେ
ସବା ପଛରେ ଥିବା ଲୋକଟି ସବା
ଆଗକୁ ଆସିଯାଏ
ମନ ବଦଳିଗଲେ
ଘୃଣା କରୁଥିବା ଲୋକଟି ବି ଖୁବ୍
ଆପଣାର ହୋଇଯାଏ।
ଝିଅଟି ମୋତେ ଖୁବ୍ ଭଲଲାଗେ..
ଭଲଲାଗେ ବୋଲିତ ଜାଣିଶୁଣି
ଛିଗୁଲେଇ ହୁଏ ତା' ସହ,
ଚିଡାଏ ଏଣୁତେଣୁ କହି
ହାଡ଼ଭଙ୍ଗା ଶୀତରେ ବି ପାଣି
ଛିଞ୍ଚିଦିଏ ତା' ଉପରେ ।

ତା'ର ଇଂରାଜୀ ଭଲ ହୁଏନା
ଅଥଚ ପରୀକ୍ଷା ପୂର୍ବ ଦିନ
ଶୋଇଥିଲା ନିଘୋଡ଼ ନିଦରେ
ମୁଁ ଟିକେ ପାଣି ଛିଞ୍ଚିଦେଲି
ତା' ମୁହଁରେ
କହିଲି, ଉଠ୍..
ଇଂରାଜୀ ଘୋଷ୍...କାଲି ପରୀକ୍ଷା..
ସେ ରାଗିଗଲା ଭୀଷଣ ଭାବରେ
ଶୀତକୁ ସହି ନପାରି
ରାଗିଗଲା ଯେ...ରାଗିଗଲା..
ପୁରା ରାଗିଗଲା
ବିତିଗଲା ଅନେକ ଶୀତ, ବର୍ଷା ଓ
ବସନ୍ତ..
ମୋ' ଜୀବନ ନିଃସଙ୍ଗ... ।

ଏଇ କେତେ ଦିନ ତଳେ..
ହାଡ଼ଭଙ୍ଗା ଶୀତରେ ଥରୁଥିଲାବେଳେ
ରାତି ଏଗାରଟାରେ
ଗୋଟେ ଅଜଣା ନମ୍ବରରୁ
କଲ୍ ଆସିଲା ମୋ' ମୋବାଇଲରେ;
ଝିଅଟିଏ କହିଲା,
ମୋତେ କ୍ଷମା କରିଦେ ସତ୍ୟ..
ମୁଁ ପ୍ରୀତିପର୍ଣ୍ଣା ।
ସେଦିନ ଟିକେ ପାଣି ଢାଳିଥିଲୁ
ବୋଲି ରାଗିଥିଲି ସିନା
ଜାଣିଛୁ..
ମୁଁ ଆଜି ଜଣେ ଇଂରାଜୀ ଅଧ୍ୟାପିକା!
କ୍ଷମାମାଗିବା ପାଇଁ
ଅନେକ ଖୋଜିଲି ତୋତେ..
ପାଇଲିନି..
ଆଜି ଗୋଟେ
ପୁରୁଣା 'ସମାଜ' ପେପରରୁ
ତୋ' କବିତା ସହ ଫୋନ ନମ୍ବର
ପାଇ ଫୋନ କଲି
କାନ ଧରୁଛି...
ପ୍ଲିଜ୍ କ୍ଷମା କରିଦେ ମୋତେ ।

ଖୁସି ହେଲି ମୁଁ
ଯେଉଁ ଶୀତ ଆମ ସମ୍ପର୍କ ଭାଙ୍ଗିଥିଲା
ସେହି ଶୀତରେ
ଯୋଡ଼ି ହୋଇଗଲା ଆମ ସମ୍ପର୍କ
ପୁଣିଥରେ ।
ଏବେ ମୁଁ ପୁରା ଜଡସଡ଼
ପ୍ରୀତିପର୍ଣ୍ଣାର ପ୍ରେମରେ
ଶୀତକୁ ଖାତିର କରିବି କ'ଣ ଯେ !
ଏବେ ସବୁଦିନ ଫୋନ କରୁଛି ସେ..
ଏଇତ ମୋ' ମୋବାଇଲ ରିଙ୍ଗ
ହେଲାଣି
ପ୍ରୀତିପର୍ଣ୍ଣା ଫୋନ କରିଛି ବୋଧେ...

+ ପଲ୍ଲୀସାହି, କମାଳପୁର,
ଅହିୟାସ, ଯାଜପୁର-୭୫୫୦୩୬
ମୋ- ୯୩୩୮୧୬୫୬୧୯

### କେବେ ହଟିବ ଏ ଦୁର୍ନୀତି

ଅକ୍ଷୟ ପଣ୍ଡା

ମନ ଭିତରେ ଆମ କଲାଣି ବସା
ଏଣିକି ଦେଖ ଚୁଟିଆ ମୂଷା
ଦିନ ଦିପହର ରେ ବାଇକ ଚୋରି
ରାତି ନାଚେ ସିଏ ଡିସ୍କୋ ମାରି ।

କିଏ କହେ ତତେ ମୁଁ ଚାକିରି ଦେବି
ଟାଟା କମ୍ପାନୀ ର ମୁଁ ଏମ୍ ଡି
ଆକାଶ ଉପରେ ତୁମେ ରଖ ଭରସା
ଦିଅ ଲୁଚେଇ ଟଙ୍କା ପଇସା ।

ଭୁବନେଶ୍ୱରରେ ଏବେ ପଡିଛି ହୁରି
ବେକରୁ ହେଉଛି ଚେନ ଚୋରି
ମୋବାଇଲ ର ରଥା କିଏ ପଚାରେ
ଝାମ୍ପି ନେଇଯିବେ ଏ ଦିପହରେ ।

ବଢୁଛି କଳାବଜାରିର କଷଣ
କରନ୍ତି କେତେଯେ ଏ ଶୋଷଣ
ତେଲ ଘିଅ ରେ ଚାଲିଛି ଅପମିଶ୍ରଣ
ଧନ ହୁଅଇ ଏଠି ବର୍ଷଣ ।

ଏବେ ମଦ ଚରସର ବଢୁଛି ନିଶା
ଯେମିତି ହେଉ ଲୋଡା ପଇସା
କେବେ ସୁଧୁରିବ ଏ ଦେଶର ଯଶା
ଦୁର୍ନୀତି ମନେ ବନ୍ଧିଛି ବସା ।

+ ଲୋକାପଡା, ଆଳି
୯୩୩୭୪୯୨୩୦୭




### ତୁମେ ଆସିଲା ପରେ

ପ୍ରଶାନ୍ତ କୁମାର ନାଥ

ରେଜେଇ କମ୍ବଳ ବନ୍ଦୀ ହୋଇଥିଲେ
ବାକ୍ସ ରୂପୀ କାରାଗାରେ
ମୁକୁଳିଲେ ଏବେ ସେହି ଅନ୍ଧକାରୁ
ତୁମେ ଯେ ଆସିଲା ପରେ ।

ଚାହା କଫି ମନ ଆନନ୍ଦେ ନାଚୁଛି
ତୁମେ ଦେଲ ଯେବେ ଛୁଇଁ
କୋକାକୋଲା ପେପ୍ସି ବସନ୍ତି ମଉନେ
ଚାହାନ୍ତିନି ତାଙ୍କୁ କେହି ।

ତୁମେ ଆସିଲାରୁ ଝୁଲି ଝୁଲି ପରା
ପଙ୍ଖାରେ କଳଙ୍କି ଲାଗେ
ରାତି ହୋଇଗଲେ ଝରକା କବାଟ
ଘରକୁ ଭଲରେ ଜଗେ ।

ବାହାରକୁ ଗଲେ ସୁଇଟର ଟୋପି
ଯିବାକୁ ଅଳି କରନ୍ତି
ଜୋତା ଓ ମଉଜା ଚାଦର ବି ମିଶି
ସାଥିରେ ଆମ ବୁଲନ୍ତି ।

ବରଷା ନହୋଇ ଭିଜାଉଛ ତୁମେ
କାକର ରୂପରେ ଆସି
ଟିକି ଟିକି ତୁମେ ମୋତି ଫୁଲ ହୋଇ
ଘାସରେ ପଡୁଛ ଖସି ।

ନିଆଁର ଉତ୍ତାପ ମିତ୍ର ସାଜୁଅଛି
ପାଣି ଲାଗେ ଶତ୍ରୁ ପରି
ଇଚ୍ଛା ହେଉଥାଏ ରହିବା ପାଇଁକି
ସେହି ଶତ୍ରୁଟିକୁ ଡରି ।

ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର
ମୋ-୦୮୮୯୨୩୦୧୧୪୩

# ସାହିତ୍ୟ ଏକାଡେମୀ ଦ୍ୱାରା ଉପେକ୍ଷିତ ହେଲା ବାଲେଶ୍ୱର

**ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୨୦୨୦ ମସିହା ପାଇଁ ଅତିବଡୀ ପୁରସ୍କାର ଓ ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କ ତାଲିକା ଗତକାଲି ପ୍ରକାଶ ପାଇବା ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାର କୌଣସି ସାରସ୍ୱତ ପ୍ରତିଭାଙ୍କ ନାମ ଏଥିରେ ସାମିଲ ନହେବା ସମଗ୍ର ଜିଲ୍ଲା ପାଇଁ ଚର୍ଚ୍ଚାର ବିଷୟ ହୋଇଛି । ଏ ସମ୍ପର୍କରେ ଜିଲ୍ଲାର କିଛି ବରିଷ୍ଠ ସାହିତ୍ୟିକଙ୍କର ପ୍ରତିକ୍ରିୟା ଏଠାରେ ରଖୁଛୁ ।**



ଅତ୍ୟନ୍ତ ଦୁଃଖର କଥା, ପୁନର୍ବିଚାର ହେବା ଉଚିତ୍ ।

**- ଡ. ରମାକାନ୍ତ ବେହେରା**
ପୂର୍ବତନ ସଦସ୍ୟ
ଓଡିଶା ସାହିତ୍ୟ ଏକାଡେମୀ



ବାଲେଶ୍ୱର ଜିଲ୍ଲା କଳା, ସଂସ୍କୃତି ଓ ସାହିତ୍ୟର ପ୍ରକୃଷ୍ଟ କ୍ଷେତ୍ର । ଏଠାରେ ବହୁ ଉଚ୍ଚ ସ୍ତରର ଲେଖକ ଅଛନ୍ତି । ଚଳିତ ବର୍ଷର ନିଷ୍ପତ୍ତିରେ ବାଲେଶ୍ୱର ଜିଲ୍ଲା ପ୍ରତି ଅବିଚାର କରାଯାଇଛି ନିଶ୍ଚୟ । ଏହାର ପୁନର୍ବିଚାର ଏକାଡେମୀ କର୍ତ୍ତୃପକ୍ଷ କରିବା ଉଚିତ୍ ।

**- ଡ. ମଥୁରାନାଥ ହୋତା**
ଅବସରପ୍ରାପ୍ତ ପ୍ରାଧ୍ୟାପକ



ବାଲେଶ୍ୱର ଜିଲ୍ଲା ଏକ ସଂସ୍କୃତି ସମ୍ପନ୍ନ ଓ ସାହିତ୍ୟ ଅନୁରାଗୀ ଜିଲ୍ଲା ହୋଇଥିଲେ ମଧ ଏହି ଜିଲ୍ଲାରୁ ସାହିତ୍ୟ ଏକାଡେମୀ ତରଫରୁ ଜଣକୁ ବି ସମ୍ବର୍ଦ୍ଧନା ପ୍ରଦାନ କରାନଯିବା ଅତ୍ୟନ୍ତ ପରିତାପର ବିଷୟ । ଏହି ଜିଲ୍ଲାରୁ ଚାରି ଜଣ ଏକାଡେମୀର ସଦସ୍ୟ ଓ ଜଣେ କାର୍ଯ୍ୟକାରୀ ସମିତିର ସଦସ୍ୟ ହୋଇଥିବା ବେଳେ ଏହା କିପରି ସମ୍ଭବ ହେଲା ତାହା ଚିନ୍ତାକଲେ ଆଶ୍ଚର୍ଯ୍ୟ ହେବାକୁ ପଡେ । ଏ ଜିଲ୍ଲାରେ ନବେ ବର୍ଷରୁ ଉର୍ଦ୍ଧ୍ୱ ସାରସ୍ୱତ ସାଧକ ମଧ ଅଛନ୍ତି ଯେଉଁମାନେ କେବେ ଉପଢୌକନଟିଏ ବି ପାଇନାହାନ୍ତି । ମୁଁ ଏହାର ପ୍ରତିବାଦ କରିବା ସଙ୍ଗେ ସଙ୍ଗେ ଏହାର ସୁବିଚାର ଆଶା କରିବାକୁ ଅନ୍ୟମାନଙ୍କୁ ନିବେଦନ କରୁଛି ।

**- ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ**
ପୂର୍ବତନ ସଭାପତି
ଫକୀରମୋହନ ସାହିତ୍ୟ ପରିଷଦ



ଏହା ଯଦି ସତ ହୋଇଥାଏ, ଜଣେ ଲେଖକ ହିସାବରେ ମୋର କିଛି କହିବାର ନାହିଁ ଖାଲି ଭାବିବାର ଅଛି । ଆମ ଜିଲ୍ଲାରେ କଣ ବରିଷ୍ଠ ଲେଖକ କେହି ଜଣେ ନାହାଁନ୍ତି ଯେଉଁ ପ୍ରଣମ୍ୟ ଲେଖକ ଓଡ଼ିଶା ସାହିତ୍ୟ ଏକାଡେମୀର ଦୃଷ୍ଟି ରେ ଯୋଗ୍ୟ ହୋଇପାରିଲେନି ! ଆମ ଜିଲ୍ଲାର ଏକାଡେମୀ ସଦସ୍ୟମାନେ ଏହାକୁ ଗୁରୁତ୍ୱର ସହ ବିଚାରକୁ ନେଇ ଏ ମାଟିର ବରିଷ୍ଠ ଲେଖକମାନଙ୍କୁ ଉପଯୁକ୍ତ ସମ୍ମାନ ଦିଅନ୍ତୁ ।

**- ପ୍ରଶାନ୍ତ ଦାସ,** ପ୍ରତିଭାଶ୍ରୀ ମୁଖ୍ୟ



ଏହା ଆମ ଜିଲ୍ଲା ପାଇଁ ଅତ୍ୟନ୍ତ ଦୁଃଖର ବିଷୟ । ମୁଁ ସଦସ୍ୟ ଥିବାବେଳେ ଦୁଇବର୍ଷ ଧରି ବରିଷ୍ଠ କବି ଲୋଚନ ବେହେରାଙ୍କ ନାଁ ପଠେଇ ଥିଲି । ଜିଲ୍ଲାର ଅନ୍ୟତମ ସଦସ୍ୟ ଡ. ଅରବିନ୍ଦ ଗିରି ମଧ କାହା ନାଁ ପଠେଇ ଥିବେ । ଅଥଚ ୨୦୨୦ ପାଇଁ ବାଲେଶ୍ୱରରୁ କାହାରିକୁ ବରିଷ୍ଠ ସାହିତ୍ୟିକ ଭାବେ ସମ୍ବର୍ଦ୍ଧିତ ନ କରିବା ପରିତାପର ବିଷୟ । ଲୋଚନ ବେହେରାଙ୍କ ବୟସ ୮୦ ରୁ ଉର୍ଦ୍ଧ୍ୱ । ୨ ଖଣ୍ଡ ଗ୍ରନ୍ଥାବଳୀ ତାଙ୍କର ପ୍ରକାଶ ପାଇଛି । ମୁଁ ଏ ବର୍ଷ ସେ ପାଇବେ ବୋଲି ଆଶା କରୁଥିଲି । ଭଦ୍ରକରୁ ୨ଜଣ ସମ୍ବର୍ଦ୍ଧିତ ହେବେ । ଅଥଚ ବାଲେଶ୍ୱରରୁ ନହେବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ । ବାଲେଶ୍ୱରର ଖୋଦ୍ ସଂସ୍କୃତି ମନ୍ତ୍ରୀ ଥାଉ ଥାଉ ଏ ପ୍ରକାର ଅବିଚାର ପାଇଁ ସେ ସାହିତ୍ୟ ଏକାଡେମୀକୁ ପୁନଃ ବିଚାର ପାଇଁ ଲେଖିବା ଉଚିତ ।

**-ଡ.ହରିଶ୍ଚନ୍ଦ୍ର ବେହେରା**
ପୂର୍ବତନ ସଦସ୍ୟ,
ଓଡିଶା ସାହିତ୍ୟ ଏକାଡେମୀ



କାରଣ ବାଲେଶ୍ୱର ଜିଲ୍ଲାରୁ ଚାରି ଚାରି ଜଣ ପ୍ରତିନିଧିତ୍ୱ କରୁଛନ୍ତି, ସେଥିରୁ ଜଣେ କାର୍ଯ୍ୟକାରୀରେ ଅଛନ୍ତି, ବିଶେଷ କରି ଏହି ବିଭାଗ ରେ ଏହି ଜିଲ୍ଲାରୁମନ୍ତ୍ରୀ ଅଛନ୍ତି । ଏମାନଙ୍କ ବିଚାର ରେ ଏହି ଜିଲ୍ଲା ରେ ଏଥିପାଇଁ କେହିଜଣେ ଯୋଗ୍ୟ ନୁହଁନ୍ତି ।

**- ବଂଶୀଧର ଚୌଧୁରୀ**
ପୂର୍ବତନ ସଂପାଦକ
ଫକୀରମୋହନ ସାହିତ୍ୟ ପରିଷଦ



ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓଡ଼ିଆ ସାହିତ୍ୟର ଏକ ପବିତ୍ର ମନ୍ଦିର, ଯେଉଁଥିରେ ଅଖଣ୍ଡ ଦୀପ ସର୍ବଦା ଜଳୁଥାଏ । ଏ ମନ୍ଦିର ମଧ୍ୟରେ ଅନେକ ପ୍ରତିଭାଦୀପ୍ତ ସାହିତ୍ୟରଥୀମାନେ ଚଳପ୍ରଚଳ କରୁଥାନ୍ତି । ସ୍ୱ ସ୍ୱ ପ୍ରତିଭାର ଉଜ୍ଜ୍ୱଳ ଶିଖାରେ ସାହିତ୍ୟ ମନ୍ଦିରକୁ ଆଲୋକିତ କରିଥାନ୍ତି । ନିଜର ସାରସ୍ୱତ ସାଧନା ପାଇଁ ପୁରସ୍କୃତ ଓ ସମ୍ବର୍ଦ୍ଧିତ ମଧ ହୋଇଥାନ୍ତି । ମାତ୍ର ଅନେକ ସମୟରେ ଏସବୁ ଦିଗରେ ପାତର ଅନ୍ତର ହେଉଥିବା ପରିଲକ୍ଷିତ ହୁଏ । ଏବେ ଏବେ ପ୍ରକାଶ ପାଇଥିବା ୨୦୨୦ ମସିହା ପାଇଁ ସମ୍ବର୍ଦ୍ଧିତ ତାଲିକାରେ ବାଲେଶ୍ୱର ଜିଲ୍ଲାର କୌଣସି ବରିଷ୍ଠ ଲେଖକ ଲେଖିକା ସ୍ଥାନ ପାଇନାହାନ୍ତି । ତେବେ ବାସ୍ତବରେ କ'ଣ ଆମ ଜିଲ୍ଲାରେ କୌଣସି ଯୋଗ୍ୟ ବରିଷ୍ଠ ଲେଖକ ନାହାଁନ୍ତି ନା ଜାଣିଶୁଣି ଏ ଜିଲ୍ଲାକୁ ଅଣଦେଖା କରାଯାଇଛି । ସାହିତ୍ୟ ଏକାଡେମୀ ଭଳି ଏକ ମର୍ଯ୍ୟାଦାପୂର୍ଣ୍ଣ ଅନୁଷ୍ଠାନ ଓଡ଼ିଶାର ସବୁ ଜିଲ୍ଲାକୁ ପର୍ଯ୍ୟବେକ୍ଷଣ କରି ତାଲିକା ପ୍ରସ୍ତୁତ କରିବା ଉଚିତ ଥିଲା ।

**- ଡ. ସିନ୍ଧୁ ସେନ,** ଆବାହିକା, ଓଡିଶା ଲେଖିକା ସଂସଦ, ବାଲେଶ୍ୱର ଶାଖା



ଆପଣ ଯେଉଁ ପ୍ରଶ୍ନ ପଚାରିଛନ୍ତି ତାହା ଖୁବ୍ ପ୍ରାସଙ୍ଗିକ । କାରଣ ବାଲେଶ୍ୱର ଜିଲ୍ଲାର ଲେଖକଙ୍କ ସଂଖ୍ୟା ଅନ୍ୟ ଜିଲ୍ଲା ତୁଳନାରେ ଯଥେଷ୍ଟ ଅଧିକ । ଓଡ଼ିଆ ସାହିତ୍ୟ କ୍ଷେତ୍ରକୁ ବାଲେଶ୍ୱରର ଅବଦାନ ଚିର ସ୍ମରଣୀୟ । ଏତଦ୍‌ବ୍ୟତୀତ ଏହି ଜିଲ୍ଲାରେ ଅଦ୍ୟାବଧି ବରିଷ୍ଠ ଲେଖକ ପ୍ରାୟ ୨୦ଜଣ ରହିଛନ୍ତି । ଗତକାଲି ୨୦୨୦ମସିହା ପାଇଁ ନାମ ଘୋଷଣା କରାଯାଇଛି, ଯାହା ପୂର୍ବ ସାଧାରଣ ପରିଷଦର ସଦସ୍ୟମାନଙ୍କର ପ୍ରସ୍ତାବିତ ନାମ ମଧ୍ୟରୁ । ଆମେ ଯେଉଁ ନୂତନ ସଦସ୍ୟମାନେ ଗତ ଜୁଲାଇ ମାସରୁ ମନୋନୀତ ହୋଇଛୁ ଆମ୍ଭମାନଙ୍କୁ ଅଦ୍ୟାବଧି କୌଣସି ନାମ ପ୍ରସ୍ତାବ ପାଇଁ ଏକାଡ଼େମୀ କର୍ତ୍ତୃପକ୍ଷ ପତ୍ର ଦେଇ ନାହାନ୍ତି । ପରନ୍ତୁ ପୂର୍ବ ପରିଷଦରେ ଆମ ଜିଲ୍ଲାରେ ଥିବା ଜିଲ୍ଲା ପ୍ରତିନିଧି ଡ.ହରିଶ୍ଚନ୍ଦ୍ର ବେହେରା ଓ ବିଶ୍ୱବିଦ୍ୟାଳୟ ପ୍ରତିନିଧି ଡ.ଅରବିନ୍ଦ ଗିରି ନିଶ୍ଚିତ ଭାବେ କୌଣସି ନା କୌଣସି ନାମ ପ୍ରସ୍ତାବ ରଖିଥିବେ, ଯାହା ଗତକାଲି ୨୭ତାରିଖର କାର୍ଯ୍ୟକାରୀ କମିଟି ବୈଠକରେ ଜଉମୁଦାରେ ରହିଥିବା ସେସବୁ ପ୍ରସ୍ତାବର ପତ୍ରଗୁଡ଼ିକ ଖୋଲା ଯାଇଥିବ । ଆଉ ସେ ଭିତରେ ଆମ ଜିଲ୍ଲାର ଅଧିବାସୀ ଅଧୁନା ସରକାରଙ୍କ ପକ୍ଷରୁ ମନୋନୀତ କାର୍ଯ୍ୟକାରୀ କମିଟିରେ ଜଣେ ସଦସ୍ୟ ବି ରହିଛନ୍ତି । ସେ ନିଶ୍ଚୟ ସେଇ ଦୁଇ ନାମକୁ ସେଠାରେ ଜାଣିଥିବେ ଏବଂ ସେ ମଧ୍ୟରୁ କାହାକୁ ବି ସମ୍ବର୍ଦ୍ଧନା ନିମନ୍ତେ ତାଙ୍କର ସମର୍ଥନ ଜଣାଇବାର କଥା, ଅଥଚ କୌଣସି ନାମ ଅନୁମୋଦନ ନପାଇବା ମୋତେ ବି ବିସ୍ମିତ କରିଛି । ଏପରିକି ବିଗତ ବର୍ଷରେ ଗୋଟିଏ ଜିଲ୍ଲାରୁ ୫ଜଣ ବରିଷ୍ଠ ଲେଖକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାର ନଜିର ରହିଛି । ତେଣୁ ବାଲେଶ୍ୱର ଜିଲ୍ଲାକୁ ଏଥିରୁ ବଂଚିତ କରିବା ନିଶ୍ଚିତ ଜିଲ୍ଲାର ସାହିତ୍ୟିକ ଓ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ସୃଷ୍ଟି କରିବା ସ୍ୱଭାବିକ । କିନ୍ତୁ ନୂତନ ସାଧାରଣ ପରିଷଦର ସଦସ୍ୟ ଭାବେ ମୋର ଏଥିରେ ଭୂମିକା କିଛି ନାହିଁ । କେବଳ ଏହାର ସଠିକ୍ ଉତ୍ତର ଏକାଡ଼େମୀ ନିର୍ଦ୍ଦେଶକ, ସଭାପତି, ସମ୍ପାଦକ ତଥା କାର୍ଯ୍ୟକାରୀ କମିଟିର ସଦସ୍ୟମାନେ ସ୍ପଷ୍ଟ କରିପାରିବେ ।

**- କାଳୀପଦ ପଣ୍ଡା,** ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମୀ



୨୦୨୦ ମସିହା ପାଇଁ ଓଡିଶା ସାହିତ୍ୟ ଏକାଡେମୀର ବରିଷ୍ଠ ସାରସ୍ୱତ ସାଧକମାନଙ୍କ ସମ୍ବର୍ଦ୍ଧନା ତାଲିକାରେ ବାଲେଶ୍ୱର ଜିଲ୍ଲାର କୌଣସି ସାହିତ୍ୟିକମାନଙ୍କ ନାମ ତାଲିକାଭୁକ୍ତ ନହେବା ମୋତେ ବିସ୍ମିତ କରିଛି । ମୁଁ ଆଶ୍ଚର୍ଯ୍ୟ ହେଉଛି ଯେ ମୋ ମାଟି ପ୍ରତି ଏହା ଅସମ୍ମାନ ହୋଇଛି । ବାଲେଶ୍ୱର ଓଡିଆ ଭାଷା ସାହିତ୍ୟର ଏନ୍ତୁଡିଶାଳ । ବାଲେଶ୍ୱରକୁ ବାଦ୍ ଦେଇ ଓଡିଆ ଭାଷା ସାହିତ୍ୟର ଅସ୍ମିତା କଳ୍ପନା କରାଯାଇ ନପାରେ । ୨୦୨୦ ବର୍ଷର ବରିଷ୍ଠ ସାହିତ୍ୟିକମାନଙ୍କ ନାମ ମୋର ପୂର୍ବକମିଟିର ମାନନୀୟ ସଦସ୍ୟମାନେ ପଠାଇଥିବେ । ବର୍ତ୍ତମାନର ସଦସ୍ୟଭାବେ ମୁଁ କୌଣସି ନାମ ମନୋନୟନ ପାଇଁ ପଠାଇ ନାହିଁ, ତାର କାରଣ ୨୦୨୧ ପାଇଁ ମୁଁ ପଠାଇବି । ତେଣୁ ପୂର୍ବ କମିଟିର ସଦସ୍ୟମାନେ ପଠାଇଥିବା ନାମ ତାଲିକାକୁ ବର୍ତ୍ତମାନର କାର୍ଯ୍ୟକାରୀ କମିଟି ଆଲୋଚନାକୁ ନେଇ ସିଦ୍ଧାନ୍ତ ଗ୍ରହଣ କରିବା କଥା । ସେ ଯାହା ହେଉନା କାହିଁକି, ବାଲେଶ୍ୱର ଜିଲ୍ଲାର ବରିଷ୍ଠ ସାହିତ୍ୟିକମାନେ ସମ୍ବର୍ଦ୍ଧନାରୁ ବାଦ୍ ପଡିବା ମୋ ମାଟି ପ୍ରତି ବିଶେଷକରି ମୋ ସ୍ୱାଭିମାନ ପ୍ରତି ଅସମ୍ମାନ । ମୁଁ ଗଭୀର ଭାବେ ମର୍ମାହତ । ମୋ ସମୟ ମଧ୍ୟରେ ଏ ପ୍ରକାର ଅବିଚାରକୁ କଦାପି ଗ୍ରହଣ କରାଯିବ ନାହିଁ ।

**- ଭରତ ଚନ୍ଦ୍ର ଦାଶ,** ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମୀ



ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ୧୫ ଜଣ ସାହିତ୍ୟିକଙ୍କୁ ସମ୍ମାନିତ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ ବାଲେଶ୍ୱରରୁ କାହାରି ନାମ ନରହିବା ସତରେ ଦୁର୍ଭାଗ୍ୟଜନକ । ସତରେ କଣ ବାଲେଶ୍ୱରରେ ସାହିତ୍ୟର ମରୁଡି ନା ଏହା ବାଲେଶ୍ୱର ପ୍ରତି ଏକାଡେମୀର ଅଣଦେଖା, କିଛି ବୁଝି ହେଉନାହିଁ । କର୍ତ୍ତୃପକ୍ଷଙ୍କର ଏ ସମ୍ପର୍କରେ ଗଭୀର ଅନୁଧ୍ୟାନ କରିବା ଦରକାର । ଯେଉଁ ବାଲେଶ୍ୱର ଆଜି ପର୍ଯ୍ୟନ୍ତ ସାହିତ୍ୟରେ ନୂଆ ନୂଆ ପରୀକ୍ଷା ନୀରିକ୍ଷା କରୁଛି ଓ ଦିଗବାରେଣୀ ଦେଖାଇଛି, ସେହି ବାଲେଶ୍ୱର ମାଟିର ସାହିତ୍ୟ କରୁଥିବା ମଣିଷମାନଙ୍କୁ କାହିଁକି ଏତେ ଅବହେଳା ? ଏ ପ୍ରଶ୍ନ କେବଳ ମୋର ନୁହେଁ, ଏ ପ୍ରଶ୍ନ ସମଗ୍ର ବାଲେଶ୍ୱରରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ । ଏକାଡେମୀ ଏଥିପ୍ରତି ଦୃଷ୍ଟି ଦେବାକୁ ନିବେଦନ ।

**- ଉଦୟ ନାରାୟଣ ଦାସ,** ବିଶିଷ୍ଟ କଥାଶିଳ୍ପୀ



ବାଲେଶ୍ୱରରେ ସାହିତ୍ୟରେ ବିଶେଷ କୃତିତ୍ୱ ହାସଲ କରିନଥିବା କେତେକ ମୁଷ୍ଟିମେୟ ସାହିତ୍ୟିକ ବାଲେଶ୍ୱରର ସାହିତ୍ୟକୁ କବଳିତ କରି ରଖିବା ସଙ୍ଗେସଙ୍ଗେ ରାଜନୀତିର ପଶାପାଲିରେ ଗୋଟି ହୋଇ ସାହିତ୍ୟକୁ ବ୍ୟବହାର କରୁଥିବାରୁ ବାଲେଶ୍ୱରରେ ପ୍ରତିଷ୍ଠାଲାଭ କରିଥିବା ସାହିତ୍ୟିକମାନେ ସମ୍ବର୍ଦ୍ଧିତ ହେବାର ସୁଯୋଗରୁ ବଂଚିତ ହେଉଛନ୍ତି । ବାଲେଶ୍ୱର ସମଗ୍ର ଓଡ଼ିଶାର ଏକ ସାହିତ୍ୟ ସଂସ୍କୃତି ସମ୍ପନ୍ନ ଜିଲ୍ଲାଭାବେ ପରିଚିତ । ମାତ୍ର କର୍ପୁର ଉଡ଼ିଯାଇଛି କନା ପଡ଼ିରହିବା ଭଳି ଆଜି ବାଲେଶ୍ୱରରେ ସାହିତ୍ୟର ଅବସ୍ଥା ।

**- ସୃଷ୍ଟିଧର ପରିଡା,** ମୁଖ୍ୟସମ୍ପାଦକ, ଧ୍ୱନି ପ୍ରତିଧ୍ୱନି



ଠିକ୍ କହିଲେ ଭୁଲ ବି କାହାପାଇଁ ହେଇ ପାରେ, ଏହା ଯେ ସଠିକ୍ ନିରୂପଣ ହେଉନି ପୁରସ୍କାର କି ସମ୍ବର୍ଦ୍ଧନା ପ୍ରାୟ ବିଶ୍ୱବ୍ୟାପୀ ସର୍ବତ୍ର । ସାହିତ୍ୟ ଏକାଡେମୀ ବା ବାଦ୍ ପଡନ୍ତା କେମିତି ? ଏହାଛଡା ବାଲେଶ୍ୱରର ମୁଖ୍ୟସ୍ୱର ବରିଷ୍ଠ ସାହିତ୍ୟିକଟିଏ କିଏ, ଯିଏ ଅଦ୍ୟାବଧି ଚଳଚଂଚଳ ରଖିଛନ୍ତି ତାଙ୍କ କଲମ ଓ ସୃଜନ କାମ ? ଏହି ନିର୍ଣ୍ଣୟଧାରାରେ ଉଣେଇଶ ବିଶ୍ କରି ଯାହା ନାଁ ଉଚ୍ଚାରିବେ ଉଚ୍ଚାରନ୍ତୁ ।

**- ଶ୍ରୀଦେବ**
ସମ୍ପାଦକ : ଚନ୍ଦ୍ରଭାଗା



ଏହା ଅତି ଦୁର୍ଭାଗ୍ୟଜନକ । ସାରସ୍ୱତ ଶ୍ରୀକ୍ଷେତ୍ର ବାଲେଶ୍ୱର ମାଟିରୁ କେହିଜଣେ ସ୍ରଷ୍ଟା ସମ୍ବର୍ଦ୍ଧିତ ନହେବା ଠାରୁ ବଳି ଅପମାନ କଣ ହୋଇପାରେ ! ଯେଉଁ ଜିଲ୍ଲାର ଖୋଦ ସଂସ୍କୃତି ମନ୍ତ୍ରୀ, ସେଇ ଜିଲ୍ଲାକୁ ଅଣଦେଖା କରିବା କେଉଁ ମାନସିକତାର ପରିଚୟ, ତାହା ଏବେ ଚର୍ଚ୍ଚା ପରିସରକୁ ଆସିବା ଦରକାର । ବାଲେଶ୍ୱରଜିଲ୍ଲାର ଅନେକ ମଗ୍ନ ତଥା ବରିଷ୍ଠ ସାହିତ୍ୟିକ ଅଛନ୍ତି, ସେମାନଙ୍କୁ ନଜର ଅନ୍ଦାଜ କରି ଯେଉଁ ତାଲିକା ପ୍ରକାଶ ପାଇଛି, ସେଥିରେ ମୁଁ ବ୍ୟକ୍ତିଗତ ଭାବେ ମର୍ମାହତ । ଓଡ଼ିଆ ଭାଷା ସାହିତ୍ୟକୁ ଏକ ନୂତନ ଦିଶା ଦେଖାଇଥିବା ମାଟିର ଆତ୍ମା ସତେ ଯେମିତି ହୋଇଛି କ୍ଷତାକ୍ତ । ଏହାଠାରୁ ଅଧିକ ବଳି ଅନ୍ୟକଥା କଣ କୁହାଯାଇ ପାରେ ? ଏ ଦିଗରେ ଅନ୍ତତଃ ପୁନଃ ବିଚାର କରିବାର ଆବଶ୍ୟକତା ଅଛି । ଯେଉଁମାନେ ସମ୍ବର୍ଦ୍ଧନା ଦେବାର କୁର୍ସି କୁ ଜାବୁଡି ଧରି ବସିଛନ୍ତି, ସେମାନଙ୍କ ସାହିତ୍ୟ ମନ୍ଥନ ଏବେବି ପ୍ରଶ୍ନବାଚୀ ।

ତେଣୁ ଏହାର ଘୋର ବିରୋଧ କରିବା ସହ, ସଂଶୋଧିତ ତାଲିକା ପ୍ରକାଶ କରି ବାଲେଶ୍ୱର ଭଳି ସମୃଦ୍ଧ ସାହିତ୍ୟ ସଂସ୍କୃତିର ମାଟିରୁ ଯୋଗ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ମୁଁ ଦାବି ରଖୁଛି ।

**- ଡ. ରାଧାରଂଜନ ପଟ୍ଟନାୟକ**
ବରିଷ୍ଠ ସାହିତ୍ୟିକ



କୌଣସି ବିଷୟରେ 'ଓଡ଼ିଶା ସାହିତ୍ୟ ଏକାଡେମୀ' ଠାରୁ କିଛି ନ୍ୟାୟ ଆଶା କରିବା ବୃଥା ହୋଇପଡ଼ିଛି । ଏବେ ସବୁ କଥା ରାଜନୀତି ଦ୍ୱାରା ନିୟନ୍ତ୍ରିତ ହେବାଭଳି ପୁରସ୍କାର ଓ ସମ୍ବର୍ଦ୍ଧନା ମଧ୍ୟ ରାଜନୈତିକ ସିଦ୍ଧାନ୍ତ ଭାବରେ ଗୃହୀତ ହେବାରେ ଲାଗିଲାଣି । ଓଡ଼ିଆ ସାହିତ୍ୟର ଏନ୍ତୁଡିଶାଳ ଫକୀରମୋହନଙ୍କ ମାଟିରେ ସମ୍ବର୍ଦ୍ଧିତ ହେବା ପାଇଁ ବାଲେଶ୍ୱରରୁ ଏକାଡେମୀକୁ କେହି ଦିଶିଲେ ନାହିଁ । ସଂସ୍କୃତି ମନ୍ତ୍ରୀଙ୍କ ଜିଲ୍ଲା ବାଲେଶ୍ୱରକୁ ଏ କ୍ଷେତ୍ରରେ ଏମିତି ଏକଘରକିଆ କରାଯିବା କଥାଟି ବାସ୍ତବିକ ଆଶ୍ଚର୍ଯ୍ୟ ଲାଗୁଛି । ଜିଲ୍ଲା ପ୍ରତିନିଧି ବାଛିବା ବେଳେ ଆମ ଜିଲ୍ଲାର ନେତାମାନେ ଯେମିତି ମୁଣ୍ଡ ପୂରାଇଥାଆନ୍ତି, ଏହା ବାଲେଶ୍ୱର ଜିଲ୍ଲାବାସୀଙ୍କ ସ୍ୱାଭିମାନର ପ୍ରଶ୍ନ ହୋଇଥିବାରୁ ଏ କଥାରେ ମଧ ସେମାନେ ଉତ୍ତରଦାୟୀ ଭାବରେ ଜବାବ ଦିଅନ୍ତୁ ।

**- ଅଭୟ ଦାସ**
କବି ଓ ପ୍ରକାଶକ



ବାଲେଶ୍ୱର ଭଳି ସାହିତ୍ୟ ସମୃଦ୍ଧ ଜିଲ୍ଲାରୁ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ ହେଲାଭଳି ସାରସ୍ୱତ ପ୍ରତିଭାର ଯେ ଅଭାବ ରହିଛି ଏହାକୁ କେବେ ଗ୍ରହଣ କରାଯାଇନପାରେ ଏବଂ ଏଥିରେ ଏକାଡେମୀ ତରଫରୁ କିଛି ପାତରଅନ୍ତର ଭାବ ଥିବାର ଅନୁମାନ କରାଯାଏ । ଯଦି ଏହା ସତ୍ୟ, ତେବେ ଏହା ବହୁ କ୍ଷୋଭର ବିଷୟ ।

**- ରବିନାରାୟଣ ଦାଶ**
ପୂର୍ବତନ ସଭାପତି
ଫକୀରମୋହନ ସାହିତ୍ୟ ପରିଷଦ



ଆଧୁନିକ ଓଡିଆ ସାହିତ୍ୟର ରକ୍ଷା ଓ ସୁରକ୍ଷା ଦିଗରେ ବାଲେଶ୍ୱର ସର୍ବଦା ଜାଗ୍ରତ ରହିଆସିଛି । ଏଣୁ ଆଧୁନିକ ସାହିତ୍ୟ ଉପରେ ଓଡିଶା ସାହିତ୍ୟ ଏକାଡେମୀ ଯେଉଁ ପୁରସ୍କାର ଓ ସମ୍ବର୍ଦ୍ଧନା ଦେଇ ଆସୁଛନ୍ତି, ସେଥିରେ ବାଲେଶ୍ୱରର ସ୍ଥାନ ନିରୂପିତ ହେବା ଯଥାର୍ଥ ଓ ବାଞ୍ଛନୀୟ । ୨୦୨୦ ମସିହା ପାଇଁ ଯେଉଁ ପ୍ରକାର ବାଲେଶ୍ୱରର ସାହିତ୍ୟିକମାନଙ୍କ ସକାଶେ ପାତରଅନ୍ତର ଓ ଅଣଦେଖା ନୀତି ଗ୍ରହଣ କରାଯାଇଛି, ସେଥିରେ ଆମେ ସମସ୍ତେ ବ୍ୟଥିତ ଓ ଦୁଃଖିତ । କେବଳ ମାତ୍ର ବାଲେଶ୍ୱରର ସାହିତ୍ୟ ଓ ସାହିତ୍ୟିକମାନଙ୍କ ପାଇଁ ବକ୍ତାମାନଙ୍କର ଭାଷଣ ଯେ କେବଳ ମାତ୍ର ବାହାର ଦେଖାଣିଆ, ଏହା ଏଥିରୁ ସ୍ପଷ୍ଟ ହେଉଛି । ଏହାର ପ୍ରତିକାର ପାଇଁ ଆମ ସମସ୍ତଙ୍କର ନିବେଦନ ।

**- ଡ. କୁଞ୍ଜବିହାରୀ ଧଳ**
ବରିଷ୍ଠ ସାହିତ୍ୟିକ



ବାଲେଶ୍ୱର ହେଲା କଳା ସଂସ୍କୃତି, ସାହିତ୍ୟର ଶ୍ରୀକ୍ଷେତ୍ର । ଏ ମାଟି ଫକୀରମୋହନ ସେନାପତି, କବିବର ରାଧାନାଥ ରାୟଙ୍କ ମାଟି । ଅଥଚ ଏ ବର୍ଷ ସାହିତ୍ୟ ଏକାଡେମୀ ସମ୍ମାନ ପାଇଁ ଜଣେ ବରିଷ୍ଠ ସାହିତ୍ୟିକ ବଛା ନହୋଇ ପାରିବା ଘୋର ଦୁଃଖ ଓ ବିଡ଼ମ୍ବନାର କଥା । ସତେକି କେହି ବରିଷ୍ଠ ସାହିତ୍ୟିକ ନାହାନ୍ତି ! ମୟୂରଭଞ୍ଜ ଜିଲ୍ଲାରୁ ବି କେହି ନାହାନ୍ତି । ଉତ୍ତର ଓଡ଼ିଶାର ସାହିତ୍ୟିକ ମାନଙ୍କ ଅଣଦେଖା କରାଯାଉଛି ବୋଲି ମନେହୁଏ । ଏ ଘଟଣା ବାରମ୍ବାର ଘଟୁଛି । ସଚେତନ ସାହିତ୍ୟମାନେ ଏକତ୍ରିତ ହୋଇ ବିରୋଧ କରିବାର ସମୟ ଆସିଛି ବୋଲି ମନେହୁଏ । ସବୁ ଜିଲ୍ଲାରୁ ଜଣେ ଲେଖାଏଁ ବରିଷ୍ଠ ସାହିତ୍ୟିକଂକୁ ପ୍ରତିବର୍ଷ ସମ୍ମାନିତ କରାଯିବା ଉଚିତ । ତାହେଲେ ଏ ସମୟ ଦେଖିବାକୁ ପଡନ୍ତା ନାହିଁ । ଆଶା ନିର୍ବାଚିତ ସଦସ୍ୟମାନେ ଏ ସମ୍ପର୍କରେ ଏକାଡେମୀରେ ଦାବି ରଖିବେ ।

**- ଡ. କବିତା ବାରିକ**
ବରିଷ୍ଠ ସାହିତ୍ୟିକା

# ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟସେବା ସ୍ଥିତିକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କ ସମୀକ୍ଷା

ବାଲେଶ୍ୱର,୨୮।୧(ନି.ପ୍ର): ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ ବିକାଶ ସମିତି ପରିଚାଳନା କମିଟି ବୈଠକ ରେମୁଣାସ୍ଥିତ ଫକୀର ମୋହନ ମେଡିକାଲ କଲେଜ ସମ୍ମିଳନୀ କକ୍ଷରେ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଏଥିରେ ଅଧ୍ୟକ୍ଷତା କରିଥିଲେ । ଜନସାଧାରଣଙ୍କୁ ସର୍ବନିମ୍ନ ସ୍ୱାସ୍ଥ୍ୟସେବା ପ୍ରଦାନରେ ଉପୁଜୁଥିବା ପ୍ରତିବନ୍ଧକ ଦୂର କରିବା ଉପରେ ଶ୍ରୀ ଷଡଙ୍ଗୀ ଗୁରୁତ୍ୱାରୋପ କରିଥିଲେ । ସରକାରଙ୍କ ବିଭିନ୍ନ ଯୋଜନାରେ ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥଲେ । ବିଭିନ୍ନ ଜଟିଳ ରୋଗର ନିଦାନ ଓ ଚିକିତ୍ସା ପାଇଁ ସିଟି ସ୍କାନ, ଏମଆରଆଇ ପ୍ରଭୃତି ସେବା ବିନା ମୂଲ୍ୟରେ ପ୍ରଦାନ ପାଇଁ ସରକାରଙ୍କ ବ୍ୟବସ୍ଥା ସମ୍ପର୍କରେ ଜନସଚେତନତା ସୃଷ୍ଟି ପାଇଁ ଶ୍ରୀ ଷଡଙ୍ଗୀ ସମସ୍ତଙ୍କୁ କହିଥିଲେ । ଡାକ୍ତରଖାନାରେ ଲିଫ୍ଟ ବ୍ୟବସ୍ଥାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ଅଧିକ ସଂଖ୍ୟକ ଷ୍ଟ୍ରେଚର ବ୍ୟବସ୍ଥା, ବ୍ୟାଟେରୀ ଚାଳିତ ଗାଡି ଚଳାଇବା, ପାର୍କିଂ ବ୍ୟବସ୍ଥାକୁ ନିୟନ୍ତ୍ରିତ କରିବା, ଅଧିକ ସଂଖ୍ୟକ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପାଇଁ ସରାକାରଙ୍କୁ ପ୍ରସ୍ତାବ ଦେବା ପ୍ରଭୃତି ସମ୍ପର୍କରେ ମନ୍ତ୍ରୀ ଶ୍ରୀ ଷଡଙ୍ଗୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟପକ୍ଷରେ ଡାକ୍ତରଖାନା ପରିସରରେ ଅଧିକାଂଶ ସମୟରେ ସୃଷ୍ଟି ହେଉଥିବା ଆଇନଶୃଙ୍ଖଳା ପରିସ୍ଥିତି ଓ ରୋଗୀ ତଥା ରୋଗୀ ପରିବାରଙ୍କ ପ୍ରତି ଖାମଖିଆଲ ମନୋଭାବ ପୋଷଣ ନ କରିବା ଉଚିତ ବୋଲି ସେ କହିଥିଲେ । ମେଡିକାଲ କଲେଜ ହସପିଟାଲ ପରିସରରେ ମୋବାଇଲ ଲୁଟରେ ସମ୍ପୃକ୍ତ ଥିବା ପୋଲିସ କର୍ମଚାରୀଙ୍କ କାର୍ଯ୍ୟ ତଦାରଖ ପାଇଁ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଏହି ବୈଠକରେ କ୍ଷମତା ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ, ପିଡି ଡିଆରଡିଏ ରବୀନ୍ଦ୍ର କୁମାର ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲସେନ ଜଗଦ୍ଦେବ, ଫକୀର ମୋହନ ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଡିନ୍ ଡାକ୍ତର ରାମଚନ୍ଦ୍ର ଗିରି, ସୁପରିଟେଣ୍ଡେଂଟ ଡାକ୍ତର ସୁଜାତା ମିଶ୍ର ପ୍ରମୁଖଙ୍କ ସମେତ ବିଧାୟକଙ୍କ ପ୍ରତିନିଧି ସାମ୍ବାଦିକ ରବି ରାଉତ, ଜିଲ୍ଲା ସ୍ୱାସ୍ଥ୍ୟ ବିକାଶ ସମିତିର ସଦସ୍ୟ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଭଦ୍ରକ ଆଇନଜୀବୀ ସାଂସ୍କୃତିକ ସଭା ପକ୍ଷରୁ ବନ୍ଧୁ ମିଳନ ଓ ସମ୍ବର୍ଦ୍ଧନା

ଭଦ୍ରକ,୨୮।୦୧ (ନି.ପ୍ର): ଭଦ୍ରକ ଶ୍ରୀରାମ କଲ୍ୟାଣ ମଣ୍ଡପଠାରେ ଭଦ୍ରକ ଆଇନଜୀବୀ ସାଂସ୍କୃତିକ ସଭା ଆନୁକୂଲ୍ୟରେ ସାଧାରଣତନ୍ତ୍ର ଦିବସ ଅବସରରେ ଆଇନଜୀବୀମାନଙ୍କ ମଧୁ ମିଳନ ଓ ସମ୍ବର୍ଦ୍ଧନା ସଭା ସମାରୋହ ଅନୁଷ୍ଠିତ ହୋଇଯାଇଛି। ସାଧାରଣତନ୍ତ୍ର ଦିବସ ଭାରତୀୟ ସମ୍ବିଧାନର ଐତିହାସିକ ଗାରିମାକୁ ମନେ ପକାଇ ଦିଏ। ଦେଶ ପାଇଁ ବଳିଦାନ ଦେଇଥିବା ମହାପୁରୁଷମାନଙ୍କ ଅବଦାନ ଆଗାମୀ ପିଢି ପାଇଁ ବରଦାନ ହୋଇ ରହିବ। ଦେଶର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ସାରା ବିଶ୍ୱରେ ଜାଜ୍ୱଲ୍ୟମାନ ରହିବା ପାଇଁ ଆମ ସମ୍ବିଧାନର ଅବଦାନ ଅବିସ୍ମରଣୀୟ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଆଇନଜୀବୀ ତୁଷାରକାନ୍ତି ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ସମାଜ ପାଇଁ ଆଇନଜୀବୀମାନଙ୍କ ଭୂମିକା ସଦାସର୍ବଦା ଅଗ୍ରଗଣ୍ୟ ହୋଇ ରହିଛି ଓ ରହିଥିବ ବୋଲି କହିଥିଲେ। ଏହି ଉତ୍ସବରେ ଭଦ୍ରକ ଓକିଲ ସଂଘର ବରିଷ୍ଠ ୯ଜଣ ଅଧିବକ୍ତାଙ୍କୁ ସଭା ପକ୍ଷରୁ ମାନ୍ୟବର ବିଧାୟକ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବକୁ ଅତିଥିଭାବେ ଆମନ୍ତ୍ରିତ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ଆସି ନପାରି ତାଙ୍କ ବାର୍ତ୍ତା ପଠାଇଥିଲେ। ଦୀର୍ଘ ପଚାଶ ବର୍ଷ ନିରନ୍ତର ବୃତ୍ତିଗତ ସେବା ଯୋଗାଇବା ସହ ସମାଜ ପାଇଁ ବିଭିନ୍ନ କ୍ଷେତ୍ରରେ ଅବଦାନ ଦେଇଥିବା ଆଇନଜୀବୀ ବସନ୍ତ କୁମାର ମହାନ୍ତି, ଆଜୀବନ ସଂଗ୍ରାମୀ ନିରାକାର ଜେନା, ଯତୀନ୍ଦ୍ର ମୋହନ ଦାସ, ବସନ୍ତ କୁମାର ଦାସ, ରାଜକିଶୋର ଦାସ, ରାଧାକାନ୍ତ ନାୟକ, ଶରତ ଚନ୍ଦ୍ର ମହାପାତ୍ର, ହାଜି ଶେଖ୍ ଆବୁ ସୁଫିଆନ, ପ୍ରକାଶ ଚନ୍ଦ୍ର ଆଢ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ଆଇନଜୀବୀ ବିଜନ କୁମାର ଜେନା, ସୌମାଭ କୁମାର ଦେ, ସନ୍ତୋଷ କୁମାର ଆଚାର୍ଯ୍ୟ, ଧୀରେନ୍ଦ୍ର କୁମାର ରାୟଙ୍କ ମିଳିତ ଆହ୍ୱାନରେ ଅନୁଷ୍ଠିତ ଏହି ଉତ୍ସବରେ ବରିଷ୍ଠ ଆଇନଜୀବୀ ଗିରିଧାରୀ ନାଥ ସ୍ୱାଗତ ଭାଷଣ, ପୂର୍ବତନ ସମ୍ପାଦକ ସନ୍ତୋଷ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରାଯାଇଥିଲା। ଆଇନଜୀବୀ ଜତିକାନ୍ତ ନାୟକ, ଉପସଭାପତି ଅମିତାବାଳା ଆଚାର୍ଯ୍ୟ,ଗଦାଧର ବଳ, ପ୍ରଫୁଲ୍ଲ ସାମଲ, ଜାମିଲ ଅହମ୍ମଦ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆଇନଜୀବୀ ଦୀପ୍ତିରଂଜନ ଜେନା, କାହ୍ନୁ ବାରିକ, ସତ୍ୟ କୁମାର ମାଝୀ, ବିଜୟ ଦାସ, ଗୁରୁ ବାବୁ ପ୍ରମୁଖ ସମାରୋହକୁ ପରିଚାଳନା କରିଥିବା ବେଳେ ଅଗରି ଚରଣ ଜେନା, ଅଭୟ ରଥ ସହଯୋଗ କରିଥିଲେ। ଅଧିବକ୍ତା ମନୋରଂଜନ ଦାସ ସମ୍ବିଧାନର ମୁଖବନ୍ଧ ଓଡ଼ିଆରେ ପାଠ କରିଥିବା ବେଳେ ଗିରିଧାରୀ ନାଥ ଇଂରାଜୀରେ ପାଠ କରିଥିଲେ। ଧିରେନ୍ଦ୍ର ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଶତାଧିକ ଅଧିବକ୍ତା ଯୋଗ ଦେଇଥିଲେ।



## ତିନି କୋଶିଆ ଜଙ୍ଗଲରେ ନିଆଁ

ନୀଳଗିରି ,୨୮।୦୧ (ନି.ପ୍ର): ଅପରାହ୍ନ ୫ଟା ସମୟରେ ତିନି କୋଶିଆ ସଂରକ୍ଷିତ ଜଙ୍ଗଲ ଅଧିନସ୍ଥ ୧୯ ନଂ ରାଜ୍ୟ ରାଜପଥ ପାର୍ଶ୍ୱବର୍ତି ସଜନାଗଡ ଭାଲୁକାଶୁଣି ରାସ୍ତା ପାର୍ଶ୍ୱରେ କେହି ଦୁର୍ବୃତ ପତରରେ ନିଆଁ ଲଗାଇ ଦେଇଥିବାରୁ ଜଙ୍ଗଲଟି ହୁତୁ ହୁତୁ ହୋଇ ଜଳିଥିଲା। ଖବର ପାଇ ନୀଳଗିରି ରେଞ୍ଜର ମନୋଓ୍ୱର ଖାଁ ଓ କର୍ମଚାରୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିଲେ।

## "ବନ୍ଧୁ" ସାମାଜିକ ଅନୁଷ୍ଠାନ ତରଫରୁ ସାଧାରଣତନ୍ତ୍ର ଦିବସ ପାଳିତ

ଭୁବନେଶ୍ୱର,୨୮।୦୧ (ନି.ପ୍ର): ଭୁବନେଶ୍ୱର ସ୍ଥିତ ବାସୁଦେବ ନଗରଠାରେ ସାମାଜିକ ଅନୁଷ୍ଠାନ "ବନ୍ଧୁ" (ବୋ।ନା।ଫ।ଏଡ୍, ଆସୋସିଏସନ ଫର ଡେଭେଲେପମେଣ୍ଟ ଅଫ ନେଚର,ହେଲ୍‌ଥ କେୟାର ଆଣ୍ଡ ଅଣ୍ଡର ପ୍ରିଭିଲେଜ୍‌ଡ) ତରଫରୁ ୭୨ ତମ ଜନରାଜ୍ୟ ଦିବସ ଗତକାଲି ପାଳିତ ହୋଇଯାଇଛି । ଅନୁଷ୍ଠାନର ଉପଦେଷ୍ଟା ଶ୍ରୀ ବିରଂଚି ନାରାୟଣ ମଣ୍ଡଳ ଯୋଗଦେଇ ଜାତୀୟ ପତାକା ଉତୋଳନ କରିଥିଲେ । ଅନୁଷ୍ଠିତ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଅଭିପ୍‌ସା ଦାସ ଓ ସୁନୟନା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା ।

## ଉଠା ଜଳ ସେଚନ ନିଗମ କାର୍ଯ୍ୟାଳୟରେ ଗଣତନ୍ତ୍ର ଦିବସ ପାଳିତ

ଭୁବନେଶ୍ୱର, ୨୭ ଜାନୁଆରୀ – ଓଡିଶା ଉଠା ଜଳ ସେଚନ ନିଗମ କାର୍ଯ୍ୟାଳୟରେ ଗତକାଲି ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଓ.ଏଲ୍.ଆଇ.ସି ଅଧ୍ୟକ୍ଷ ଶ୍ରୀ ଅମରେଶ ପତ୍ରୀ ଯୋଗଦେଇ ଜାତୀୟ ପତାକା ଉତୋଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିଗମର ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ଅର୍ଚ୍ଚନା ପଟ୍ଟନାୟକ, ଅଧିକ୍ଷଣ ଯନ୍ତ୍ରୀ ( ପ୍ରୋଜେକ୍ଟ ପ୍ଲାନିଂ ଫଙ୍କସନିଂ ଏବଂ ଏଚ୍.ଆର ) ଇଂ. ପ୍ରକାଶ ସ୍ୱାଇଁ, ଅଧିକ୍ଷଣ ଯନ୍ତ୍ରୀ (ମ୍ୟାଟେରିଅାଲ୍ ପ୍ରୋକ୍ୟୁରମେଣ୍ଟ ଆଣ୍ଡ କ୍ୱାଲିଟି କଣ୍ଟ୍ରୋଲ) ଇଂ. ମାନସ ପଟ୍ଟନାୟକ, କାର୍ଯ୍ୟାଳୟର ଅନ୍ୟଯନ୍ତ୍ରୀ ଓ ପଦାଧିକାରୀ ଉପସ୍ଥିତ ଥିଲେ । ଜାତୀୟ ପତାକା ଉତୋଳନ ପରେ ପରେ ଅଧ୍ୟକ୍ଷ ଶ୍ରୀ ପତ୍ରୀ ନିଗମର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଯନ୍ତ୍ରୀ ଓ ଅଧିକାରୀଙ୍କ ସହିତ ଆଲୋଚନା କରି ଆଗାମୀ ଦିନରେ କିପରି ଓ.ଏଲ୍.ଆଇ.ସି ଅଧିକରୁ ଅଧିକ ଭଲ କାର୍ଯ୍ୟକରି କୃଷି ଓ କୃଷକଙ୍କ ହିତ ସାଧନ ଦିଗରେ ଅଗ୍ରସର ହେବ, ସେ ସଂପର୍କରେ ଗୁରୁତ୍ୱ ଦେଇଥିଲେ ।

# ପ୍ରତିଜ୍ଞା ନିଶା ନିବାରଣ କେନ୍ଦ୍ରରେ ୭୨ତମ ଗଣତନ୍ତ୍ର ଦିବସ ପାଳିତ




ବାଲେଶ୍ୱର,୨୮।୦୧ (ନି.ପ୍ର): ମଙ୍ଗଳବାର ପ୍ରତ୍ୟେକ ବର୍ଷ ପରି ଏ ବର୍ଷ ମଧ ପ୍ରତିଜ୍ଞା ନିଶାନିବାରଣ କେନ୍ଦ୍ରରେ ୭୨ତମ ଗଣତନ୍ତ୍ର ଦିବସ ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି। କେନ୍ଦ୍ରର ଅଧକ୍ଷ ଶ୍ରୀଯୁକ୍ତ ଅବନୀ କୁମାର ପତିଙ୍କ ଅଧ୍ୟକ୍ଷତାରେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାନ ସମାଜ ସେବୀ ଶ୍ରୀଯୁକ୍ତ ଦୋଳ ଗୋବିନ୍ଦ ଦାସ ଏବଂ ସୁଖ୍ୟାତ ବରିଷ୍ଠ ଆଇନ୍‌ଜୀବି ଓ ସମାଜ ସେବୀ ଶ୍ରୀଯୁକ୍ତ ପ୍ରଦୀପ ଦାସ ମହୋଦୟ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥି ଦୋୟଙ୍କର କୋର କମଳରେ ଠିକ୍ ସକାଳ ୭ ଘଟିକା ସମୟରେ ଜାତୀୟ ପତାକା ଉତୋଳନ କରାଯାଇଥିଲା। ପତାକା ଉତୋଳନ ସମୟରେ ସମସ୍ତ ଅନ୍ତେବାସୀଙ୍କ ଦ୍ୱାରା ଜାତୀୟ ସଂଗୀତ ଗାନ କରିବାର ଦୃଶ୍ୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ଥିଲା। ଏହାପରେ କେନ୍ଦ୍ର ପରିସରରେ ଏକ ସଦ୍‌ଭାବନା କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀ ଦଳଗୋବିନ୍ଦ ଦାସ ଉଦ୍‌ବୋଧନ ଦେଇ ଅନ୍ତେବାସୀମାନଙ୍କୁ ନିଶା ପାଖରୁ ନିବୃତ ରଖି ସୁସ୍ଥ ସମାଜର ସୁସ୍ଥ ନାଗରିକ ହେବାପାଇଁ ଆହ୍ୱାନ ଦେଇଥିଲେ, ଏବଂ ଆଇନ୍‌ଜୀବି ଶ୍ରୀ ପ୍ରଦୀପ କୁମାର ଦାସ, ନିଶା ସେବନ କରିବା ଫଳରେ ସମାଜରେ ହେଉଥିବା ଅପରାଧ ବିଷୟରେ ଅନ୍ତେବସୀଙ୍କୁ ଅବଗତ କରିବା ସହିତ କିପରି ନିଶା ପାଖରୁ ନିବୃତ ରହି ସଫଳ ବ୍ୟକ୍ତି ଭାବରେ ନିଜକୁ ଗଠନ କରିହେବ ତା'ଙ୍କ ଉଦ୍‌ବୋଧନରେ ଅନ୍ତେବାସୀମାନଙ୍କୁ ସୂଚ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପିତବାସ ରାଉଳ, ସଞ୍ଜସ ଭୂୟାଁ, ବିପୁଳ ସରକାର, ଲୋକନାଥ ମହାନ୍ତ, ରାଜାରାମ ମହାନ୍ତ, ଅରବିନ୍ଦ ମୁଖି, ଚନ୍ଦ୍ର ଶେଖର ମୁଦି ପ୍ରମୁଖ ଯୋଗଦାନ ଦେଇଥିଲେ। ସର୍ବ ଶେଷରେ ଶ୍ରୀଯୁକ୍ତ ସଞ୍ଜସ ଭୂୟାଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ଭଂଗ କରିଥିଲେ।

# ଦୁର୍ନିତୀଗ୍ରସ୍ତ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ବିରୁଦ୍ଧରେ ଦିବାରାତ୍ର ଗଣଧାରଣା




ନୀଳଗିରି ,୨୭/୧: ନୀଳଗିରି ବ୍ଲକର ସହକାରୀ ର୍ନିବାହୀ ଯନ୍ତ୍ରୀ ଇଂ. ଅନିଲ କୁମାର ପଣ୍ଡାଙ୍କର ଦୁର୍ନିତୀଗ୍ରସ୍ତ କାର୍ଯ୍ୟକଳାପକୁ ବିରୋଧ କରିବା ସହ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବୀରେ ସକାଳ ୧୦ଟା ଠାରୁ ବ୍ଲକ ଆଗରେ ଅହରାତ୍ର ଗଣଧାରଣା ଦିଆଯାଇଛି । ରାଜ୍ୟ ସରକାର ସମସ୍ତ କାର୍ଯ୍ୟାଳୟରେ ସ୍ୱଛତା ଆଣିବା ପାଇଁ ୫ଟି ଯୋଜନା କାର୍ଯ୍ୟକାରୀ କରିଥିବା ବେଳେ ସ୍ୱଛତା ପାଇଁ ଜିରୋ ଟୋଲୋରେନ୍‌ସ ନୀତି ଅବଲମ୍ବନ କରିଛନ୍ତି। ମାତ୍ର ନୀଳଗିରି ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ଅନିଲ କୁମାର ପଣ୍ଡା ସମସ୍ତ ନୀତିନିୟମକୁ ଭ୍ରୁକ୍ଷେପ ନ କରି ପି.ସି. ନ ଦେଲେ ଫାଇନ ପାଶ୍ ହେବ ନାହିଁ ବୋଲି ହିତାଧିକାରୀ ଓ ଠିକାଦାରଙ୍କୁ ରୋକଠୋକ ମନା କରୁଥିବାର ବାରମ୍ବାର ଉଚ୍ଚ କର୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଇଛି ।କିଛିଦିନ ପୂର୍ବରୁ ପି.ସି. ନେଉଥିବା ବେଳେ ଏକ ଭିଡିଓ କ୍ଲିପ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାକୁ ନେଇ ଠିକାଦାର ବିନୋଦ ମହାନ୍ତି, ରାଜିବ ଦାସବାବୁ ସମେତ ବହୁ ଜନପ୍ରତିନିଧି ଓ ଗରିବ ଜନସାଧାରଣ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ,ଏପିଡି, ଉପଜିଲ୍ଲାପାଳ ଓ ବିଡିଓଙ୍କ ନିକଟରେ ଦାବୀ କରିଥିଲେ। ଦିନ ପରେ ଦିନ ବିତିଥିଲେ ମଧ ସରକାର କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହେବାରୁ ଏହି ଅହରାତ୍ର ଧାରଣାରେ ବସିଛନ୍ତି । ସୂଚନା ଥାଉକି କିଛିଦିନ ପୂର୍ବରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀଯୁକ୍ତ ପଣ୍ଡା ଏକ କୋଭିଡ କେନ୍ଦ୍ରରେ ବିଲ ପାଶ ପାଇଁ ୬ହଜାର ଟଙ୍କା ଲାଂଚ ନେଉଥିବାର ଏକ ଭିଡିଓ କ୍ଲିପ ଭାଇରାଲ ହେବା ପରେ ବାଲେଶ୍ୱର ଜିଲ୍ଲାପାଳ ତୁରନ୍ତ ଘଟଣାର ତଦନ୍ତ ପାଇଁ ନୀଳଗିରି ଉପଜିଲ୍ଲାପାଳ, ବାଲେଶ୍ୱର ଏ.ପି.ଡି. ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉଭୟ ଅଧିକାରୀ ତଦନ୍ତ କରିଥିଲେ ମଧ ତଦନ୍ତ କେବଳ ତଦନ୍ତରେ ସୀମିତ ରହିଯାଇଛି । ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଏହି ଗଣଧାରଣା ଦିଆଯାଇଛି ବୋଲି ବିଭିନ୍ନ ପଂଚାୟତର ଲୋକପ୍ରତିନିଧିମାନେ କହିଛନ୍ତି। ଏହି ଧାରଣାରେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ସିଆଡ଼ିମାଳ ସମିତିସଭ୍ୟା ସୋମବାରି ସିଂ, ଆରବନ୍ଧର ସମିତି ସଭ୍ୟ ଅର୍ଜୁନ ମାରାଣ୍ଡି, ସେରାଲ ବାସ୍କେ, ରାଜସ୍ମିତା ମଲ୍ଲିକ, ରଶ୍ମିତା ପାତ୍ର, ଗଙ୍ଗାଧର ମିଶ୍ର, ଉପେନ୍ଦ୍ର ଦାସ, ଅକ୍ଷୟ ବେହେରା, ରାଜୀବ ଦାସବାବୁ, ବିନୋଦ ମହାନ୍ତି, କରୁଣାକର ପଣ୍ଡା, ଉପେନ୍ଦ୍ର ନାୟକ,ଦୁର୍ଗା ପ୍ରସାଦ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ । ଯେ ପର୍ଯ୍ୟନ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ବିରୋଧରେ କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଇଛି ସେ ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଧାରଣାରେ ସାମିଲ ଥିବା ପ୍ରତିନିଧିମାନେ କହିଛନ୍ତି ।

# ଶ୍ରୀଜଗନ୍ନାଥ ପବ୍ଲିକ ସ୍କୁଲର ସାଧାରଣତନ୍ତ୍ର ଦିବସ ପାଳନ



ସିନ୍ଦୂରୀ, ତା ୨୬-୦୧: ବାଲେଶ୍ୱର ସହର ଉପକଣ୍ଠରେ ସିନ୍ଦୂରୀ ଗ୍ରାମର ଓ.ଟି. ରୋଡ଼ ପାର୍ଶ୍ୱସ୍ଥ ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲରେ ୭୨ତମ ସାଧାରଣତନ୍ତ୍ର ଦିବସ କୋଭିଡ୍ - ୧୯ ମାର୍ଗଦର୍ଶିକା ଅନୁପାଳନ ମୁତାବକେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ପ୍ରଧାନଶିକ୍ଷକ ଶ୍ରୀ ରାମଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ପ୍ରତିଷ୍ଠାତା ଭାସ୍କରଚନ୍ଦ୍ର ପାଣିଗ୍ରାହୀ, ପରିଚାଳନା କମିଟିର ଉପସଭାପତି କବି ଶ୍ରୀଦେବ ଏବଂ ବିଦ୍ୟାଳୟର ସମ୍ପାଦିକା ଶ୍ରୀମତୀ ଜୟନ୍ତୀ ପାଣିଗ୍ରାହୀ ମିଳିତ ଭାବରେ ଜାତୀୟପତାକା ଉତ୍ତୋଳନ କଲାପରେ ଦୀର୍ଘ ୭୨ତମ ସାଧାରଣତନ୍ତ୍ର ଭାରତବର୍ଷର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପବିତ୍ର ଦେଶ ବହୁ ଯୁଗସ୍ରଷ୍ଟାଙ୍କ ଦ୍ୱାରା ଆମକୁ ଅନେକ କିଛି ଶିକ୍ଷାଦେଇ ମାର୍ଗ ଦର୍ଶାଇଛି, ଯେଉଁ ପାଇଁ ଆମେ ସମଗ୍ର ବିଶ୍ୱରେ ଏକ ଅନବଦ୍ୟ ରାଷ୍ଟ୍ର ଭାବରେ ପରିଗଣିତ ହୋଇଛୁ ବୋଲି ବକ୍ତାମାନେ ନିଜ ମତ ରଖିଥିଲେ। ପରେପରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମକର୍ତ୍ତା ପଦଯାତ୍ରାରେ ସିନ୍ଦୂରୀ ଛକ ଚାଉଳିଆବର ସ୍ମୃତିପୀଠ ପର୍ଯ୍ୟନ୍ତ ଯାଇ ସ୍ମାରକୀସ୍ତମ୍ଭଠାରେ ପୁଷ୍ପାର୍ଘ୍ୟ ପ୍ରଦାନ କରିବା ସହ ସେହି ସ୍ତମ୍ଭର ଐତିହାସିକ ଗୁରୁତ୍ୱ ସମ୍ପର୍କରେ ଅତିଥିମାନେ ସୂଚନା ପ୍ରଦାନ କରିଥିଲେ। ଏହି ଅବକାଶରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, କର୍ମକର୍ତ୍ତା ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଜ୍ଞାନପ୍ରକାଶ ପାଣିଗ୍ରାହୀ, ରାଜେନ୍ଦ୍ର ପ୍ରସାଦ ଘୋଷ, ଏଚ୍.ଏଚ୍. ଶ୍ରୀରାମ, ଦେବବ୍ରତ ଦାଶ, ଅଜୟ କୁମାର ଜେନା, ପ୍ରଶାନ୍ତ କୁମାର ପଣ୍ଡା, ସନ୍ତୋଷ ପଣ୍ଡା, ସେକ୍ ମଞ୍ଜୁର ହୁସେନ, ପ୍ରଣତି ଅଗସ୍ତି, ଅରୁଣ ସରକାର, ସରୋଜିନୀ ମିଶ୍ର, ସସ୍ମିତା ଆଚାର୍ଯ୍ୟ, ଅଞ୍ଜନା ନାଥ, ସୁନୀତା ନାୟକ, ଦିବ୍ୟଶ୍ରୀ ମାଝୀ, ମନ୍ଦାକିନୀ ରାଉତ, ମୋନାଲିସା ପଣ୍ଡା ଏବଂ ରାଜଲକ୍ଷ୍ମୀ ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଦେଶ ସ୍ୱାଧିନ ପାଇଁ ପୁରୀ ଜିଲ୍ଲାର ଅବଦାନ ଅତୁଳନୀୟ : ମନ୍ତ୍ରୀ

ପୁରୀ, ୨୭ ଜାନୁଆରୀ (ହି.ସ.)- ଆଜି ୭୨ ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଅନୁଷ୍ଠିତ ଜିଲ୍ଲାସ୍ତରିୟ ପ୍ୟାରେଡ୍‌ରେ ଯୋଗଦେଇ ପତାକା ଉତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଛନ୍ତି ଜଙ୍ଗଲ ପରିବେଶ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରି ଆରୁଖ ।ତାଳବଣିଆ ଇନଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ଏହି ସମ୍ମିଳିତ ପ୍ୟାରେଡ୍ ରେ ଯୋଗଦେଇ ନିଜ ଅଭିବାଦନରେ ମନ୍ତ୍ରୀ କହିଥିଲେ ଯେ, ଦେଶ ସ୍ୱାଧିନ ପାଇଁ ପୁରୀ ଜିଲ୍ଲାର ଅବଦାନ ଅତୁଳନୀୟ । ଜିଲ୍ଲାର ସ୍ୱାଧିନତା ସଂଗ୍ରାମୀ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ଉତ୍କଳ ମଣି ଗୋପବନ୍ଧୁ, ଚାଖି ଖୁଂଟିଆଙ୍କ ବଳିଦାନକୁ ଏ ଜାତି ସର୍ବଦା ମନେ ରଖିବ ।

## ୫ ହଜାର ବୋତଲ କଫ୍ ସିରପ୍ ଜବତ : ଦୁଇ ଗିରଫ

ବଲାଙ୍ଗିର, ୨୭ ଜାନୁଆରୀ (ହି.ସ.)- ପାଟଣାଗଡ଼ ରାସ୍ତାର ଏକ ଢ଼ାବା ନିକଟରେ ଚଢ଼ଉ କରି ଘଟଣାସ୍ଥଳରୁ ସଦର ଥାନା ପୋଲିସ ୫ ହଜାର ବୋତଲ କଫ୍ ସିରପ୍ ଜବତ କରିଛି । ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି ପୋଲିସ। କୌଣସି ସୂତ୍ରରୁ ଖବର ପାଇ ପୋଲିସ ସେଠାରେ ଚଢ଼ଉ କରିଥିଲା । ଚଢ଼ଉ ବେଳେ ସେଠାରୁ ବିପୁଳ ପରିମାଣର କଫ୍ ସିରପ୍ ଜବତ ହୋଇଥିଲା । ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ରୁଜୁ ହୋଇଛି ।

# ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଆଦିବାସୀ ମେଳା ପରିସରରେ ଜନଜାତି ସଂପର୍କିତ ଫଟୋଚିତ୍ର ପ୍ରଦର୍ଶନୀ

ଭୁବନେଶ୍ୱର, ୨୭ ଜାନୁଆରୀ (ହି.ସ.)- ଜନଜାତିମାନଙ୍କ କଳା, ସଂସ୍କୃତି, ଭାସ୍କର୍ଯ୍ୟ ଓ ବିମଣ୍ଡିତ ବିବିଧତାକୁ ଆଧାର କରି ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ଆଦିବାସୀ ପଡ଼ିଆଠାରେ ଆୟୋଜିତ ବାର୍ଷିକ 'ଆଦିବାସୀ ମେଳା'ରେ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆରମ୍ଭ ହୋଇଛି । ଏଥି ସହିତ ଓଡ଼ିଶାରେ ବସବାସ କରୁଥିବା ବିଭିନ୍ନ ଜନ ଜାତିଙ୍କ ଜୀବନଶୈଳୀ, ଜୀବିକା, ସାମାଜିକ ଚଳଣି, ବେଶଭୂଷା, ଗୃହନିର୍ମାଣ ଶୈଳୀ, ନୃତ୍ୟ-ବାଦ୍ୟ, ହାତହତିଆର ଓ ଜୀବନଚର୍ଯ୍ୟା ଉପରେ ପର୍ଯ୍ୟବେଶିତ ଫଟୋଚିତ୍ର ଗୁଡ଼ିକ ଏକ ଅନନ୍ୟ ଢଙ୍ଗରେ ପ୍ରଦର୍ଶିତ ହୋଇଛି । ଏଥିରେ ୬୨ଗୋଟି ଜନଜାତିଙ୍କ ନାମତାଲିକା ପ୍ରଦର୍ଶନୀରେ ସ୍ଥାନ ପାଇଛି । ବିଶେଷ ଭାବେ ବଣ୍ଡା, ଡଙ୍ଗରିଆ କନ୍ଧ, ଧରୁଆ, ଲାଞ୍ଜିଆ ସଉରା, କୁଟିଆ କନ୍ଧ, ସଉରା, ସାନ୍ତାଳ, ଗଦବା ଭଳି ଜନଜାତିଙ୍କ ଫଟୋଚିତ୍ର ପ୍ରଦର୍ଶନୀର ଆଭିମୁଖ୍ୟକୁ ପରିପୁଷ୍ଟ କରୁଛି । ଜନଜାତିଙ୍କୁ ଶିକ୍ଷାର ଆଲୋକ ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକ ପ୍ରୟାସ ପ୍ରଦର୍ଶନୀରେ ବିସ୍ତୃତ ଭାବେ ପ୍ରଦର୍ଶିତ ହୋଇଛି । ଜନଜାତି ଶିଶୁମାନଙ୍କ ଗହଣରେ ମୁଖ୍ୟମନ୍ତ୍ରୀଙ୍କ କେତେକ ସ୍ମରଣୀୟ ମୁହୂର୍ତର ଫଟୋଚିତ୍ର ଦର୍ଶକମାନଙ୍କୁ ବିମୋହିତ କରୁଥିବାର ଲକ୍ଷ୍ୟ କରାଯାଇଛି । ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଅନୁସୂଚିତ ଜନଜାତି ଓ ଜାତିମାନଙ୍କ ପ୍ରତିଥିବା ଅହେତୁକ ଶ୍ରଦ୍ଧା ଓ ସମ୍ମାନ ସମ୍ବଳିତ ଫଟୋଚିତ୍ର ପ୍ରଦର୍ଶନୀର ବିଷୟବସ୍ତୁକୁ ଅଧିକ ଋଦ୍ଧିମନ୍ତ କରିପାରିଛି । ଅତି ଆକର୍ଷଣୀୟ ଢଙ୍ଗରେ ସଜ୍ଜିତ ହୋଇଥିବା ଏହି ଫଟୋଚିତ୍ର ମଣ୍ଡପର ବାହ୍ୟ ପାର୍ଶ୍ୱରେ ଭିଡ଼ିଓ ଚିତ୍ର ମାଧ୍ୟମରେ ସେମାନଙ୍କ ସାମଗ୍ରିକ ବିକାଶ ଓ ରାଜ୍ୟ ସରକାର ଗ୍ରହଣ କରିଥିବା ସମୁଚିତ ପଦକ୍ଷେପ ସହ କୋଭିଡ୍ ସଂପର୍କିତ ସଚେତନତା ମୂଳକ ଭିଡ଼ିଓ ଚିତ୍ର ପ୍ରଦର୍ଶିତ ହେଉଛି ।

# ଜଟଣୀରେ ଜମି ଶ୍ରୀଜଗନ୍ନାଥଙ୍କ ନାମରେ ନାମିତ ହେବା ପ୍ରସଙ୍ଗ
# ମାର୍ଚ୍ଚ ୧ ତାରିଖରେ ସଚିବାଳୟ ଘେରିବୁ : ସୁର ରାଉତରାୟ

ଭୁବନେଶ୍ୱର, ୨୭ ଜାନୁଆରୀ – ଜଟଣୀ ମ୍ୟୁନିସିପାଲିଟି ଓ ତାର ପାର୍ଶ୍ୱବର୍ତୀ ୧୩ଟି ଗ୍ରାମର ପୈତୃକ ସ୍ଥିତିବାନ ଭୂସଂପତ୍ତିକୁ ଭୁଲ ବଶତଃ ଶ୍ରୀଜଗନ୍ନାଥଙ୍କ ନାମରେ ନାମିତ କରିଦେବା ମାମଲାରେ ଆସନ୍ତା ମାର୍ଚ୍ଚ ୧ ତାରିଖରେ ସଚିବାଳୟ ଘେରାଉ କରାଯିବ ବୋଲି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଜଟଣୀ ମ୍ୟୁନିସିପାଲିଟି ଓ ତାର ପାର୍ଶ୍ୱବର୍ତୀ ୧୩ଟି ଗ୍ରାମ ଯଥା ବେରୁଆଁ, ଭଁସର, ବାଇରଙ୍ଗ, ହରିରାଜପୁର, ବୁଢ଼ାପଡ଼ା, ନିରଞ୍ଜନପୁର, କନ୍ତିଆ, ରଥିପୁର, କୁଶମାଟି, ଛଣଘର, କୁଦିଆରି, ରାମଚନ୍ଦ୍ରପୁରର ୧ ଲକ୍ଷ ୭୨ ହଜାର ଲୋକ ୯ ବର୍ଷ ଧରି ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଶ୍ରୀଜଗନ୍ନାଥଙ୍କ ନାମରେ ପୈତୃକ ଭୂସଂପତି ଭୁଲ୍ ବଶତଃ ପରିବର୍ତିତ ହୋଇଯିବା ଫଳରେ ଭାରତ ସରକାର ଓ ଓଡ଼ିଶା ସରକାରଙ୍କର କୌଣସି ଉନ୍ନତିମୂଳକ ଯୋଜନାର ଅର୍ଥ ଆମ ସ୍କୁଲଘର, ଖେଳପଡିଆ, ଡାକ୍ତରଖାନା, ରାସ୍ତାଘାଟ, ପାଠାଗାର, କମ୍ୟୁନିଟି ସେଂଟର, ଭାଗବତ ଟୁଙ୍ଗି, ମଶାଣୀ ପ୍ରଭୃତି କୌଣସି କାର୍ଯ୍ୟରେ ବିନିଯୋଗ ହୋଇପାରୁନାହିଁ । ତେଣୁ ଗୋଟିଏ ଅର୍ଡର କରାଯାଇ ଉକ୍ତ ଭୂସଂପତିକୁ ଆମ ନାମରେ ପରିବର୍ତନ କରାଯାଉ। ଦାବି ପୂରଣ ନହେଲେ ଆଗାମୀ ମାର୍ଚ୍ଚ ୧ ତାରିଖ ଦିନ "ସଚିବାଳୟ (ଲୋକସେବା ଭବନ)କୁ ଘେରାଉ" କରିବୁ ଏବଂ ଏହାର ପରିଣତି ପାଇଁ ସରକାର ଦାୟୀ ରହିବେ ବୋଲି ଶ୍ରୀ ରାଉତରାୟ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସ, ରଶ୍ମି ମହାପାତ୍ର, ମନୋରଞ୍ଜନ ଦାଶ, ମନ୍ମଥ ରାଉତରାୟ, ଅଶୋକ ମଙ୍ଗରାଜ, ସଂଗ୍ରାମ ରାଉତରାୟ, ପ୍ରମୋଦ ହରିଚନ୍ଦନ, ଧନେଶ୍ୱର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀଙ୍କ ଟ୍ରାକ୍ଟର ଶୋଭାଯାତ୍ରା ସମର୍ଥନରେ ଆମ ଅଧିକାରର ଧାରଣା

ଭୁବନେଶ୍ୱର, ୨୭ ଜାନୁଆରୀ (ହି.ସ.)- ପବିତ୍ର ସାଧାରଣତନ୍ତ୍ର ଦିବସରେ ଆନ୍ଦୋଳନରତ କୃଷକମାନଙ୍କ ପକ୍ଷରୁ ରାଜଧାନୀ ଦିଲ୍ଲୀ ସମେତ ବିଭିନ୍ନ ରାଜ୍ୟରେ ଯେଉଁ ଐତିହାସିକ ଟ୍ରାକ୍ଟର ରାଲି ବାହାରିଛି, ସେମାନଙ୍କ ଦାବୀକୁ ସମର୍ଥନ କରି ପୁଣିଥରେ ରାଜରାସ୍ତାକୁ ଓହ୍ଲାଇଛି ଯୁବ ସଂଗଠନ 'ଆମ ଅଧିକାର'। ଆମ ଅଧିକାରର କର୍ମକର୍ତାମାନେ ଏଜିଛକସ୍ଥିତ ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ପରେ କେନ୍ଦ୍ର ସରକାରଙ୍କ କଳା କୃଷିନୀତି ବାତିଲ୍ କରିବା ଦାବୀରେ ଗଣଧାରଣାରେ ବସିଥିଲେ। ହାତରେ ଜାତୀୟପତାକା ଧରି କର୍ମକର୍ତାମାନେ କୃଷକ ଆନ୍ଦୋଳନ ସପକ୍ଷରେ ଏବଂ କୃଷକ ବିରୋଧୀ କୃଷି ଆଇନ୍ ବିରୋଧରେ ସ୍ଲୋଗାନ ଦେଇଥିଲେ। ସଂଗଠନର ରାଜ୍ୟ ଆବାହକ ଅମିୟ ପାଣ୍ଡବ, ମହାସଚିବ ଗଣେଶ ଦାଶ, ସମ୍ପାଦକ ପାର୍ଥସାରଥୀ ଜେନା, କ୍ରିଷ୍ଣା ଶତପଥୀ, ବିଶ୍ୱଭୂଷଣ ମହାପାତ୍ର, ହରେକୃଷ୍ଣ ଦାସ, ସୁଦର୍ଶନ ପ୍ରଧାନ, ନଳିନୀ ନାୟକ, ମୀର ଅହମ୍ମଦ ଅଲ୍ଲୀ, ଶୁଭେନ୍ଦୁ ଶେଖର ମଲ୍ଲିକ, ସଂଗ୍ରାମ କୁମାରଙ୍କ ନେତୃତ୍ୱରେ କର୍ମକର୍ତାମାନେ ବିଭିନ୍ନ ପ୍ଲାକାର୍ଡ଼ ଧରି ରାସ୍ତାକୁ ଓହ୍ଲାଇଥିବା ବେଳେ ପୋଲିସ୍ ପକ୍ଷରୁ ସେମାନଙ୍କୁ ଗିରଫ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଅଗଣତାନ୍ତ୍ରିକ ମନୋଭାବ ବିରୋଧରେ ଲଢେଇ ଜୋରଦାର କରିବାକୁ ଗଣତନ୍ତ୍ର ଦିବସରେ ଆମ୍ବେଦକରଙ୍କ ପ୍ରତିମୂର୍ତି ତଳେ କର୍ମକର୍ତମାନେ ଶପଥ ପାଠ କରିଥିଲେ।

# କୋଷ୍ଟାଲ ହାଇୱେର ପରିବର୍ତ୍ତିତ ନକ୍ସାକୁ ନେଇ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଂଜୟ ଦାସବର୍ମାଙ୍କ ଉଦ୍‌ବେଗ

ଭୁବନେଶ୍ୱର, ୨୭ ଜାନୁଆରୀ (ହି.ସ.)- ଲୋକସେବା ଭବନସ୍ଥିତ ପୂର୍ତ ବିଭାଗର ସମ୍ମିଳନୀ କକ୍ଷରେ ଗୋପାଳପୁରଠାରୁ ଦିଘା ପର୍ଯ୍ୟନ୍ତ ଭାୟା ପୁରୀଦେଇ ଯାଇଥିବା ଭାରତମାଳା (କୋଷ୍ଟାଲ୍ ହାଇୱେ) ପ୍ରକଳ୍ପର ଅଗ୍ରଗତି ସଂପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟର କେନ୍ଦ୍ର ମନ୍ତ୍ରୀ ନିତିନ୍ ଗଡ଼କରୀ ମହୋଦୟ ୨୦୧୫ ମସିହା ନବକଳେବର ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ତତ୍‌କାଳୀନ ଖାଦ୍ୟଯୋଗାଣ, ବୈଷୟିକ ଶିକ୍ଷା ଓ ନିଯୁକ୍ତି ମନ୍ତ୍ରୀ ସଂଜୟ ଦାସବର୍ମାଙ୍କ ଉପସ୍ଥିତିରେ ପିପିଲିଠାରେ ଅନୁଷ୍ଠିତ ସମାବେଶରେ ଘୋଷଣା କରିଥିଲେ ଯେ ଗୋପାଳପୁରଠାରୁ ଦିଘା ପର୍ଯ୍ୟନ୍ତ ୪୪୦ କିମି କୋଷ୍ଟାଲ ହାଇୱେ ଖୁବ୍‌ଶୀଘ୍ର ନିର୍ମାଣ କରାଯିବ । ଏହି ହାଇୱେ ନିର୍ମାଣ ହେଲେ ଓଡ଼ିଶାର ପର୍ଯ୍ୟଟନ, ବାଣିଜ୍ୟିକ କ୍ଷେତ୍ରରେ ଏକ ବିରାଟ ଯୋଗଦାନ ହେବ ବୋଲି ସାଧାରଣରେ ଆଶା ସଂଚାର ହୋଇଥିଲା । ପରବର୍ତୀ ସମୟରେ ବହୁ ଆଲୋଚନା, ପର୍ଯ୍ୟାଲୋଚନା ପରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ନଭେମ୍ବର ୧୫,୨୦୧୯ରେ ନିଷ୍ପତି ନିଆଯାଇ ପ୍ରଥମ ପର୍ଯ୍ୟାୟରେ ୩୭୦ କିମି ଉପକୂଳ ରାଜପଥ (ଭାରତମାଳା) ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଥିଲା । ଏହି ଉପକୂଳ ରାଜପଥ ପୁରୀ ଜିଲ୍ଲାର ସାତପଡ଼ାଠାରୁ ଆରମ୍ଭ ହୋଇ ପୁରୀ-କୋଣାର୍କ-ଅସ୍ତରଙ୍ଗ-ରତନ୍‌ପୁର-ଧାମରା-ବାସୁଦେବପୁର-ଚାନ୍ଦିପୁରଠାରୁ ଦିଘା ପର୍ଯ୍ୟନ୍ତ ନିର୍ମାଣ କରିବା ପାଇଁ ରାଜ୍ୟ ସରକାର ମଞ୍ଜୁରି ପ୍ରଦାନ କରିଥିଲେ । ଆଜି ଅନୁଷ୍ଠିତ ବୈଠକରେ ଜାତୀୟ ରାଜପଥ ପ୍ରାଧିକରଣର ମୁଖ୍ୟ ପ୍ରବନ୍ଧକ ଡ. ରାମପ୍ରସାଦ ପଣ୍ଡା ଏହି ବୈଠକରେ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ଦ୍ୱାରା ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ ଏବଂ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତନ ମନ୍ତ୍ରାଳୟ ଦ୍ୱାରା ଗଠିତ ଏକ ବିଶେଷଜ୍ଞ କମିଟି (ଏକ୍ସପର୍ଟ ଆପ୍ରାଇଜାଲ୍ କମିଟି) ଏକ ନୂତନ ଆଲାଇନ୍‌ମେଂଟ (ଗ୍ରୀନ୍‌ଫିଲଡ୍) ଉପକୂଳ ରାଜପଥ ମାର୍ଗ (ଭାରତମାଳା)ର କେନ୍ଦ୍ର ସରକାରଙ୍କ ନିଷ୍ପତି ସଂପର୍କରେ ସୂଚନା ଦେଇଥିଲେ ।

# ରେଲୱେ ଜିଏମ ଓ ଡିଆରଏମଙ୍କ ସହିତ ସାଂସଦଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ



ବାରିପଦା,୨୮।୦୧ (ନି.ପ୍ର): ଆଜି ମୟୂରଭଞ୍ଜ ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ସମ୍ପାଦକ ଇଂ. ବିଶ୍ୱେଶ୍ୱର ଟୁଡୁ ଆଗାମୀ ୨୯ ତାରିଖରେ ହେବାକୁ ଥିବା ସଂସଦୀୟ ଅଧିବେସନ ପୂର୍ବରୁ ଖଡ଼ଗପୁର ରେଳ ବିବାଗୀୟ ଡିଆରଏମ ଅଫିସ ଏବଂ କୋଲକାତାର ଗାର୍ଡେନେ ବ୍ରିଜ ଠାରେ ଅବସ୍ଥିତ ଜିଏମ ଅଫିସ ଠାରେ ଏକ ଜରୁରୀକାଳୀନ ବୈଠକ କରିଥିଲେ। ଉକ୍ତ ବୈଠକରେ ସାଂସଦ ଶ୍ରୀ ଟୁଡୁ ଜିଲ୍ଲାର ବୁଢାମାର ଠାରୁ ଚାକୁଳିଆ ନୂତନ ରେଳପଥ ଅନ୍ତର୍ଗତ ସମୁଦାୟ ସାତୋଟି ଷ୍ଟେସନରେ ହେବାକୁ ଥିବା ବିଭିନ୍ନ କାମର ଅଟକଳ ତୁରନ୍ତ ପ୍ରସ୍ତୁତ କରିବାକୁ ହିଥିଲେ ଯାହା ଦ୍ୱାରାକି ୨୦୨୧-୨୨ ଆର୍ଥିକ ବଜେଟରେ ବ୍ୟୟ ଅଟକଳ ର ବ୍ୟବସ୍ଥା ରଖାଯାଇ ପାରିବ ସେହିପରି ଷ୍ଟେସନବଜ୍ଜାର ବାରିପଦା ଠାରେ ପ୍ରସ୍ତାବିତ ରେଲୱେ ଓଭରବ୍ରିଜ ନିର୍ମାଣ ନିମନ୍ତେ ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ନକ୍ସା ଏବଂ ପ୍ରକଳ୍ପ ଅଟକଳ ଅନୁଯାଇ ଅନେକ ବ୍ୟବସାୟୀ ମାନଙ୍କର କ୍ଷତି ହୋଉଥିବାର ଜାଣିବାକୁ ମିଳିଥିଲା ଏଣୁ ଏ ବାବଦରେ ଉକ୍ତ କାର୍ଯ୍ୟର ପ୍ରସ୍ତାବିତ ନିର୍ମାଣ ଡିଜାଇନକୁ ପରିବର୍ତ୍ତନ କରି କ୍ଷତି ନହେଲା ଭଳି ଡିଜାଇନ ଅନୁସାରେ କାମ କରିବାକୁ ସାଂସଦ ଶ୍ରୀ ଟୁଡୁ ପରାମର୍ଶ ଦେଇଥିଲେ। ସେହିପରି ବାଙ୍ଗିରିପୋଷି ଠାରେ ପ୍ରସ୍ତାବିତ ଗୁଡସସେଡ ସ୍ଥାପନ ପାଇଁ ରେଲୱେ ବିଭାଗର ଏକ ପ୍ରତିନିଧି ଦଳ ଅଂଚଳ ପରିଦର୍ଶନ କଲାପରେ ରିପୋର୍ଟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯାଇଅଛି । ରେଲୱେ ବିଭାଗର ପରାମର୍ଶ କ୍ରମେ ବାଙ୍ଗିରିପୋଷି ରେଲୱେ ଷ୍ଟେସନରୁ ଆମଦାନୀ ଏବଂ ରପ୍ତାନୀ ହେବାକୁ ଥିବା ସବିଶେଷ ବିବରଣୀ ବିଭିନ୍ନ ଟ୍ରେଡର୍ସ କିମ୍ୱା ଖଣି ଖାଦାନର ମାଲିକ ମାନେ ପ୍ରଦାନ କଲେ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହୋଇଯିବ ଏବଂ ଏହା କାର୍ଯ୍ୟକ୍ଷମ ହେଲାପରେ ଅଂଚଳର ବ୍ୟବସାୟୀ ମାନେ ସହଜରେ କାରବାର କରିବା ପାଇଁ ସୁଯୋଗ ପାଇବା ସହିତ ରୋଜଗାର ସୃଷ୍ଟି ହେଇପାରିବ ବୋଲି ସାଂସଦ ଶ୍ରୀ ଟୁଡୁ ଆଲୋଚନା କରିଥିବା ଜଣାପଡିଛି। ବାରିପଦା ଏକ ବହୁ ପୁରାତନ ରେଲୱେ ଷ୍ଟେସନ ହୋଇଥିବାରୁ ସେଠାରେ ଏକ ହେରିଟେଜ୍ ମ୍ୟୁଜିୟମ୍ ହେବାର ପ୍ରସ୍ତାବ ଦିଆଯାଇଥିଲା ତାହାର ସମସ୍ତ ପ୍ରକ୍ରିୟା ସରିଯାଇଥିବା ବେଳେ ଖୁବ୍ ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କୁହାଯାଇଛି । ମହାମାରୀ କରୋନା କାରଣ ରୁ ବାରିପଦା ରୂପସା ଇଲେକ୍ଟ୍ରିଫିକେସନ କାମ ଧିମେଇ ଯାଇ ଥିବା ବେଳେ ତୁରନ୍ତ ତାକୁ ସମ୍ପୂର୍ଣ୍ଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ସହିତ ଏହା ଦ୍ୱାରା ରୂପସାରୁ ବାଙ୍ଗିରିପୋଷି ସିଙ୍ଗଲ୍ ଟ୍ରାକ୍‌ରେ ଅଳ୍ପ କିଛି ଟ୍ରେନ ଚାଲିଥିଲେ ମଧ ଆହୁରି ଅଧିକ ଟ୍ରେନ ଚାଲିବା ପାଇଁ ବ୍ୟବସ୍ଥା ହୋଇପାରିବ ବୋଲି ସାଂସଦ ଶ୍ରୀ ଟୁଡୁ ଆଶା ବ୍ୟକ୍ତ କରିଛନ୍ତି। ସେହିପରି ମୟୂରଭଞ୍ଜ ଜିଲ୍ଲା ଭିତରେ ତୃତୀୟ ଲାଇନ କାମ ଚାଲୁଥିବା ପ୍ରକଳ୍ପ କାମରେ ମୟୂରଭଞ୍ଜ ବାସୀଙ୍କ ସହଭାଗୀତା ଏବଂ ନିଯୁକ୍ତି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିବା ଜଣାଯାଇଛି।

# ବିଦାୟ କାଳୀନ ସମ୍ବର୍ଦ୍ଧନା



ବାରିପଦା,୨୮।୦୧ (ନି.ପ୍ର): ଓଡିଶା ମେଡିକାଲ, କର୍ମଚାରୀ ସଂଘ, ମୟୂରଭଞ୍ଜ ଜିଲ୍ଲା ଶାଖା, ବାରିପଦା, ସଂଘଗୃହଠାରେ ୭୨ତମ ସାଧାରଣ ତନ୍ତ୍ର ଦୀବସ ପାଳନ ହୋଇଯାଇଛି। ଏହି ଦୀବସରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରୂପାଭାନୁ ମିଶ୍ର ପତ୍ତାକା ଉତ୍ତୋଳନ କରିଥିଲେ। କିରୀରୁ ଅବସର ନେଇଥିବା, କାହ୍ନୁଚରଣ ସିଂଘଙ୍କୁ ଓଡିଶା ମେଡିକାଲ କର୍ମଚାରୀ ସଂଘ ତରଫରୁ ଅବସର କାଳୀନ ସମ୍ୱୋର୍ଦ୍ଧନା କଣାକ ଚକ୍ରଦେଇ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ରାଜ୍ୟ ଉପ-ସଭାପତି, ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ଦେଓ, ଜିଲ୍ଲା ସମ୍ପାଦକ ସୁସିଲ କୁମାର ସାହୁ, ସହ ସମ୍ପାଦକ ଦିଲ୍ଲିପ କୁମାର ମିଶ୍ର, ମେଡିକାଲ କଲେଜର୍‌ର ସମ୍ପାଦକ ମହେନ୍ଦ୍ର ପଲେଇ, କୋଷାଧକ୍ଷ ସୁବୋଧ ଜେନା ଏବଂ କର୍ମକର୍ତ୍ତା ବୃନ୍ଦ, ସନ୍ତୋଷ ନାୟକ, ପ୍ରମୋଦ କୁମାର ଦାଶବାବୁ, ଅରୁଣ ଦାଶ, ପ୍ରଭାକର ବେହେରା, ସୁବାସିନୀ ବେଣ୍ଟକାର, ସୁଚିସ୍ମିତା ମହାକୁଡ, ମମତା ସାହୁ, ସୁଲିତା ସୋରେନ, ସୁରେନ୍ଦ୍ର ମୁଖି, ଜୟନ୍ତ ମୁଖି, ବିଜୟ ବିଶ୍ୱାଳ, ମମତା ସାହୁ ପ୍ରମୁଖ ଉପସ୍ଥିତିରେ ବିଦାୟ କାଳୀନ ଉତ୍ସବ ପାଳନ କରାଯାଇଥିଲା।

## ଅରଡ଼ବଜାର ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ବାଲେଶ୍ୱର,୨୮।୦୧ (ନି.ପ୍ର): ବାଲେଶ୍ୱର ସହରର ଅରଡ ବଜାର ଠାରେ ଅରଡ଼ବଜାର ପ୍ରିମିୟର ଲିଗ -ସିଜନ ୩ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ ହୋଇଯାଇଛି । ରେବତୀ ପତ୍ରିକାର ସମ୍ପାଦିକା ତଥା ନାରୀନେତ୍ରୀ ସୁବାସିନୀ ଜେନା ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଂଟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ବାଲେଶ୍ୱର ସହର ତଥା ଆଖପାଖ ଅଂଚଳରେ ଲୁକ୍କାୟିତ କ୍ରୀଡା ପ୍ରତିଭା ବିକାଶ ପାଇଁ ଏହିଭଳି ଟୁର୍ଣ୍ଣାମେଂଟ ବେଶ ସହାୟକ ହୋଇପାରୁଛି ବୋଲି ଶ୍ରୀମତୀ ଜେନା ମତପ୍ରକାଶ କରିଥିଲେ । ଏହି ଟୁର୍ଣ୍ଣାମେଂଟ ଆୟୋଜନ କରୁଥିବା କର୍ମକର୍ତ୍ତାଙ୍କୁ ସେ ସାଧୁବାଦ ଜଣାଇଥିଲେ। ଯୁବନେତା ବିକ୍ରମ ପଣ୍ଡା, ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ସଭାପତି ସୀମନ ଦାସମହାପାତ୍ର, ମହିଳା ବିଜୁ ଜନତା ଦଳର ଟାଉନ ସଭାପତି ରଞ୍ଜିତା ମହାପାତ୍ର, ଆଇନଜୀବୀ ସୂର୍ଯ୍ୟକାନ୍ତ କର ପ୍ରମୁଖ ଏଥିରେ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଏହି ଭଳି ଆୟୋଜନ ଖେଳାଳିଙ୍କୁ ପ୍ରେରଣା ଦେବା ସହିତ ଜିଲ୍ଲା ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସେମାନେ ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇବେ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଆୟୋଜକ କମିଟିର ସମ୍ପାଦକ ଜମାଲ ଖାନ ଏଥିରେ ପୌରହିତ୍ୱ କରିବା ସହିତ ଟୁର୍ଣ୍ଣାମେଂଟର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଟୁର୍ଣ୍ଣାମେଂଟରେ ବାଲେଶ୍ୱର ସମେତ ବିଭିନ୍ନ ଜିଲ୍ଲାରୁ ୮ ଗୋଟି ଟିମ୍ ଅଂଶଗ୍ରହଣ କରୁଛନ୍ତି। ଏଥିରେ ପ୍ରତ୍ୟେକ ଦଳ ୧୪ ଲେଖାଏଁ ମ୍ୟାଚ ଖେଳିବାକୁ ସୁଯୋଗ ପାଇବେ ବୋଲି ଆୟୋଜକ କମିଟି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

## ଭାରତୀୟ ଜୀବନବୀମା ନିଗମର ସିଏବି ଶାଖାରେ ୭୨ତମ ସାଧାରଣତନ୍ତ୍ର ଦିବସ ପାଳିତ

ଭୁବନେଶ୍ୱର,୨୮।୦୧ (ନି.ପ୍ର): ଭାରତୀୟ ଜୀବନବୀମା ନିଗମ ସିଏବି ଶାଖା ବମିଖାଲ ତରଫରୁ ୭୨ତମ ସାଧାରଣତନ୍ତ୍ର ଦିବସ ପାଳନ ହୋଇଯାଇଛି । ଶାଖା ପ୍ରବନ୍ଧକ ଅରୁଣ କୁମାର ବିଶ୍ୱାଳ ଜାତୀୟ ପତାକା ଉତୋଳନ କରିଥିବା ବେଳେ ଶାଖା ପରିଚାଳକ (ସେଲ୍) ମନୋରଂଜନ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ଶାଖାର ଅନ୍ୟ କର୍ମଚାରୀ ମାନେ ଯୋଗ ଦେବା ସହିତ ଅଭିକର୍ତାମାନେ ଯୋଗ ଦେଇଥିଲେ। ଏହା ପରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଅଭିକର୍ତାମାନେ ପାଇଥିବା ଉପହାର ବଂଟନ କରିବା ସହ ଶାଖା ପ୍ରବନ୍ଧକ ଶ୍ରୀ ବିଶ୍ୱାଳ ଜୀବନ ବୀମା ସମ୍ପର୍କରେ ଅଭିକର୍ତା ମାନଙ୍କୁ ବୁଝାଇଥିଲେ ଏବଂ ଶାଖାର ଅନ୍ୟ କର୍ମଚାରୀମାନେ ତାଙ୍କର ଅଭିଭାଷଣ ରଖିଥିଲେ।

# ପାରାଦ୍ୱୀପ ଇଫ୍‌କୋ ପକ୍ଷରୁ ୭୨ତମ ସାଧାରଣତନ୍ତ୍ର ଦିବସ ପାଳିତ



ପାରାଦୀପ,୨୮।୦୧ (ନି.ପ୍ର): ଜାନୁଆରୀ ୨୬ ପବିତ୍ର ସାଧାରଣତନ୍ତ୍ର ଦିବସ ଉପଲକ୍ଷେ କୋଭିଡ୍-୧୯ ଅନୁଶୀଳନ ପୂର୍ବକ ଦେଶରେ ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଇଫ୍‌କୋ ପାରାଦ୍ୱୀପ ୟୁନିଟ୍ ପକ୍ଷରୁ ମଙ୍ଗଳବାର ଦିନ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏଥିରେ ୟୁନିଟ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ.ଜେ.ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ନିଜ ଅଭିଭାଷଣରେ ସାରା ବିଶ୍ୱରେ ସମବାୟ ସମିତି ମଧ୍ୟରେ ଇଫ୍‌କୋ ଶ୍ରେଷ୍ଠ ୩ଶହ ସ୍ଥାନ ମଧ୍ୟରେ ସ୍ଥାନୀତ ଥିବା ସୂଚନା ଦେଇ ଏଥିପାଇଁ ସମସ୍ତ କର୍ମଚାରୀ ମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇ ଏହି ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ । ତେବେ ଚଳିତ କୋଭିଡ୍-୧୯ ସଂକ୍ରମଣ ପ୍ରତିବନ୍ଧତା ସତ୍ୱେ ଇଫ୍‌କୋ ତାର ଉତ୍ପାଦନ, ସାର ସ୍ଥାନାନ୍ତରଣ ଓ ଯୋଗାଣ, ପରିବେଶ ଓ ଶିଳ୍ପ ସୁରକ୍ଷା କ୍ଷେତ୍ରରେ ରେକର୍ଡ ସୃଷ୍ଟି କରିବା ସହ ବିଭିନ୍ନ କ୍ଷେତ୍ରରେ ପୁରସ୍କାର ଲାଭ କରି କିର୍ତ୍ତୀମାନ ସ୍ଥାପନ କରିଥିବା ଶ୍ରୀ ପଟେଲ ଆଲୋକପାତ କରିଥିଲେ।

# କରୋନାରୁ ସୁସ୍ଥ ହେଲେଣି ୩୩୧୬୬୭

ଭୁବନେଶ୍ୱର,୨୮।୦୧ (ନି.ପ୍ର): ରାଜ୍ୟରୁ ଗରୁବାର ଦିନ ୧୩୨ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ନୂଆ ସୁସ୍ଥଙ୍କୁ ମିଶାଇଲେ ରାଜ୍ୟରୁ ଏଯାବତ ୩୩୧୬୬୭ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟ କରି ସୂଚନା ଦେଇଛି। ସୂଚନା ଅନୁଯାୟୀ ସୁନ୍ଦରଗଡ଼ରୁ ୨୩ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ପୁରୀରୁ ୨୦ଜଣ, ସମ୍ବଲପୁରରୁ ୧୯ଜଣ, ଅନୁଗୁଳରୁ ୧୩ଜଣ, ଯାଜପୁରରୁ ୮ଜଣ, ବରଗଡ଼ରୁ ୬ଜଣ, ଭଦ୍ରକରୁ ୬ଜଣ, କେନ୍ଦୁଝରରୁ ୪ଜଣ, ନୂଆପଡ଼ାରୁ ୪ଜଣ, ବଲାଙ୍ଗୀରରୁ ୩ଜଣ, କଟକରୁ ୩ଜଣ ଓ ଦେବଗଡ଼ରୁ ୩ଜଣ ଲେଖାଏଁ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ଜଗତସିଂହପୁରରୁ ୩ଜଣ, ଝାରସୁଗୁଡ଼ାରୁ ୩ଜଣ, ଖୋର୍ଦ୍ଧାରୁ ୩ଜଣ, ଗଜପତିରୁ ୨ଜଣ, ଗଞ୍ଜାମରୁ ୨ଜଣ, ମୟୁରଭଞ୍ଜରୁ ୨ଜଣ, ସୁବର୍ଣ୍ଣପୁରରୁ ୨ଜଣ, ବାଲେଶ୍ୱରରୁ ଜଣେ, ବୌଦ୍ଧରୁ ଜଣେ, କଳାହାଣ୍ଡିରୁ ଜଣେ ଓ ଷ୍ଟେଟପୁଲରୁ ଜଣେ ଲେଖାଏଁ କରୋନା ଆକ୍ରାନ୍ତ ଆଜି ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି।

## ପି.ଏମ୍. କିଷାନ ନିଧି ଟଙ୍କା ବୃଦ୍ଧି କରିବାକୁ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ଚିଠି

ଭୁବନେଶ୍ୱର,୨୮।୦୧ (ନି.ପ୍ର): ଆସନ୍ତା ୧ ତାରିଖ ଦିନ ସଂସଦରେ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ୍ ଆଗତ କରିବାକୁ ଯାଉଛନ୍ତି। ବଜେଟ୍ ଅଧିବେଶନର ଅବ୍ୟବହିତ ପୂର୍ବରୁ ପ୍ରଧାନମନ୍ତ୍ରୀ କିଶାନ ସମ୍ମାନ ନିଧି ଟଙ୍କା ବାର୍ଷିକ ୬ହଜାର ଟଙ୍କାରୁ୧୨ ହଜାର ଟଙ୍କାକୁ ବୃଦ୍ଧି କରିବା ପାଇଁ ବଜେଟ୍‌ରେ ବ୍ୟୟବରାଦ କରିବାକୁ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦାବି କରାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଗୁରୁବାର ଏ ସଂକ୍ରାନ୍ତରେ ଅର୍ଥମନ୍ତ୍ରୀଙ୍କୁ ଏକ ଚିଠି ଲେଖିଛନ୍ତି। ଶ୍ରୀ ବେହେରା ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ କରୋନା ସଂକ୍ରମଣ ଯୋଗୁଁ ଦେଶର ଭାଗଚାଷୀ ଏବଂ କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ତଥା ଦିନ ମଜୁରୀଆମାନଙ୍କର ଜୀବନ ଜୀବିକା ଉଜୁଡ଼ି ଯାଇଛି।

# ସାଂସଦଙ୍କ ଅଚାନକ ଏନ୍‌ଏସି କାର୍ଯ୍ୟାଳୟ ପରିଦର୍ଶନ : ଉନ୍ନୟନ କାର୍ଯ୍ୟର ସମୀକ୍ଷା



ଧାମନଗର,୨୮।୦୧ (ନି.ପ୍ର): ଭଦ୍ରକ ସାଂସଦ ଶ୍ରୀମତୀ ମଞ୍ଜୁଲତା ମଣ୍ଡଳ ନିଜ ଲୋକସଭା କ୍ଷେତ୍ରରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରୁଥିବାବେଳେ ଗୁରୁବାର ପୂର୍ବାହ୍ନରେ ଅଚାନକ ଧାମନଗର ଏନ୍‌ଏସି କାର୍ଯ୍ୟାଳୟ ପରିଦର୍ଶନ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ପ୍ରଚେଷ୍ଟାରେ ଅର୍ଥ ମଞ୍ଜୁର ହୋଇଥିବା ବସଷ୍ଟାଣ୍ଡ, ଟାଉନ୍‌ହଲ ଓ ଜଗୁସାଗର ପୋଖରୀର ପୁନରୁଦ୍ଧାର ନିମନ୍ତେ ଥିବା ଅର୍ଥକୁ ଟେଣ୍ଡର ଡ଼କାଇ ତୁରନ୍ତ କାର୍ଯ୍ୟ ଆରମ୍ଭ କରି ସମ୍ପୂର୍ଣ୍ଣ କରିବାପାଇଁ ସାଂସଦ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟରତ କଲ୍ୟାଣ ମଣ୍ଡପ, ସାଗର ଭୂୟାଁ ପାର୍କ, ମାର୍କେଟ କମ୍ପଲେକ୍ସ ଇତ୍ୟାଦିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ସମୀକ୍ଷା ସମୟରେ ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ, ବରିଷ୍ଠ ସମିତିସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ହରେକୃଷ୍ଣ ପାଢୀ, ନଗରସଭାପତି ସୁଶାନ୍ତ କୁମାର ରାଉତ, ନଗର ବିଜୁ ଯୁବସଭାପତି ସେକ୍ ସୟଫୁଦ୍ଦିନ୍, ବ୍ଲକ ବିଜୁ ଯୁବସଭାପତି ଭାରତ ବିଜୟ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମୀକ୍ଷା ବେଳେ ଧାମନଗର ଏନ୍‌ଏସି ଅଞ୍ଚଳରେ ଚାଲୁଥିବା ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ର ସାଂସଦ ଶ୍ରୀମତୀ ମଣ୍ଡଳଙ୍କୁ ଅବଗତ କରାଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### 'ସ୍କିଲିଂ ଦ ଗ୍ଲୋବାଲ୍ ୱାର୍କଫୋର୍ସ'....

ଏହାସହ ଭାରତ ଭବିଷ୍ୟତର ପିଢ଼ିକୁ ଆଗାମୀ ଦିନର କାର୍ଯ୍ୟ ଓ ରୂପରେଖ ପ୍ରସ୍ତୁତ କରିବା ଉପରେ ମଧ ସେ ମତବ୍ୟକ୍ତ କରିଥିଲେ । ସେ କହିଛନ୍ତ, ଦକ୍ଷତା ବିକାଶ ଉପରେ ପ୍ରାଧାନ୍ୟ ଦେଉଥିବା ଭାରତ ସରକାର ନୂଆ ଶିକ୍ଷା ନୀତି ମାଧ୍ୟମରେ ପରିବର୍ତ୍ତନ ଆଣି ଛାତ୍ରଛାତ୍ରୀଙ୍କୁ ନୂଆ ସମ୍ଭାବନା ପାଇଁ ପ୍ରସ୍ତୁତ କରିବାକୁ ପଦକ୍ଷେପ ନେଉଛନ୍ତି । ଏଥିରେ ଭାରତର ଦକ୍ଷତା ବୃଦ୍ଧି ପାଇଁ ସ୍କିଲଡ୍ ଇଣ୍ଡିଆ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ତଥା ସ୍କିଲ୍ ଇଣ୍ଡିଆ ପଦକ୍ଷେପ ଫଳରେ କାର୍ଲିଫର୍ଣ୍ଣିଆରେ ଥିବା ଚାଳକବିହୀନ କାର୍ କମ୍ପାନୀରେ ସର୍ଭର, ଯୋଜନା, ଜ୍ଞାନକୌଶଳର ସାହାଯ୍ୟ ପୂର୍ବ ଭାରତର ଭୁବନେଶ୍ୱର ଭଳି ସହରର ମାନବ ସମ୍ବଳ ସାହାଯ୍ୟ କରୁଅଛି । ବାସ୍ତବରେ ସମାଜରେ କିଭଳି ମାନବ ସମ୍ବଳର ଦକ୍ଷତା, ଆକାଂକ୍ଷା, ଜ୍ଞାନକୌଶଳ ଏବଂ ନିଯୁକ୍ତିର ବ୍ୟବହାର କରୁଛେ ତାହା ଉପରେ ମହାମାରୀ ସୁଯୋଗ ପ୍ରଦାନ କରିଛି । ଟେକ୍ନୋଲୋଜି, ଡିଜିଟାଲାଇଜେସନ ତଥା ଇଂଟରନେଟ୍ ସୁବିଧା ନୂଆ ତଥା ବର୍ତମାନ ମାନବସମ୍ବଳକୁ ନୂଆ ଦକ୍ଷତାକୁ ଉପଯୋଗ କରିବାର ସୁବିଧା ଯୋଗାଇଛି । ସ୍କିଲିଂ, ଅପସ୍କିଲିଂ, ରିସ୍କିଲିଂ କରିବା ଆମ ସମସ୍ତଙ୍କ ଦାୟିତ୍ୱ । ମହାମାରୀ ପରବର୍ତୀ ସମୟରେ ସରକାର, ଶିଳ୍ପ, ପ୍ରମୁଖ ବ୍ୟବସାୟୀ ତଥା ବ୍ୟକ୍ତିବିଶେଷଙ୍କ ମିଳିତ ଉଦ୍ୟମରେ କୌଶଳର ନୂଆ ରୂପରେଖ ପ୍ରସ୍ତୁତ କରିବା ଦିଗରେ କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ।

### ଶ୍ରୀରାମ ମନ୍ଦିର ....

ସେ ସପ୍ତମ ଶ୍ରେଣୀରେ ପଢୁଅଛି । ଅଭିଯାନର କାର୍ଯ୍ୟକର୍ତା ଯେତେବେଳେ ତାଙ୍କ ଘରେ ପହଁଚିଲେ ସେ ଜିଦ୍ ଧରିଲେ ମନ୍ଦିର ନିର୍ମାଣ ପାଇଁ ନିଧି ସମର୍ପଣ କରିବାକୁ । ଛୋଟ ପିଲା ଠାରୁ ନିଧି ନେବାକୁ ଅମଙ୍ଗ ହେଉଥିବା କାର୍ଯ୍ୟକତା ଶେଷରେ ପିଲାର ସମର୍ପଣ ଭାବ ଦେଖି ତାଠାରୁ ନିଧି ସଂଗ୍ରହ କରିଥିଲେ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡିଶା ପୂର୍ବର ସହ ପ୍ରାନ୍ତ ପ୍ରଚାର ପ୍ରମୁଖ ଶ୍ରୀ ସୁମନ୍ତ କୁମାର ପଣ୍ଡା,ପୂର୍ବକ୍ଷେତ୍ରର କ୍ଷେତ୍ର ପ୍ରଚାରକ ପ୍ରମୁଖ ଶ୍ରୀ ପ୍ରଶନ୍ନ ମିଶ୍ର ଓ ସୁଦିପ୍ତ ରାୟ ଏହି ନିଧି ଗ୍ରହଣ କରିଥିଲେ ।

### ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ...

ସ୍ୱାମୀନାଥନ୍ କମିଶନ ରିପୋର୍ଟକୁ ଲାଗୁ କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଆଉ କୃଷି ଆଇନକୁ ସିଧାସଳଖ ବିରୋଧ କରିବା ପରିବର୍ତେ ଏହାକୁ ଅଧିକ ତର୍ଜମା ପାଇଁ ସିଲେକ୍ଟ କମିଟିକୁ ପଠାଇବାର ଆବଶ୍ୟକତା ରହିଛି ବୋଲି କହି ବିଜେଡି ସାଂସଦମାନେ ନିଜର ଉତ୍ତରଦାୟିତ୍ୱ ଶେଷ କରିବେ ବୋଲି ଜଣାପଡ଼ିଛି। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଦ୍ୱିତୀୟ ପାଳି ସରକାରକୁ ବିଜେଡି ସର୍ବଦା ଅଯାଚିତ ସମର୍ଥନ ଯୋଗାଇ ଦେଇଆସିଛି। ଉଭୟ କଂଗ୍ରେସ ଓ ବିଜେପିଠୁ ସମଦୂରତ୍ୱ କଥା କହୁଥିବା ବିଜେଡି କିନ୍ତୁ କେନ୍ଦ୍ରର ବିଜେପି ନେତୃତ୍ୱାଧୀନ ସରକାରକୁ ଯେଭଳି ଢଙ୍ଗରେ ପ୍ରସଙ୍ଗଭିତ୍ତିକ ସମର୍ଥନ ଯୋଗାଇ ଆସୁଛି ତାହା ଦୁଇ ଦଳ ମଧ୍ୟରେ ଥିବା ଅଘୋଷିତ ସମ୍ପର୍କ ଆଡ଼କୁ ଇଙ୍ଗିତ କରୁଛି। ଯେଉଁଥିପାଇଁ କଂଗ୍ରେସ ନେତୃତ୍ୱରେ ୧୬ଟି ଦଳ ଯଥା ଏନସିପି,ଡିଏମକେ, ତୃଣମୂଳ କଂଗ୍ରେସ, ଶିବସେନା, ସମାଜବାଦୀ ପାର୍ଟି, ଆରଜେଡି, ସିପିଆଇ, ସିପିଏମ, ଇଣ୍ଡିଆନ ମୁସଲିମ୍ ଲିଗ, ଆରଏସପି, ଏମଡିଏମକେ,ପିଡିପି,ଏନସି ଭଳି ଦଳ ଆସନ୍ତାକାଲି ସଂସଦରେ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିଲେ ମଧ ଅଣଏନଡିଏ ଦଳ ବିଜେଡି ଏହାକୁ ସମର୍ଥନ କରିନାହିଁ।

### ଦୁଷ୍କର୍ମ ଉଦ୍ୟମରୁ ....

ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ। ନାବାଳିକା ଶିଶୁର ବେକ ଏବଂ ମୁହଁରେ ଗଭୀର ଆଘାତ ଲାଗିଛି। ଶିଶୁର ଅବସ୍ଥା ବର୍ତ୍ତମାନ ସଙ୍କଟାପନ୍ନ ରହିଛି। ଏଥିପାଇଁ ନାବାଳିକା ଶିଶୁକନ୍ୟାର ଚିକିତ୍ସା ପାଇଁ କଟକ ପଠାଯାଇଛି। ଅନ୍ୟପକ୍ଷରେ ଏହି ଘଟଣାରେ ସଂପୃକ୍ତ ମୁଖ୍ୟ ଅଭିଯୁକ୍ତ ଓ ସହଯୋଗୀକୁ ଧରାଯାଇଛି ଏବଂ ତଦନ୍ତ ପରେ ଦୋଷୀଙ୍କୁ କଠୋରରୁ କଠୋର ଦଣ୍ଡ ଦିଆଯିବ ବୋଲି କହିଛନ୍ତି ବ୍ରହ୍ମପୁର ଏସପି। ସୂଚନାଯୋଗ୍ୟ, ଗୋଳନ୍ଥରାର ସୋରଳ ଓଡ଼ିଆ କଲୋନୀର ବୁଦ୍ଧିଆ ବେହେରାଙ୍କ ୮ ବର୍ଷର ଶିଶୁକନ୍ୟା ଘର ବାହାରେ ଖେଳୁଥିଲା। ଏହି ସମୟରେ ଦୁଇଜଣ ଯୁବକ ଆସି ନାବାଳିକାକୁ ଉଠାଇ ନେଇ ଏକ କୋଠରୀ ଭିତରକୁ ନେଇ ତା'ର ଗଳା କାଟି ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଏହା ଦେଖି ଗାଁ ଲୋକେ ଜଣେ ଯୁବକକୁ ଧରି ନିସ୍ତୁକ ମାଡ଼ ମାରିଥିଲେ। ସେହିପରି ଆଉଜଣେ ଯୁବକଙ୍କୁ ଧରି ତାକୁ ଏକ ଇଲେକ୍ଟ୍ରି ପୋଲରେ ବାନ୍ଧି ଦେଇଥିଲେ।

### ପିପିଲି ଉପନିର୍ବାଚନ ....

ବାପା କହୁଥିଲେ, ମାଟି ପାଇଁ ମୁଁ ମଣିଷ, ମାଟି ପାଇଁ ଯାହା ଦରକାର କରିବି। ମାଟିରେ ମିଶିଯିବି। ଜନ୍ମ ବେଳୁ ବାପା ଏମଏଲଏ ଥିବାରୁ ଆମେ ପିଲାବେଳୁ ରାଜନୀତି ଦେଖି ଆସିଛୁ। ରାଜନୈତିକ ପରିବାରରେ ଜନ୍ମ ହୋଇଥିବାରୁ ସବୁ କାମ କରି ଚାଲିଛୁ। ତେଣୁ ମୁଁ ଜନ୍ମରୁ ପ୍ରସ୍ତୁତ ଅଛି। ଆମକୁ ଦଳରୁ ଯାହା ଆଦେଶ ଆସିବ ମୁଁ ଓ ମା ପାଳନ କରିବୁ। ମା'ଙ୍କର ବି ନିର୍ବାଚନ ପରିଚାଳନା ଅଭିଜ୍ଞତା ଥିବା ଜଣାଇଛନ୍ତି ରୁଦ୍ର। ଏଥିସହ କହିଛନ୍ତି, ସୁଯୋଗ ପାଇଲେ ମାଟିର ଉନ୍ନତି, ଯୁବପୀଢ଼ିର ଉନ୍ନତି, ପିପିଲି, ଡେଲାଙ୍ଗର ଉନ୍ନତିକୁ ଆଖି ଆଗରେ ରଖିବି। ବାପାଙ୍କ ଅଧୁରା ସ୍ୱପ୍ନ ପୂରଣ କରିବାକୁ ମୋ ପରିବାର ଚେଷ୍ଟା କରିବ। ବାପା ପରେ ମା' କିମ୍ବା ମୋତେ ଦାୟିତ୍ୱ ମିଳିଲେ ଆମେ ମିଳିମିଶି କାମ କରିବୁ ବୋଲି କହିଛନ୍ତି ରୁଦ୍ର। ସୂଚନାଯୋଗ୍ୟ, ବିଜେଡିର ଗଡ଼ କୁହାଯାଉଥିବା ପିପିଲି ବିଧାନସଭା କ୍ଷେତ୍ରରୁ ପ୍ରଦୀପ ମହାରଥୀ ୭ ଥର ବିଧାୟକ ଭାବେ ଜିତି ମନ୍ତ୍ରୀ ପଦ ବି ପାଇଥିଲେ।କରୋନାରେ ତାଙ୍କର ମୃତ୍ୟୁ ହେବାରୁ ପିପିଲିରେ ଉପନିର୍ବାଚନ ହେବାକୁ ଯାଉଛି।

### ସୂଚନାଧିକାର କର୍ମୀ....

ଏହି କାର୍ଯ୍ୟକ୍ରମରେ ସର୍ବଭାରତୀୟ ସୂଚନା ଅଧିକାର ଅଭିଯାନର ଆବାହକ ଶ୍ରୀମତୀ ଅଞ୍ଜଳି ଭରଦ୍ୱାଜ, ଅମ୍ରିତା ଜୋହରି, ବିଶିଷ୍ଟ ସମ୍ବାଦିକ ରବି ଦାସ, ସୁବାଷ ପଟ୍ଟନାୟକ, ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ସତ୍ୟପ୍ରକାଶ ନାୟକଙ୍କ ସମେତ ରାଜ୍ୟ ଅନେକ ସାମାଜିକ ସଂଗଠନ, ଦଳିତ ସଂଗଠନର କର୍ମକର୍ତ୍ତା, ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ରଞ୍ଜନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ହେବା ସହ ଏକ ସ୍ମରଣିକା 'ସଂଗ୍ରାମ ସରିନାହିଁ' ପ୍ରକାଶ ପାଇବ।

ସୂଚନାଯୋଗ୍ୟ ଯେ ଗତ ଜାନୁୟାରୀ ୨୦୨୦ରିଖରେ ରଞ୍ଜନ କୁମାର ଦାସଙ୍କୁ କିଛି ଦୁର୍ବୃତ୍ତ ହତ୍ୟା କରି ମାର୍ଶାଘାଇ ଥାନାସ୍ଥିତ ବେରୁହାଁ ରାସ୍ତାକଡ଼ରେ ଫୋପାଡ଼ି ଦେଇଥିଲେ। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ହୋଇଥିଲେ ମଧ ପୋଲିସ୍ ପ୍ରଶାସନ ଏହାକୁ ଏକ ଦୁର୍ଘଟଣାର ରୂପ ଦେଇଥିଲା। ମାତ୍ର ଅଦ୍ୟାବଧି ଏହି ଘଟଣାକୁ ପ୍ରାୟ ଏକବର୍ଷ ବିତିଯାଇଥିଲେ ମଧ ଅପରାଧୀକୁ ଗିରଫ ନକରିବା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି ଓଡ଼ିଶା ସୂଚନା ଅଧିକାର ଅଭିଯାନ ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ମତବ୍ୟକ୍ତ କରିଛନ୍ତି।

### ସନ୍ଧ୍ୟା ସାଢ଼େ ୫ଟା....

ରାଜ୍ୟର ସରକାରୀ ବ୍ୟବସ୍ଥାରେ ମହିଳାମାନେ ପୁରୁଷଙ୍କ ସହ ସମକକ୍ଷ ହୋଇ ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ଭାଳିଥିବା ବେଳେ ଏଭଳି ଅଜବ ଗଜବ ନିର୍ଦ୍ଦେଶନାମାକୁ ନେଇ ବିଭିନ୍ନ ମହଲରେ ବିସ୍ମୟ ସୃଷ୍ଟି ହୋଇଛି। ଏହି ପ୍ରଶ୍ନ ଉଠୁଛି ଯେ ଅପରାହ୍ଣ ସାଢ଼େ ୫ଟା ପରେ ମହିଳାଙ୍କ ପାଇଁ ଇଞ୍ଜିନିୟର-ଇନ୍-ଚିଫଙ୍କ କାର୍ଯ୍ୟାଳୟ କଣ ଅସୁରକ୍ଷିତ କି ? ନା ମହିଳାମାନେ ଅଫିସ୍ କାମ ସାରି ବିଳମ୍ବରେ ଘରେ ପହଞ୍ଚିବା ବେଳେ ଅସୁରକ୍ଷିତ ମନେ କରୁଥିବାରୁ ଏଭଳି ନିର୍ଦ୍ଦେଶ। ନା ୟା ପଛରେ ମହିଳା କର୍ମଚାରୀମାନେ ବିଳମ୍ବିତ ଅବଧି ଯାଏଁ ଉପସ୍ଥିତ ରହିଲେ ଅଫିସରେ କୌଣସି ଗୁପ୍ତ କାର୍ଯ୍ୟ ସମ୍ପର୍କରେ ଗୁମର ଖୋଲିଯିବାର ଚିନ୍ତା ରହିଛି ?

# ରାଉରକେଲା ପ୍ରସ୍ତାବିତ ଷ୍ଟାଡିୟମ୍‌ର ଅନୁଧ୍ୟାନ କଲେ କ୍ରୀଡା ମନ୍ତ୍ରୀ

ଭୁବନେଶ୍ୱର,୨୮।୦୧ (ନି.ପ୍ର): ରାଉରକେଲାରେ ପ୍ରସ୍ତାବିତ ସର୍ବବୃହତ୍ ଷ୍ଟାଡିୟମ୍ ର ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି ରାଜ୍ୟ ଓ କ୍ରୀଡା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା। ଗୁରୁବାର ପୂର୍ବାହ୍ନରେ ମନ୍ତ୍ରୀ ଶ୍ରୀ ବେହେରା ହେଲିକ୍ୟାପ୍‌ଟର ଯୋଗେ ଭୁବନେଶ୍ୱରରରୁ ଆସି କୋଇଡା ବ୍ଲକ୍ ଆଇଟିଆଇ ନିକଟରେ ଥିବା କମ୍ୟୁନିଟି ପଡ଼ିଆ ବୁଲି ଦେଖିବା ସହ ସିନ୍ଥେଟିକ୍ ଟର୍ଫ ନିର୍ମାଣ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ପରେ ଲହୁଣିପଡ଼ାରେ ହେବାକୁ ଥିବା ହକି ପଡ଼ିଆ, ବଣାଇ, ଗୁରୁଣ୍ଡିଆ, ଲାଠିକଟା ବ୍ଲକରେ ଥିବା ହକିପଡ଼ିଆ ବୁଲି ଦେଖିବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ଏହି ସମସ୍ତ ପଡ଼ିଆରେ ହକି ଟର୍ଫ ନିର୍ମାଣ ହେଲେ ରାଜ୍ୟ ହକିର ଅନେକ ଉନ୍ନତି ସାଧିତ ହେବା ସହିତ ଜିଲ୍ଲାକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବ । କେବଳ ସେତିକି ନୁହେଁ ନିର୍ମାଣ ପରେ ନୀଳରଙ୍ଗର ଏହି ଟର୍ଫଗୁଡ଼ିକ ଆକାଶ ମାର୍ଗରୁ ଜିଲ୍ଲାର ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିବ । ଆସନ୍ତା ଦୁଇଦିନ ମନ୍ତ୍ରୀ ଜିଲ୍ଲାରେ ରହିବା ସହ ସମସ୍ତ ବ୍ଲକ୍ ଗସ୍ତ କରି ଟର୍ଫ ନିର୍ମାଣ ଉପରେ ବିସ୍ତୃତ ଅନୁଧ୍ୟାନ କରିବା ସହିତ ଜିଲ୍ଲାରେ ଥିବା ଦୁଇଟି କ୍ରୀଡ଼ା ହଷ୍ଟେଲ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି। ଏଥି ସହିତ ଅନ୍ୟାନ୍ୟ କ୍ରୀଡ଼ା ଭିତିଭୂମି ଉପରେ ମନ୍ତ୍ରୀ ଶ୍ରୀ ବେହେରା ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ସୁକିନ୍ଦା ବିଧାୟକ ତଥା ସୁନ୍ଦରଗଡ଼ ଜିଲ୍ଲା ପର୍ଯ୍ୟବେକ୍ଷକ ଶ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କ ସମେତ ରାଉରକେଲା ବିଧାୟକ ଶ୍ରୀ ଶାରଦା ପ୍ରସାଦ ନାୟକ, ଉପଜିଲ୍ଲାପାଳ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଏବଂ ଲୋକପ୍ରତିନିଧିମାନେ ଉପସ୍ଥିତ ଥିଲେ । ପରେ ସ୍ଥାନୀୟ ବିଧାୟକଙ୍କ ଦ୍ୱାରା ହେଉଥିବା ଜନସଂପର୍କ କାର୍ଯ୍ୟକ୍ରମ ଏବଂ ଆମ ପରିବାର ପକ୍ଷରୁ ଅନୁଷ୍ଠିତ ରକ୍ତଦାନ ଶିବିରରେ ମନ୍ତ୍ରୀ ଶ୍ରୀ ବେହେରା ଯୋଗଦେଇଥିଲେ । ମନ୍ତ୍ରୀଙ୍କ ଏହି ଗସ୍ତ କ୍ରୀଡ଼ାବିତ୍, କ୍ରୀଡ଼ାପ୍ରେମୀ ଓ ଶୁଭେଚ୍ଛୁମାନଙ୍କ ମଧ୍ୟରେ ଆଶାର କିରଣ ସୃଷ୍ଟି କରିଛି । ମନ୍ତ୍ରୀଙ୍କ ଗସ୍ତ ଫଳରେ ସଂପୂର୍ଣ୍ଣ ଜିଲ୍ଲା ଚଳଚଂଚଳ ହୋଇଉଠିଛି । ଏଥି ସହିତ ସମସ୍ତ ବ୍ଲକ୍‌ରେ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ତତ୍ପରତା ଦେଖାଦେଇଛି ।

# ଚରମ୍ପା ବରିଷ୍ଠ ନାଗରିକ ସଂଘର ବାର୍ଷିକ ଯୋଜନା ଆଲୋଚନା ସଭା

ଭଦ୍ରକ,୨୮।୦୧ (ନି.ପ୍ର): ଚରମ୍ପା ବରିଷ୍ଠ ନାଗରିକ ସଂଘର ନବବର୍ଷର ବନ୍ଧୁ ମିଳନ ସହିତ ଚଳିତ ବର୍ଷ ନିମନ୍ତେ ଆଗାମୀ ଯୋଜନାର ରୂପରେଖ ସମ୍ପର୍କୀତ ଆଲୋଚନା ସଭା ବାଇପାସ୍ ଜଗନ୍ନାଥ ମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି। ଆଜି ପୂର୍ବାହ୍ଣରେ ସଂଘର ସଭାପତି ଗଗନ ବିହାରୀ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପ୍ରଥମେ ସମସ୍ତ ଅତିଥି, କର୍ମକର୍ତ୍ତାଗଣ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସଂଘର କୋଷାଧ୍ୟକ୍ଷ ସୁଦର୍ଶନ ବିଶ୍ୱାଳ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ସହିତ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ଭାବେ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ସଭାପତି ଅଜୟ ନାୟକ ଯୋଗ ଦେଇ ବରିଷ୍ଠ ନାଗରିକମାନଙ୍କ ସମସ୍ୟା ଏବଂ ଏହାର ନିରାକରଣ କ୍ଷେତ୍ରରେ ସଂଘର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଗାନ୍ଧି ବିଚାର ମଞ୍ଚର ସଭାପତି ଶାନ୍ତନୁ ରାଉତ ଯୋଗ ଦେଇ ବରିଷ୍ଠ ନାଗରିକ ସଂଘବଦ୍ଧ ହୋଇ ଦାବି ହାସଲ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ସୁଧାକର ରାଉତ ଯୋଗ ଦେଇ ଭଦ୍ରକରେ ଏକ ମେଡ଼ିକାଲ କଲେଜ ପ୍ରତିଷ୍ଠା ଦିଗରେ ବରିଷ୍ଠ ନାଗରିକମାନଙ୍କୁ ଏକ ହୋଇ ଆଗେଇ ଆସିବାକୁ ବକ୍ତବ୍ୟରେ ଅନୁରୋଧ କରିଥିଲେ। ସଂଘର ବରିଷ୍ଠ ସଭ୍ୟ, ଉପଦେଷ୍ଟାଙ୍କ ମଧ୍ୟରୁ ପଦ୍ମଲୋଚନ ମହାଳିକ, ବାବୁଲାଲ ଦାସ, ଅଜୟ କୁମାର ପାଢୀ, ଶଶୀକାନ୍ତ ପାଢୀ, ଆନନ୍ଦ ଚନ୍ଦ୍ର ପାଣିଗ୍ରାହୀ, ଗଣେଶ ଚନ୍ଦ୍ର ମହାପାତ୍ର, ବିନୋଦ ବାରିକ, କଳାକାର ମିଶ୍ର, ସୁରେନ୍ଦ୍ର ମଲିକ, ଜଗବନ୍ଧୁ ମହାନ୍ତି ପ୍ରମୁଖ ଉଦ୍‌ବୋଧନ ଦେଇ ସଂଘର ଉନ୍ନତି ପାଇଁ ବିଭିନ୍ନ ପ୍ରସ୍ତାବମାନ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ସେନାଅଧିକାରୀ ଗଣପତି ପାଣିଗ୍ରାହୀ, ଅବସରପ୍ରାପ୍ତ ଶିକ୍ଷକ ମଧୁସୂଦନ ପଣ୍ଡା, ଶିବେନ୍ଦ୍ର ପଣ୍ଡାଙ୍କୁ ସଂଘର ନୂତନ ସଦସ୍ୟ ଭାବେ ଗ୍ରହଣ କରାଯାଇଥିବା ବେଳେ ସଂଘର ବାକି ରହିଯାଇଥିବା ସଦସ୍ୟଙ୍କୁ ପୁଲିସ ପକ୍ଷରୁ ପ୍ରଦାନ କରାଯାଇଥିବା ପରିଚୟପତ୍ର ହସ୍ତାନ୍ତର କରାଯାଇଥିଲା।

# ଜେସିବି କମ୍ପାନିର ଚଞ୍ଚକତାରୁ କ୍ଷତିଗ୍ରସ୍ତ ଗ୍ରାହକଙ୍କ ଆତ୍ମହତ୍ୟା ଚେତାବନୀ

ବାଲେଶ୍ୱର,୨୮।୦୧ (ନି.ପ୍ର): ଋଣଅର୍ଥରେ ୨୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ଜେସିବି ପୋକଲିନ କିଣି ଠକାମୀର ଶିକାର ହୋଇଥିବା ରେମୁଣା ମେଣ୍ଡ୍ରା ଅଞ୍ଚଳର ଯୁବକ ଭକ୍ତହରି ଟୁଙ୍ଗ ସାମ୍ବାଦିକଙ୍କ ସମ୍ମୁଖରେ ନିଜର ଦୁଃଖ ପ୍ରକାଶ କରିଛନ୍ତି। ପଞ୍ଚୁଆଁପଦାସ୍ଥିତ ଉଠାଜଳସେଚନ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଟୁଙ୍ଗଙ୍କ ସମେତ ବରିଷ୍ଠ ଆଇନଜୀବୀ ମନୋଜ କୁମାର ନାୟକ ଯୋଗଦେଇ ଜେସିବି କମ୍ପାନି ଓ ଏହାର ବାଲେଶ୍ୱର ଅଧିକୃତ ବିକ୍ରେତାଙ୍କ ଚଞ୍ଚକତା ସମ୍ପର୍କରେ ସୂଚନା ଦେଇଛନ୍ତି। ସୁନ୍ଦରମ ଫାଇନାନ୍ସରୁ ୧୬ଲକ୍ଷ ୮୫ ହଜାର ଟଙ୍କାର ଋଣ ଓ ବାକି ଅର୍ଥ ଅନ୍ୟାନ୍ୟ ଉତ୍ସରୁ ନେଇ ଶ୍ରୀ ଟୁଙ୍ଗ ଖାନନଗର ସ୍ଥିତ ଜେସିବି କମ୍ପାନିର ଅଧିକୃତ ବିକ୍ରେତାଙ୍କଠାରୁ ୨୦୧୯ ମସିହା ଜୁଲାଇ ୩୧ ତାରିଖ ଦିନ ପୋକଲିନ କ୍ରୟ କରିଥିଲେ। ବାଲେଶ୍ୱର ଆରଟିଓଙ୍କଠାରେ ପଞ୍ଜୀକରଣ ପରେ ସେ କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ୩ ମାସଠାରୁ ଏହି ଜେସିବିରେ ପ୍ରତ୍ୟେକ ଦିନ କିଛିନା କିଛି ସମସ୍ୟା ଉପୁଜିବାରେ ଲାଗିଲା। କେତେବେଳେ ଫୁଏଲ ପମ୍ପ ଖରାପ ହେଲାଣି ତ ପୁଣି କେତେବେଳେ ଇଂଜିନ୍ ଟ୍ରବୁଲ ଦେଖାଇଲାଣି। ଅଭିଯୋଗ କରିବା ପରେ କମ୍ପାନି ପ୍ରତିନିଧି ଓ ମେକାନିକ ଆସି ମରାମତି କରନ୍ତି, ମାତ୍ର ପରବର୍ତ୍ତୀ ସମୟରେ ପୁଣି ଖରାପ ହୋଇଯାଏ। ଶେଷରେ ଅଧିକୃତ ବିକ୍ରେତା ଓ କମ୍ପାନି ପ୍ରତିନିଧି ଏହାର ଇଂଜିନ ପରିବର୍ତ୍ତନ ପାଇଁ ପ୍ରତିଶ୍ରୁତି ଦେଇ ମଧ୍ୟ ଅଦ୍ୟାବଧି କୌଣସି ପଦକ୍ଷେପ ନେଇ ନଥିବା ଶ୍ରୀ ଟୁଙ୍ଗ ଆରୋପ କରିଛନ୍ତି। ବାଧ୍ୟ ହୋଇ ଗତ ନଭେମ୍ବର ୧୧ ତାରିଖରେ ଏହି ପୋକଲିନକୁ ଶ୍ରୀ ଟୁଙ୍ଗ ଅଧିକୃତ ବିକ୍ରେତାଙ୍କ ଖାନନଗରସ୍ଥିତ ସୋ'-ରୁମରେ ପକାଇ ଆସିଥିଲେ ବି ରିପ୍ଲେସମେଣ୍ଟ ବାବଦରେ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇନଥିବା ସେ କହିଛନ୍ତି।

# ଜିଲ୍ଲାପାଳଙ୍କ ଦ୍ୱାରା ବାଇକ ଆମ୍ବୁଲାନ୍ସ ଉଦ୍‌ଘାଟିତ




ବାରିପଦା,୨୮।୦୧ (ନି.ପ୍ର): ଆଦିବାସୀ ଅଧ୍ୟୁଷିତ ବଣପାହାଡ ଘେରା ମୟୂରଭଞ୍ଜ ଜିଲ୍ଲାରେ ଅନେକ ଅଂଚଳ ଏମିତି ରହିଛି ଯେଉଁଠିକୁ ୧୦୮ ଆମ୍ବୁଲାନ୍ସ ପହଂଚି ପାରେ ନାହିଁ ଫଳରେ ରୋଗୀ ଅନେକ ସମୟରେ ଖଟିଆରେ ବୁହାହେବା ଭଳିପରିସ୍ଥିତି ସୃଷ୍ଟି ହୋଇଥାଏ। ତେବେ ଆଜି ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଜିଲ୍ଲାର ଅପହଂଚ ଇଲାକାରେ ରହିଥିବା ଯଶିପୁର, ବାଦାମ ପାହାଡ ଓ ଗୋରୁମହିଷାଣି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ୩ଟି ବାଇକ ଅମ୍ବୁଲାନ୍ସର ଉଦଘାଟନ କରିଥିବାର ଜଣା ଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ପରିଚାଳିତ ହେବାକୁ ଥିବା ଏହି ୩ଟି ବାଇକ ଆମ୍ବୁଲାନ୍ସ କଲ ପାଇବା ମାତ୍ରେ ଅପହଂଚ ଏରିଆରୁ ରୋଗୀକୁ ତୁରନ୍ତ ହସପିଟାଲ ଆଣିବାର ବନ୍ଦବସ୍ତ କରିବେ ବୋଲି ଜଣାଯାଇଛି। ପ୍ରଥମ ପର୍ଯ୍ୟାୟରେ ୩ଟି ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଥିଲା ବେଳେ ଏହାର କାର୍ଯ୍ୟକାରିତାକୁ ଲକ୍ଷରେ ରଖି ଆଗକୁ ଅଧିକ ବାଇକ ଆମ୍ବୁଲାନ୍ସର ବନ୍ଦୋବସ୍ତ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ କହିଛନ୍ତି। ଏହି ଉଦଘାଟନୀ ଉତ୍ସବରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାଃ ରୂପଭାନୁ ମିଶ୍ର, ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି, ହସପିଟାଲର ଡିପିଏମ, ହସପିଟାଲ ମେନେଜର ପ୍ରମୁଖ ବହୁ ବିଭାଗୀୟ ଅଧିକାରୀ ମଧ ଉପସ୍ଥିତ ଥିଲେ।

# କଳିଙ୍ଗ ବିଦ୍ୟୁତ କର୍ମଚାରୀ ସଂଘର ୨୬ତମ ସାଧାରଣ ସଭା

ଭଦ୍ରକ,୨୮।୦୧ (ନି.ପ୍ର): କଳିଙ୍ଗ ବିଦ୍ୟୁତ କର୍ମଚାରୀ ସଂଘ ଭଦ୍ରକର ୨୬ତମ ସାଧାରଣ ସଭା ବାଇପାସ୍ ସ୍ଥିତ ନେସ୍କୋ ଡିଭିଜନ ଅଫିସ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ସଭାରେ ଶ୍ରମ ଆଇନ ଓ ଏହାର ପ୍ରଭାବ, ବିଦ୍ୟୁତ କ୍ଷେତ୍ରରେ ପୁନଃ ଘରୋଇ କରଣକୁ ବିରୋଧ, କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କୁ ନିୟମିତ କରାଯିବା, ମୃତ କର୍ମଚାରୀମାନଙ୍କର ଉତ୍ତରାଧିକାରୀଙ୍କ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା, କର୍ମଚାରୀମାନଙ୍କର ୭ମ ବେତନ କମିଶନରେ ଥିବା ଦରମାର ତାରତମ୍ୟର ସମାଧାନ, ସମସ୍ତ ଫ୍ୟୁଜ୍ କଲ ସେଣ୍ଟରରେ ସ୍ଥାୟୀ କାର୍ଯ୍ୟାଳୟର ବ୍ୟବସ୍ଥା, ମିଟର ରିଡର ଏବଂ ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କୁ କମ୍ପାନୀରେ ସ୍ଥାୟୀ ନିଯୁକ୍ତି ପ୍ରଦାନ, ଓପିଟିସିଏଲ୍ ଏବଂ ନେସ୍କୋ ମ୍ୟାନେଜମେଣ୍ଟଙ୍କ ମନମୁଖୀ କାର୍ଯ୍ୟକଳାପକୁ ବନ୍ଦ କରିବା, ଆଗାମୀ ଫେବୃଆରୀ ୩ ତାରିଖ ଏନ୍.ସି.ସି.ଓ.ଇ.ଇ.ଇ. ଡାକରା ଦେଇଥିବା ବିଦ୍ୟୁତ କର୍ମଚାରୀ ଏବଂ ଇଂଜିନିୟରମାନଙ୍କ ଆନ୍ଦୋଳନକୁ କିପରି ଭାବରେ ଓଡ଼ିଶାରେ ସଫଳ କରାଯିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଏସ.ଇ.ସି. ଭଦ୍ରକ ସର୍କଲ ଇଂ ରାଜୀବ ନାୟକ, ସଭାପତି ଅସୁରାଳି ବି.ଇ.ଏସ୍.ଟି.ର ଅଧ୍ୟକ୍ଷ ଇଂ ରବୀନ୍ଦ୍ର କୁମାର ଜେନା, ମୁଖ୍ୟବକ୍ତା ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଯତୀନ କୁମାର ରାୟ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯତୀନ ପଣ୍ଡା, ପଶ୍ଚିମ ଓଡ଼ିଶା ବିଦ୍ୟୁତ ଲେବର ୟୁନିଅନ ସମ୍ବଲପୁରର ସାଧାରଣ ସମ୍ପାଦକ ଲଳିତ କୁମାର ପଟ୍ଟନାୟକ ଯୋଗ ଦେଇ ବକ୍ତବ୍ୟ ରଖିଥିବା ବେଳେ ଇ.ଇ.ଏଫ୍. ଆଇ. ସମ୍ପାଦକ ପ୍ରଣୟ କୁମାର ନାୟକ, ଓଡ଼ିଶା ବିଦ୍ୟୁତ କର୍ମଚାରୀ ସଂଘ ବାଲେଶ୍ୱରର ସଭାପତି ବିଷ୍ଣୁ ମହାନ୍ତି, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଦାସ, ଭଦ୍ରକ ସିଟୁ ନେତା ଦିବ୍ୟସିଂହ ନାୟକ, କଳିଙ୍ଗ ବିଦ୍ୟୁତ କର୍ମଚାରୀ ସଂଘ ଭଦ୍ରକର ଉପଦେଷ୍ଟା ଦିଲିପ ମହାପାତ୍ର, ସଭାପତି ସୁରେନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଦିପକ କୁମାର ବାରିକ, ସହସାଧାରଣ ସମ୍ପାଦକ ପ୍ରଭାକର ପ୍ରଧାନ, ସଂଗଠନ ସମ୍ପାଦକ ବସନ୍ତ କୁମାର ମହାନ୍ତି, ଉପସଭାପତି ଶୁଭେନ୍ଦୁ କୁମାର ବେହେରା, ନିଳାଦ୍ରୀ, ସୁଭାଶିଷ୍, ପ୍ରମୁଖ ପରିଚାଳନା କରିଥିଲେ।

## ଧ୍ରୁବ ଚରଣ ମହାପାତ୍ର ଜଟଣୀ ବିଧାୟକଙ୍କ ପ୍ରତିନିଧି ନିଯୁକ୍ତ

ଭୁବନେଶ୍ୱର,୨୮।୦୧ (ନି.ପ୍ର): ଜଟଣୀ ବ୍ଲକ ଅଧିନସ୍ଥ ପଦନପୁର ପଂଚାୟତ ର ପୂର୍ବତନ ସରପଂଚ ଧ୍ରୁବ ଚରଣ ମହାପାତ୍ରଙ୍କୁ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନୂତନ ପ୍ରତିନିଧି ଭାବେ ନିଯୁକ୍ତି ଦିଆଯାଇଛି। ପୂର୍ବରୁ ୨୦୧୯ ମସିହାରେ ଜଟଣୀ ବ୍ଲକ ର ପ୍ରତିନିଧି ଭାବେ ବିଜୟ କୁମାର ଛୋଟରାୟଙ୍କୁ ନିଯୁକ୍ତି ଦିଆଯାଇଥିଲା । କିନ୍ତୁ ସେ ଜନ ବିରୋଧୀ ଏବଂ ଦଳ ବିରୋଧୀ କାର୍ଯ୍ୟ କରିବାରୁ ତାଙ୍କୁ ଉକ୍ତ ପ୍ରତିନିଧି ପଦବୀରୁ ୨୨/୧/୨୧ ତାରିଖ ପରିବର୍ତନ କରାଯାଇଛି ବୋଲି ବିଧାୟକଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ବାରିପଦା ମୋହରିର୍ ସଂଘ ପକ୍ଷରୁ ୭୨ତମ ସାଧାରଣତନ୍ତ୍ର ଦିବସ ପାଳିତ



ବାରିପଦା,୨୮।୦୧ (ନି.ପ୍ର): ଜିଲ୍ଲା ମୋହରିର୍ ସଂଘ ବାରିପଦା ଆନୁକୂଲ୍ୟରେ ୭୨ତମ ସାଧାରଣତନ୍ତ୍ର ଦିବସ ମହା ସମାରହୋରେ ପାଳୀତ ହୋଇଯାଇଛି। ଏହି ସଭାପରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା-ସବରେଜିଷ୍ଟ୍ରାର୍ ମିହିର ରଞ୍ଜନ ବେହେରା, ଜାତୀୟ ପତାକା ଉୋଳନ କରିଥିଲେ ଓ ଦେଶ ଉଦ୍ଦେଶ୍ୟରେ ଶାନ୍ତି, ମୈତ୍ରୀ ଓ ସଂଘତିର ବାର୍ତ୍ତା ଦେଇଥିଲେ। ସଭାର ସଭାପତି ଶରତ ଚନ୍ଦ୍ର ନାୟକ, ଉଦୟ ନାୟକ, ଧନିରାମ ସୋରେନ, ଲକ୍ଷ୍ମୀଧର ମହାନ୍ତି ପ୍ରମୁଖ ଗଣତନ୍ତ୍ର ମୂଲ୍ୟବୋଧ ବିଷୟରେ ଆଲୋଚନା କରିଥିଲେ। ସଂଘର ସମ୍ପାଦକ ସଂଗ୍ରାମ ଶତପଥୀ ସୁଚନା ଦେଇଥିବା ବେଳେ ଉପସଭାପତି ଚତୁର୍ଭୂଜ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ କୋଷାଧକ୍ଷ ଯତିନ ଚନ୍ଦ୍ର ଗିରି, କାର୍ଯ୍ୟକାରିଣୀ ସଦସ୍ୟ ପିତାମ୍ବର ମଲ୍ଲିକ, ବିରେନ୍ଦ୍ର ଷଡଙ୍ଗି, ବିରେନ୍ଦ୍ର ଭଞ୍ଜ, ଅନନ୍ତ ଚରଣ ଦାସ, ବିଜୟାନନ୍ଦ ଦେ, ତ୍ରିଲୋଚନ କମିଳା, ଶୈଳେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟରେ ଆଜି ଯାଏ ୧ ଲକ୍ଷ ୭୮ ହଜାର ୨୨୭ ଟୀକାକରଣ

ଭୁବନେଶ୍ୱର,୨୮।୦୧ (ନି.ପ୍ର): ରାଜ୍ୟରେ ଆଜି ଯାଏ ୧ଲକ୍ଷ୭୮ହଜାର ୨୨୭ ଟୀକାକରଣ ହୋଇଛି ବୋଲି ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ। ସେ କହିଛନ୍ତି ଯେ ବାକି ୧ ଲକ୍ଷ ୬୦ ହଜାର ୪୭୩। ଆଜି ସବୁ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଚାଲିଛି। ଆସନ୍ତା୧୦ ସୁଦ୍ଧା ସବୁ ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଥମ ଡୋଜ ଟୀକାକରଣ କରିବୁ। ପଞ୍ଜିକୃତ ହୋଇଥିବା ସ୍ୱାସ୍ଥ୍ୟ କର୍ମୀ ମେସେଜ ପାଇବା ସତ୍ତ୍ୱେ ଟୀକା ଗ୍ରହଣ ନ କରନ୍ତି, ସେମାନଙ୍କୁ ସରକାରଙ୍କ ତରଫରୁ ଆଉ ମାଗଣା ଟୀକା ଦିଆଯିବ ନାହିଁ। ତେଣୁ ଆମେ ଅନୁରୋଧ କରୁଛୁ, ସେମାନେ ଟୀକା ନେଇ ନିଜେ ସୁସ୍ଥ ରୁହନ୍ତୁ ଓ ସମସ୍ତଙ୍କୁ ସୁରକ୍ଷିତ ରଖନ୍ତୁ ବୋଲି ସେ କହିଛନ୍ତି ।

# ସାହିତ୍ୟର ସମୃଦ୍ଧି ପାଇଁ ଶବ୍ଦ ଭଣ୍ଡାର ସହ ସମ୍ପର୍କ ଜରୁରୀ

## କବି ସୂର୍ଯ୍ୟମଣି ବିଶ୍ୱାଳ ସ୍ମୃତି ସମାରୋହ



ଭଦ୍ରକ,୨୮।୦୧ (ନି.ପ୍ର): ଶବ୍ଦର ସମ୍ଭାର ଦ୍ୱାରା ଭାଷା ଓ ସାହିତ୍ୟ ସୃଷ୍ଟି ହୁଏ ଓ ସମ୍ବନ୍ଧ ମଧ ହୋଇଥାଏ। ଏଣୁ ସାହିତ୍ୟର ସମୃଦ୍ଧି ପାଇଁ ଶବ୍ଦ ଭଣ୍ଡାର ସହ ନିବିଡ଼ ସମ୍ପର୍କ ଜରୁରୀ ବୋଲି ସାହିତ୍ୟିକ, ସଂଗଠକ ତଥା ଆଦର୍ଶ ଶିକ୍ଷକ ସୂର୍ଯ୍ୟମଣି ବିଶ୍ୱାଳଙ୍କ ନବମ ବାର୍ଷିକ ଉତ୍ସବରେ ଆକାଶବାଣୀ କଟକର ପୂର୍ବତନ ନିର୍ଦ୍ଦେଶକ ଡ. ଶାନ୍ତନୁ କୁମାର ରଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମତବ୍ୟକ୍ତ କରିଛନ୍ତି। ସାହିତ୍ୟିକ ତଥା ସ୍ତମ୍ଭକାର ଇଂ ଅଭୟ ସୂତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ସମାରୋହକୁ ଭଦ୍ରକ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଉକ୍ତ ଉତ୍ସବରେ ବିଶିଷ୍ଟ ସମାଜସେବୀ ପଞ୍ଚାନନ ରାଉତ, ବିଶିଷ୍ଟ ପ୍ରବଚକ ତଥା ଅମୃତ ଦର୍ଶନର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଭଦ୍ରକ ଜିଲ୍ଲା ଲେଖକ ସାମ୍ମୁଖ୍ୟର ସମ୍ପାଦକ ନୀହାର ରଂଜନ କର ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସମାରୋହରେ ଆଦର୍ଶ ଶିକ୍ଷକ ତଥା ଭଣ୍ଡାରିପୋଖରୀ ଅନୁଶିକ୍ଷାଧିକାରୀ ପୁରୁଷୋତ୍ତମ ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ନାଟ୍ୟଶ୍ରୀ ନିର୍ମଳ ରାଉତ ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ। ଦେବବ୍ରତ ବ୍ରହ୍ମଚାରୀ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ କବୟିତ୍ରୀ ତଥା ଶିକ୍ଷୟିତ୍ରୀ ମନୋରମା ରାୟ ମାନପତ୍ର ପାଠ କରିଥିଲେ। ଏହି ଅସବରରେ ଦୟାନିଧି ମିଶ୍ର ଓ ଚୈତାଳୀ ଖିଲାରଙ୍କ ସଂଯୋଜନାରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ କଳ୍ପନା ଜେନା, ରବି ନାରାୟଣ ଖିଲାର ଅତିଥି ଭାବେ ଯୋଗ ଦେଇଥିଲା ବେଳେ ଦୟାନିଧି ମିଶ୍ର, ପୁରୁଷୋତ୍ତମ ଧଳ, ଜାନକୀ ପାଢୀ କବିତା ପାଠ କରିଥିଲେ। ଶିକ୍ଷକ ବ୍ରଜ କିଶୋର ପ୍ରଧାନ ଉତ୍ସବ ପରିଚାଳନା କରିଥିଲେ।

# ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନ ପକ୍ଷରୁ ରକ୍ତଦାନ

ବାଲେଶ୍ୱର,୨୮।୦୧ (ନି.ପ୍ର): ଅଖିଳ ଭାରତୀୟ ମହିଳା ସମ୍ମେଳନର ରକ୍ତଦାନ ପକ୍ଷ ପାଳନ ଅବସରରେ ବାଲେଶ୍ୱର ଶାଖା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଲାୟନ୍ସ କ୍ଲବ ପରିସରରେ ଆୟୋଜିତ ଏହ ଶିବିରକୁ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସମ୍ପ୍ରତି ରାଜ୍ୟରେ ରକ୍ତର ଅଭାବ ପୂରଣରେ ଏହିଭଳି ଶିବିର ଆୟୋଜନ ବେଶ ସହାୟକ ହୋଇପାରୁଛି ବୋଲି ଶ୍ରୀ ଷଡ଼ଙ୍ଗୀ ମତପ୍ରକାଶ କରିଥିଲେ । ଆଧୁନିକ ବିଜ୍ଞାନ ସମ୍ମତ ସମାଜରେ ରକ୍ତର ବିକଳ୍ପ ଆଜି ଯାଏ ସୃଷ୍ଟି ହୋଇପାରିନାହିଁ । ରକ୍ତ ଅଭାବରୁ ଗୋଟିଏ ହେଲେ ଜୀବନ ଯେମିତି ନଷ୍ଟ ନ ହୁଏ ତାହା ପ୍ରତ୍ୟେକଙ୍କ ଲକ୍ଷ୍ୟ ହେବା ଉଚିତ ବୋଲି ମନ୍ତ୍ରୀ ଶ୍ରୀ ଷଡଙ୍ଗୀ ପରାମର୍ଶ ଦେଇଥିଲେ । ଅଖିଳ ଭାରତୀୟ ମହିଳା ସମ୍ମେଳନ ପକ୍ଷରୁ ସମଗ୍ର ଦେଶରେ ରକ୍ତଦାନ ଶିବିର ଆୟୋଜନ ହେଉଥିବାରୁ ଶ୍ରୀ ଷଡଙ୍ଗୀ ସଂଗଠନର ସମସ୍ତ କର୍ମକର୍ତାଙ୍କୁ ସାଧୁବାଦ ଜଣାଇଥିଲେ । ଜିଲ୍ଲା ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ଏବଂ ଅଖିଳ ଭାରତୀୟ ମହିଳା ସମ୍ମେଳନର ଉତ୍ତର ପ୍ରାନ୍ତ ପ୍ରମୁଖ ତଥା ରକ୍ତ ସଂଗ୍ରହ ଅଭିଯାନର ଚେୟାରପର୍ସନ ଅଞ୍ଜୁ ସରାଓ୍ୱଗୀ ଏଥିରେ ଅନ୍ୟତମ ଅତିଥିଭାବେ ଯୋଗଦେଇ ଏହି ଭଳି ରକ୍ତଦାନ ଶିବିର ଅନ୍ୟମାନଙ୍କୁ ବେଶ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ଅଖିଳ ଭାରତୀୟ ମହିଳା ସମ୍ମେଳନ ସମଗ୍ର ଦେଶରେ ପ୍ରତ୍ୟେକ ବର୍ଷ ଦୁଇଥର ରକ୍ତଦାନ ପକ୍ଷ ପାଳନ କରୁଥିବା ବେଳେ ୨୦୨୧ ବର୍ଷର ପ୍ରଥମ ପକ୍ଷ ଜାନୁଆରୀ ୨୨ ତାରିଖରୁ ଆରମ୍ଭ ହୋଇଥିବା ଶ୍ରୀମତୀ ସରାଓଗୀ ସୂଚନା ଦେଇଥିଲେ ।

# ଭଦ୍ରକ ସାଂସଦଙ୍କ ଧାମନଗର- ଫଳପୁର ରାସ୍ତା ତଦାରଖ

## ବିଧାୟକ କହିଥିଲେ କାମ ନିମ୍ନମାନର, ସାଂସଦ କହିଲେ କାମ ଠିକ୍ ଚାଲିଛି



ଧାମନଗର,୨୮।୦୧ (ନି.ପ୍ର): ଭଦ୍ରକ ସାଂସଦ ଶ୍ରୀମତୀ ମଞ୍ଜୁଲତା ମଣ୍ଡଳ ଆଜି ଧାମନଗର- ଫଳପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣ କାର୍ଯ୍ୟ ତଦାରଖ କରିଛନ୍ତି। ଭଦ୍ରକ ସାଂସଦଙ୍କ ଏହି ରାସ୍ତା ପରିଦର୍ଶନକୁ ନେଇ ଧାମନଗରରେ ଚର୍ଚ୍ଚା ଜୋର ଧରିଛି। କିଛିମାସ ତଳେ ଫଳକ ସ୍ଥାପନକୁ ନେଇ ଦୁଇ ରାଜନୈତିକ ଦଳ ମଧ୍ୟରେ ବାଦ ବିବାଦ ଦେଖାଦେଇଥିବାବେଳେ ସେମାନଙ୍କ ପତିଆରା ଜାହିରକୁ ନେଇ ଆରୋପ ପ୍ରତ୍ୟାରୋପ ଚାଲିଥିଲା। ଏବେ ନିମ୍ନମାନର କାମକୁନେଇ ରାଜନୀତି ଜୋର ଧରିଛି। ଏହି ରାସ୍ତାରେ ହେଉଥିବା ଫେବର ପିଚୁ ଓ କଂକ୍ରିଟ କାମକୁ କିଛିଲୋକ ହାତରେ ତାଡ଼ିଥିବାବେଳେ ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଧାମନଗର ବିଧାୟକ ବିଷ୍ଣୁ ସେଠୀ ସେଠାରେ ପହଂଚି ନିମ୍ନମାନର କାମ ହେଉଥିବା ଅଭିଯୋଗ କରି ବିଭାଗୀୟ ଯନ୍ତ୍ରୀଙ୍କୁ କାମ ବନ୍ଦକରିପାଇଁ କହିଥିଲେ। ମାତ୍ର ଆଜି ସେହି ରାସ୍ତାକୁ ଖୋଦ୍ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ପରିଦର୍ଶନରେ ଯାଇଥିବାବେଳେ ରାସ୍ତା କାମ ଏଷ୍ଟିମେଟ୍ ଅନୁସାରେ ହେଉଥିବା ଅନୁଭବ କରିଥିଲେ। ଏନେଇ ସାଂସଦ ଶ୍ରୀମତୀ ମଣ୍ଡଳ, ଧାମନଗର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖ ରାସ୍ତାକାମ ଠିକ୍ ଚାଲିଛିବୋଲି କହିବା ସହ ବିରୋଧିଦଳ ମିଛରେ ଲୋକମାନଙ୍କୁ ବିଭ୍ରାନ୍ତ କରୁଛି ବୋଲି କହିଥିଲେ। ଧାମନଗର ଅଞ୍ଚଳରେ ହେଉଥିବା ଉନ୍ନତିମୂଳକ କାର୍ଯ୍ୟକୁ ନେଇ ବିରୋଧିଦଳ ହୀନ ରାଜନୀତି ନକରିବାକୁ ବ୍ଲକ ଅଧ୍ୟକ୍ଷ ଶ୍ରୀନାୟକ କହିଥିଲେ। ତେବେ ଏଠାରେ ସରକାରୀ ଓ ବିରୋଧିଦଳଙ୍କ ମଧ୍ୟରେ ରାସ୍ତାକାମକୁ ନେଇ ଆରୋପ ପ୍ରତ୍ୟାରୋପ ଚାଲିଥିବାବେଳେ ବିଭାଗୀୟ ଯନ୍ତ୍ରୀଙ୍କ ବୟାନ ବଦଳିବାକୁ ନେଇ ବୁଦ୍ଧିଜୀବୀମାନେ ନାପସନ୍ଦ କରିଛନ୍ତି। ସାଂସଦଙ୍କ ଏହି ସମୀକ୍ଷା ସମୟରେ ବିଜୁ ଜନତାଦଳର ବ୍ଲକ ସଭାପତି ଉମେଶଚନ୍ଦ୍ର ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିନୋଦ ନାୟକ, ବରିଷ୍ଠ ସମିତିସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ହରେକୃଷ୍ଣ ପାଢୀ, ଦଳର ବ୍ଲକ ଉପସଭାପତି ରାମଚନ୍ଦ୍ର ସାହୁ, ଯୁବସଭାପତି ଭାରତବିଜୟ ଦଳାଇ, ନଗରସଭାପତି ସୁଶାନ୍ତ କୁମାର ରାଉତ, ବିଜୁ ଯୁବ ସଭାପତି ସେକ୍ ସୟଫୁଦ୍ଦିନ୍, ବିଜେଡ଼ି ନେତା ଦୟାନିଧି ମିଶ୍ର, ବିଜେଡ଼ି ନେତା ସୁଶାନ୍ତ ପଣ୍ଡା, ପ୍ରତାପ ସାମଲ, ମାନସ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମ୍ପୃକ୍ତ ରାସ୍ତାକୁ ପୂର୍ତ୍ତବିଭାଗକୁ ହସ୍ତାନ୍ତର କରିବାପାଇଁ ସ୍ଥାନୀୟ ଅଞ୍ଚଳବାସୀ ସାଂସଦଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଉକ୍ତ ରାସ୍ତାକୁ ପୂର୍ତ୍ତବିଭାଗରେ ସାମିଲ କରିବାପାଇଁ କରିଥିବା ପ୍ରଚେଷ୍ଟାକୁ ପୂରଣ କରିବା ସହିତ ଉକ୍ତ ରାସ୍ତା ଦୁଇପାର୍ଶ୍ୱକୁ ଚଉଡ଼ା କରିବା ପାଇଁ ସାଂସଦ ଶ୍ରୀମତୀ ମଣ୍ଡଳ ଉପସ୍ଥିତ ଜନସାଧାରଣଙ୍କୁ ପ୍ରତିଶୃତି ଦେଇଥିଲେ।

OFFICE OF THE EXECUTIVE ENGINEER
BALASORE (ROADS & BUILLDINGS) DIVISION-1
AT/PO- PADHUAPADA, BALASORE

CONTACT NO:- 06782262045
E mail ID :- ee_blsrb@yahoo.co.in

BID INVITATION NO. EE (R and B) BLS-Diva-1-27/2020-21
Letter No.- 1027 /WE Date : 25/01/21

| | | | |
|---|---|---|---|
| 1 | The Executive Engineer, Balasore (R & B) Division-I, Balasore on behalf of the Governor of Odisha invites {ercentage rate bids to be received in **ONLINE MODE** only for road and Building works | | |
| 2. | No of Work : | : | 5 Nos |
| 3. | Nature of Work : | : | Road & Building works of Balasore (R&B) Division-I |
| 4. | Class of Contractor : | : | "D", "C" Class |
| 5. | Approx. value of work : | : | Rs. 5.31 Lakhs to 14.72 Lakhs |
| 6. | Tender Cost : | : | Rs. 4000/- & 6,000/- |
| 7. | Availability of Bid Documents in the website | : | From 10.00 Hours of Dt. 01.02.2021 to 16.00 hours of dt. 10.02.2021 |
| 8. | Date of Opening of Bid : | : | Dt. 12.02.2021 at 11.00 Hours |
| 9. | Other details can be seen in the Bidding documents from the website : https://tendersorissa.gov.in | | |

OIPR : 34078/11/0022/2021

Executive Engineer,
Balasore (R & B) Division-I

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo